NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

TUESDAY
24 JUNE 2025
ମଙ୍ଗଳବାର
୨୪ ଜୁନ୍ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 40 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୪୦ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

## ନିଜଆଡୁ ହସ୍ତକ୍ଷେପ କଲେ ଏନ୍ଏଚ୍ଆର୍ସି

ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:




**ଗୋପାଳପୁର ଗଣଦୁଷ୍କର୍ମ ମାମଲା**

ବହୁ ଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ଘଟଣାରେ ଜାତୀୟ ମାନବାଧିକାର କମିଶନ(ଏନ୍ଏଚ୍ଆରସି) ନିଜ ଆଡୁ ହସ୍ତକ୍ଷେପ କରିଛନ୍ତି। ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଏହାକୁ ଏକ ଗମ୍ଭୀର ମାନବାଧିକାର ଉଲ୍ଲଂଘନ ଭାବେ ଏନ୍ଏଚ୍ଆରସି ଗ୍ରହଣ କରିଛନ୍ତି।ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଜାତୀୟ ମାନବାଧିକାର କମିଶନ ଓଡିଶା ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଓ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କୁ ନୋଟିସ୍ ଜାରି କରିଛନ୍ତି। ୨ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍ଏଚ୍ଆରସି ସ୍ୱତନ୍ତ୍ର ଭାବରେ ତଦନ୍ତର ସ୍ଥିତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପୁନର୍ବାସ, କ୍ଷତିପୂରଣ କିମ୍ବା ପରାମର୍ଶ ସହାୟତା ବିଷୟରେ ବିବରଣୀ ଦାଖଲ ▶▶ ୫

## ବଜ୍ରମାଡ଼ରେ ଦଧିନଉତି ଚୂର୍ମାର୍

ଢେଙ୍କାନାଳ,୨୩।୬/ଏନ୍ଏନ୍ଏସ୍:



ବଜ୍ରପାତରେ ଢେଙ୍କାନାଳ ଜିଲ୍ଲା ବିଶ୍ୱପ୍ରସିଦ୍ଧ ଯୋରନ୍ଦା ମହିମାଗାଦିର ପୂର୍ବ ମୁଖଶାଳା ଦଧିନଉତି ସମ୍ପୂର୍ଣ୍ଣ ଭାଙ୍ଗି ଚୂର୍ମାର୍ ହୋଇଯାଇଛି। ରବିବାର ରାତି ପ୍ରାୟ ସାଢ଼େ ୯ ଟା ସମୟରେ ପ୍ରବଳ ଘଡ଼ଘଡ଼ି ସହିତ ବର୍ଷା ଓ ବଜ୍ରାଘାତ ହୋଇଥିଲା। ରବିବାର ସକାଳେ ଦଧିନଉତିଟି ବଜ୍ରାଘାତରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ଏହି ଥରକୁ ମିଶାଇ ଗାଦି ମନ୍ଦିରରେ ତୃତୀୟ ଥର ପାଇଁ ବଜ୍ରାଘାତ ହୋଇଛି ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ କହିଛନ୍ତି। ଏ ସମ୍ପର୍କରେ ବଳ୍କଳଧାରୀ ମହିମା ସମାଜ ସମ୍ପାଦକ ବାବା ନିତ୍ୟାନନ୍ଦ ଦାସ ଓ ବରିଷ୍ଠ ସନ୍ୟାସୀ ଦୀନବନ୍ଧୁ ଦାସ କହିଛନ୍ତି ଯେ ଗାଦି ମନ୍ଦିର ଦୀର୍ଘ ୨୫ ବର୍ଷ ହେଲା ଆର୍ଥିଙ୍ଗ ହୋଇଥିଲା। ଆଜିର ଏହି ଅଘଟଣ ପରେ ଇଞ୍ଜିନିୟରଙ୍କୁ ଡକାଯାଇ ମରାମତି କରାଯିବ ବୋଲି ଉଭୟ କହିଛନ୍ତି। ୨୦୧୫ ମସିହାରେ ବଜ୍ରାଘାତରେ ଗାଦି ମନ୍ଦିର ସପ୍ତଫେଣି କ୍ଷତିଗ୍ରସ୍ତ ▶▶ ୫

## ଯୁବକଙ୍କୁ ୫ ରାଉଣ୍ଡ ଗୁଳିମାଡ଼

ବାରିପଦା,୨୩।୬/ଏନ୍ଏନ୍ଏସ୍:



ମୟୂରଭଞ୍ଜ ଜିଲ୍ଲା ୧୮ ନମ୍ବର ଜାତୀୟ ରାଜପଥ ବାଇଗଣବାଡ଼ିଆ-କୁଚେଇ ମଝିରେ ଆଜି ଜଣେ ଯୁବକଙ୍କ ଉପରକୁ ୫ରାଉଣ୍ଡ ଗୁଳିମାଡ଼ ହୋଇଛି। ସେଥିରୁ ଗୋଟିଏ ଗୁଳି ତାଙ୍କ ଜଙ୍ଘରେ ବାଜିଥିବା ବେଳେ ଆଉ ଗୋଟିଏ ଗୁଳି ମୁଣ୍ଡରେ ବାଜିଛି। ଏଥିରେ ଗୁରୁତର ଯୁବକଙ୍କୁ ପ୍ରଥମେ ବାରିପଦା ପିଆରଏମ୍ ମେଡିକାଲ୍ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକ ଜଣକ କୁଲିଅଣା ଥାନା କାମତା ଗ୍ରାମର ଶିବାନନ୍ଦ ବାରିକ(୩୦)ବୋଲି ଜଣାଯାଇଛି।

ସୂଚନାଯୋଗ୍ୟ, ଶିବାନନ୍ଦ କୁଲିଅଣା ସ୍ଥିତ ମଦ କାଉଣ୍ଟରରୁ ଟଙ୍କା ନେଇ ଜାତୀୟ ରାଜପଥ ନଂ ୧୮ଦେଇ ବାରିପଦା ଆସୁଥିବା ବେଳେ ଦୁଇଟି ବାଇକରେ ୪ ଜଣ ଯୁବକ ତାଙ୍କୁ ପିଛା କରିଥିଲେ। ହଠାତ କୁଚେଇ-ବାଇଗଣବାଡ଼ିଆ ରାସ୍ତା ନିକଟରେ ତାଙ୍କ ଉପରକୁ ୫ ରାଉଣ୍ଡ ଗୁଳି ▶▶ ୫

**ପିଜି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ**

## ୭୫୨୯ ମନୋନୀତ

ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:

୨୦୨୫-୨୬ ଶିକ୍ଷାବର୍ଷ ଲାଗି ରାଜ୍ୟର ୧୨୧ଟି ଶିକ୍ଷାନୁଷ୍ଠାନରେ ପିଜି ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଯେଉଁଥିରେ ୭୫୨୯ଜଣ ମନୋନୀତ ହୋଇଛନ୍ତି। ସେଥିରୁ ଛାତ୍ରଙ୍କ ସଂଖ୍ୟା ୨୩୫୬ଜଣ ରହିଥିବା ବେଳେ ଛାତ୍ରୀଙ୍କ ସଂଖ୍ୟା ୫୧୭୩ଜଣ ରହିଛନ୍ତି। ତେବେ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀ ଆସନ୍ତାକାଲି ଅର୍ଥାତ ୨୪ତାରିଖ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଆସନ୍ତା ୨୬ତାରିଖ ନାମଲେଖାଇ ପାରିବେ। ୧୨୧ଟି ଶିକ୍ଷାନୁଷ୍ଠାନ ମଧ୍ୟରୁ ୨୦ଟି ବିଶ୍ୱବିଦ୍ୟାଳୟ ଏବଂ ୧୦୧ଟି କଲେଜ ରହିଛି। ବିଭିନ୍ନ ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ମୋଟ ୩୧ହଜାର ୧୫୪ ଟି ସିଟ୍ ରହିଥିବା ▶▶ ୫

## ବାଇକ୍‌କୁ ପିଟିଲା ଟ୍ରକ୍, ୨ ମୃତ

ସୁନ୍ଦରଗଡ଼,୨୩।୬/ଏନ୍ଏନ୍ଏସ୍:

ସୁନ୍ଦରଗଡ଼ ଜିଲ୍ଲାର ବାଙ୍କିବାହାଲ ଭେଡାବାହାଲ କୋଲ୍ କରିଡୋର ରାସ୍ତାରେ ବାଇକ୍‌କୁ ଏକ ଟ୍ରକ୍ ପିଟିବାରୁ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଭେଡାବାହାଲ ଗ୍ରାମର ଶୁଭମ ବାରିକ ଏବଂ ତ୍ରିଲୋଚନ ସେଠ ହୋଇଥିବାବେଳେ ଗୁରୁତର ଜଣକ ହେଉଛନ୍ତି ବିକାଶ ନାଏକ। ସୂଚନା ମୁତାବକ ଭେଡାବାହାଲ ଗ୍ରାମର ସମ୍ପୃକ୍ତ ୩ ଜଣ ଯୁବକ କୌଣସି କାମରେ ବାଇକ୍ ଯୋଗେ ବ୍ରାହ୍ମଣୀପାଲି ଗାଁକୁ ଯାଉଥିଲେ। ତେବେ ରାସ୍ତାରେ ଯିବା ବେଳେ ବ୍ରାହ୍ମଣୀପାଲି ନିକଟରେ ଏକ ଟ୍ରକ୍ ଉକ୍ତ ବାଇକ୍‌କୁ ପଛରୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ୩ ଜଣ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଶୁଭମ ଏବଂ ତ୍ରିଲୋଚନଙ୍କ ମୃତ୍ୟୁ ହୋଇଥିବା ବେଳେ ବିକାଶ ଗୁରୁତର ହୋଇଥିଲେ। ତାଙ୍କୁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି।

**ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ ମୁଖ୍ୟମନ୍ତ୍ରୀ**

# 'ଯୁବ ବର୍ଗ ପାଇଁ ଅସୀମ ସମ୍ଭାବନାର ରାଜ୍ୟ ହେବ ଓଡ଼ିଶା'

ଭୁବନେଶ୍ୱର,ଆସ୍କା, ୨୩।୬/ଏନ୍ଏନ୍ଏସ୍:




**୫୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ**

**ତାରାତାରିଣୀ ମନ୍ଦିରର ବିକାଶ ପାଇଁ ହେବ ରିଭାଇଜ୍ ଡିପିଆର୍**

**ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି:ମୁଖ୍ୟମନ୍ତ୍ରୀ**


ଯୁବ ବର୍ଗ ହେଉଛନ୍ତି ଆମ ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ। ଅସୀମିତ ଶକ୍ତିର ଭଣ୍ଡାର। ଓଡ଼ିଶାରେ ଏହି ପ୍ରଡକ୍ଟିଭ ଏଜ୍ ଗ୍ରୁପରେ ୧୫ ରୁ ୩୫ ବର୍ଷ ମଧ୍ୟରେ ଜନସଂଖ୍ୟା ହେଉଛି ୧.୭ କୋଟି। ଆମର ଏହି ବିପୁଳ ଯୁବ ଶକ୍ତିର ସାମର୍ଥ୍ୟ ଉପରେ ଭରସା କରି ଆମେ ଭବିଷ୍ୟତ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛୁ। ଯୁବ ବର୍ଗ ପାଇଁ ଓଡ଼ିଶା ଅସୀମ ସମ୍ଭାବନାର ରାଜ୍ୟ ହେବ। ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି। ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତି ହେବ। ଓଡ଼ିଶାର ଏହି ଲକ୍ଷ୍ୟ ହାସଲରେ ଯୁବ ଶକ୍ତି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଗଞ୍ଜାମ ଜିଲ୍ଲା ଆସ୍କା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ ଯୁବ ସମାଜକୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲ୍ଲାରେ ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏଥିରେ ୫ଟି ଜଳସେଚନ ପ୍ରକଳ୍ପ, ଗୋଟିଏ ସଡ଼କ ପ୍ରଶସ୍ତୀକରଣ ପ୍ରକଳ୍ପ, ଗୋଟିଏ ହାଇ ଲେଭେଲ୍ ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ମା' ତାରତାରିଣୀ ମନ୍ଦିର ଉନ୍ନତିକରଣ ପାଇଁ ରିଭାଇଜ୍ ଡିପିଆର୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୋଲସରାରେ ଏକ ବିଶ୍ୱସ୍ତରୀୟ ଶିଳ୍ପ ତାଲିମ ପ୍ରତିଷ୍ଠାନ ପାଇଁ ଜାଗା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛୁ। ମୌଳିକ ଶିକ୍ଷାର ଉନ୍ନତି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛୁ। ପିଲାମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ୫୮ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟବହାରିକ ଶିକ୍ଷା ଜ୍ଞାନରେ ତାଲିମ ଦେଉଛୁ। ଯୁବ ବର୍ଗଙ୍କ ଦକ୍ଷତା ବୃଦ୍ଧି ଉପରେ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଆମର ଏହି ସବୁ କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡ଼ିଶାର ଯୁବ ବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ସବୁଠାରୁ ଅଧିକ ଯୋଗ୍ୟ କରି ଗଢିତୋଳିବ। ସାରା ବିଶ୍ୱରେ ସେମାନଙ୍କର ଚାହିଦା ବଢ଼ିବ।ସେ ପୁଣି କହିଥିଲେ କ୍ରୀଡ଼ା ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ଆପଣ ଦକ୍ଷତା ବଳରେ ଯଶ ଓ ▶▶ ୫

## ଓଡ଼ିଶାରେ ଦିଲ୍ଲୀ ଯୁବତୀଙ୍କୁ ଅସଦାଚରଣ

ଯାଜପୁର,୨୩।୬/ଏନ୍ଏନ୍ଏସ୍:



**ପୁଣି ବଦନାମ**

ଗୋପାଳପୁର ବେଳାଭୂମି ଘଟଣା ନେଇ ରାଜ୍ୟ ଦେଶ ତଥା ବିଦେଶରେ ବଦନାମ୍ ହୋଇଛି। କିନ୍ତୁ ରାଜ୍ୟରେ ଏଭଳି ଘଟଣା ଗୋଟିକ ପରେ ଗୋଟିଏ ଘଟିବାରେ ଲାଗିଛି। ରବିବାର ସନ୍ଧ୍ୟାରେ ଯାଜପୁରରେ ଏକ ଅସଦାଚରଣ ଘଟଣା ଘଟିଛି। ବନ୍ଧୁଙ୍କ ସହ ଓଡ଼ିଶା ଭ୍ରମଣରେ ଆସିଥିବା ଦିଲ୍ଲୀର ଜଣେ ଯୁବତୀଙ୍କୁ ଯାଜପୁର ଜିଲ୍ଲାର ଦଶରଥପୁର ଅଞ୍ଚଳରେ ଦୁଇଜଣ ଯୁବକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ଯୁବତୀଙ୍କୁ ଉଦ୍ଧାର କରିବାକୁ ଘଟଣା ସ୍ଥଳରେ ପହଞ୍ଚିଥିବା ୩ ସମ୍ପର୍କୀୟ ମଧ୍ୟ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ହୋଇଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗକୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ପୁଲିସର ନୀରବତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ଥାନା ଅନ୍ତର୍ଗତ ତରାଙ୍ଗସାଗରପୁର କରଞ୍ଜାମାଳ ଅଞ୍ଚଳର ସ୍ୱର୍ଗତ ଚନ୍ଦ୍ରଶେଖର ଦାସଙ୍କ ଝିଅ ତପସ୍ୱିନୀ ଦାସ ଦିଲ୍ଲୀରେ ରୁହନ୍ତି। ଚଳିତ ମାସ ୨୧ ତାରିଖରେ ପଡୁଥିବା ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ତପସ୍ୱିନୀ ଏବଂ ଦିଲ୍ଲୀରେ ବସବାସ କରୁଥିବା ତାଙ୍କ ବାନ୍ଧବୀ ପୂଜା ପରମାର ଘରକୁ ଆସିଥିଲେ। ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟପରେ ସାଙ୍ଗ ପୂଜାଙ୍କ ଆଗ୍ରହ କ୍ରମେ ▶▶ ୫

## ଧରାପଡ଼ିଲେ ଲାଞ୍ଚୁଆ ସିଡିପିଓ, ଆକାଉଣ୍ଟାଣ୍ଟ

କଟକ,୨୩।୬/ଏନ୍ଏନ୍ଏସ୍:

ଲାଞ୍ଚ ନେବା ବେଳେ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ସିଡିପିଓ ସୁଶୀଳା ଶବର ଏବଂ ଆକାଉଣ୍ଟାଣ୍ଟ ରାମଚନ୍ଦ୍ର ପାତ୍ର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଜଣେ ଡୋଙ୍ଗରିଆ କନ୍ଧ ମହିଳାଙ୍କୁ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ପାଇଁ ସିଡିପିଓ ଏକ ଲକ୍ଷ ଟଙ୍କା ରାମଚନ୍ଦ୍ରଙ୍କ ମାଧ୍ୟମରେ ଲାଞ୍ଚ ମାଗିଥିଲେ। କଥାନୁସାରେ ଅଭିଯୋଗକାରିଣୀ ପ୍ରଥମେ ରାମଚନ୍ଦ୍ରଙ୍କ ୟୁପିଆଇରେ ୨୦ହଜାର ଟଙ୍କା ସୁଶୀଳାଙ୍କ ପାଇଁ ଦେଇଥିଲେ। ତେବେ ପରବର୍ତ୍ତୀକାଳରେ ଅଭିଯୋଗକାରିଣୀ ଜଣକ ଏ ବାବଦରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଯୋଜନା ଅନୁସାରେ ଅଭିଯୋଗକାରିଣୀ ଅବଶିଷ୍ଟ ୮୦ ହଜାର ଟଙ୍କା ତାଙ୍କ ଅଫିସ୍‌ରେ ଲାଞ୍ଚ ଦେଉଥିଲା ବେଳେ ତତ୍‌କ୍ଷଣାତ ସେଠାରେ ▶▶ ୫

**ଉଦ୍‌ବେଗ ପ୍ରକାଶ କଲେ ରାଜ୍ୟପାଳ**

## କେନ୍ଦ୍ରୀୟ ଯୋଜନା ବିଷୟରେ ରାଜ୍ୟର ୯୫% ଲୋକ ଅଜ୍ଞ

ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:

**ଅନେକ ସରକାରୀ ଅଧିକାରୀ ବି ଜାଣିନାହାନ୍ତି**



କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଅନେକ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ରାଜ୍ୟର ୫ ପ୍ରତିଶତ ଲୋକ ଜାଣିଥିବାବେଳେ ବାକି ୯୫% ଲୋକ ଏପର୍ଯ୍ୟନ୍ତ ଅଜ୍ଞ। ଖାଲି ସାଧାରଣ ଲୋକ ନୁହଁନ୍ତି ଅନେକ ସରକାରୀ ଅଧିକାରୀ ମଧ୍ୟ କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନା ବିଷୟରେ ଜାଣିନାହାନ୍ତି। ସୋମବାର ରାଜ ଭବନର ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ସଚେତନତା ଅଭିଯାନରେ ଯୋଗଦେବା ଅବସରରେ ରାଜ୍ୟର ଏଭଳି ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ରାଜ୍ୟରେ ଅନେକ ନାଗରିକ ଅନ୍ତର୍ଭୁକ୍ତ ହୋଇନଥିବାରୁ ରାଜ୍ୟପାଳ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ ନିରାପତ୍ତା ସମ୍ପର୍କିତ ସଚେତନତା ଅଭିଯାନରେ ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଭାରତ ସରକାର ଅନେକ ଲୋକକୈନ୍ଦ୍ରିକ କଲ୍ୟାଣ ଯୋଜନା ପ୍ରବର୍ତ୍ତନ କରିଛନ୍ତି। ଏହା ମଧ୍ୟରୁ ଅନେକ ଯୋଜନା ଗରିବ, ଦୁର୍ବଳ ଏବଂ ଅବହେଳିତ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ଏବଂ କଲ୍ୟାଣମୂଳକ ଲାଭ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିବାବେଳେ କେତେକ ଯୋଜନା ସାଧାରଣ ଲୋକଙ୍କ କଲ୍ୟାଣ ▶▶ ୫

**୧୧ଦିନରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ**

# ୟୁଏସ୍ ଏୟାରବେସ୍ ଉପରେ ଇରାନ୍‌ର ଆକ୍ରମଣ

ତେହରାନ୍, ତେଲ ଅଭିଭ, ୨୩।୬/ଏଜେନ୍ସି:



ଶନିବାର ବିଳମ୍ବିତ ରାତିରେ ଆମେରିକା ପ୍ରଚଣ୍ଡ ଆକ୍ରମଣ କରିବା ପରେ ସୋମବାର ଇସ୍ରାଏଲ୍ ପକ୍ଷରୁ ପୁଣିଥରେ ଇରାନ୍ ଉପରେ ଭୟାବହ ଆକ୍ରମଣ କରାଯାଇଛି। ରିପୋର୍ଟ ଅନୁସାରେ ଇସ୍ରାଏଲ ସେନା (ଆଇଡିଏଫ୍) ପକ୍ଷରୁ ସୋମବାର ହୋଇଥିବା

**ଆଇଡିଏଫ୍-ଆଇଆର୍‌ଜି ଆକ୍ରମଣ ପ୍ରତିଆକ୍ରମଣ ଜାରି**

ଆକ୍ରମଣରେ ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଇରାନ୍‌ରେ ଥିବା ୬ଟି ବାୟୁସେନା ଘାଟି, ରନ୍‌ୱେ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଇରାନ୍ ଏଫ୍-୧୪, ଏଫ୍-୫ ଭଳି ଫାଇଟର ଜେଟ୍ ସହ ଏକ ଏଏଚ୍-୧ ଏୟାରକ୍ରାଫ୍ଟ ମଧ୍ୟ ନଷ୍ଟ ହୋଇଯାଇଛି। ଇସ୍ରାଏଲ ଆକ୍ରମଣରେ ଇରାନ୍‌ର ଅଧିକାଂଶ ଅଞ୍ଚଳର ବାୟୁମଣ୍ଡଳରେ କଳାଧୂଆଁ ଉଚ୍ଚସ୍ତର ପର୍ଯ୍ୟନ୍ତ ଦେଖିବାକୁ ମିଳିଛି। ଇସ୍ରାଏଲ ପକ୍ଷରୁ ଆଜିର ଆକ୍ରମଣ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି ଯେ, ସୋମବାର ହୋଇଥିବା ଆକ୍ରମଣରେ ଇସ୍ରାଏଲ ସେନା ଇରାନର ଅର୍ଦ୍ଧସାମରିକ ରିଭଲ୍ୟୁସନରୀ ଗାର୍ଡର ସୁରକ୍ଷା ମୁଖ୍ୟାଳୟ, ସହରର ପାଲେଷ୍ଟାଇନ୍ ସ୍କୋୟାର ଏବଂ ଅର୍ଦ୍ଧସାମରିକ ବାସିଜ୍ ଭଲ୍ୟୁଣ୍ଟେୟାର କର୍ପସ କୋଠାକୁ ମଧ୍ୟ ଟାର୍ଗେଟ କରିଛି। ସେହିପରି ଇରାନ୍‌ର ସାମରିକ ଘାଟି ଆକ୍ରମଣରେ ନଷ୍ଟ ହୋଇଥିବା ଇରାନୀ ବିମାନଗୁଡ଼ିକ ଇସ୍ରାଏଲୀ ବାୟୁସେନା ଜେଟ୍‌ଗୁଡ଼ିକୁ ଅଟକାଇବା ପାଇଁ ଥିଲା। ଆକ୍ରମଣରେ ଇରାନ୍‌ର ଏକାଧିକ ଭୂତଳ ହ୍ୟାଙ୍ଗର, ଇନ୍ଧନ ଭର୍ତ୍ତି ବିମାନ ଏବଂ ତେହରାନ୍‌ର ପ୍ରସିଦ୍ଧ ଏଭିନ୍ ପ୍ରିଜନ୍ ମଧ୍ୟ ନଷ୍ଟ ହୋଇଥିବା ଆଇଡିଏଫ୍ ଦାବି କରିଛି।

ଅନ୍ୟପକ୍ଷେ ଇରାନ ମଧ୍ୟ ପାଲଟା ଜବାବରେ ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନର ଏକ ବଡ଼ ଆକ୍ରମଣ କରିଛି। ଇସ୍ରାଏଲ୍‌ର ଆସଦୋଦ୍ ସହର ସମେତ ଅନ୍ୟ କେତେକ ସହରକୁ ଇରାନ୍ ସେନା (ଆଇଆର୍‌ଜି) ଟାର୍ଗେଟ୍ କରି ଆକ୍ରମଣ କରିଛି। ଏଥିସହ ଇରାନ୍ ଆମେରିକାକୁ ମଧ୍ୟ ଚେତାବନୀ ଦେଇ କହିଛି ଯେ, ଇରାନ୍ ସରକାର ଏବେ ନିଜ ସେନାକୁ ଆମେରିକା ଏବଂ ଆମେରିକୀୟ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିବା ପାଇଁ 'ଫ୍ରି ହ୍ୟାଣ୍ଡ' କରିଛି। ଇରାନ୍‌ର ଏପ୍ରକାର ଚେତାବନୀ ଆସିବାର କିଛି ସମୟ ମଧ୍ୟରେ କତାର ଏବଂ ଇରାକ୍‌ରେ ଥିବା ଆମେରିକୀୟ ଏୟାରବେସ୍‌ଗୁଡ଼ିକ ଉପରେ ଇରାନ୍‌ର ରିଭଲ୍ୟୁସନାରୀ ଗାର୍ଡ଼ସ (ସେନା ବାହିନୀ) ଆକ୍ରମଣ କରିଥିବା ସୂଚନା ମିଳିଛି। କତାରର ଅଲ୍ ଉଦିଦ୍ ସ୍ଥିତ ଆମେରିକାର ଏୟାର ମିଲିଟାରୀ ବେସ୍ ଉପରେ ଇରାନ୍ ପକ୍ଷରୁ ପ୍ରାୟ ୬ ମିସାଇଲ୍ ମାଡ଼ କରାଯାଇଥିବା ବେଳେ ▶▶ ୫

## ବଢ଼ିବ ବର୍ଷା, ଅରେଞ୍ଜ ଆଲର୍ଟ ଜାରି

ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:

ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିବ। ବର୍ଷା ସାଙ୍ଗକୁ ଝଟକା ପବନ, ବିଜୁଳି ଓ ଘଡ଼ଘଡ଼ି ହେବା ନେଇ ପୂର୍ବାନୁମାନ କରାଯାଇଛି। ତେବେ ୨୫ ତାରିଖ ବେଳକୁ ବର୍ଷା ବଢ଼ିବ। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୨୫ ଓ ୨୬ ତାରିଖ ଦୁଇଦିନ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ୨ ଦିନ ଓଡ଼ିଶା ଉପକୂଳ ଅଞ୍ଚଳରେ ଘଣ୍ଟା ପ୍ରତି ୫୫ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ତେବେ ମିଳିଥିବା ସୂଚନା ଅନୁସାରେ, ରଥଯାତ୍ରାରେ ମଧ୍ୟ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସହ ବଜ୍ରପାତ ଓ ଝଟକା ପବନର ବେଗ ଘଣ୍ଟାପ୍ରତି ୩୦-୪୦ କିମି ବହିବାର ସମ୍ଭାବନା ରହିଛି। ସେଥିଲାଗି ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା. କୋରାପୁଟ, ନବରଙ୍ଗପୁର, ପୁରୀ, ଜଗତସିଂହପୁର, ବୌଦ୍ଧ, ▶▶ ୫

## 'ରାଜ୍ୟକୁ ଏବେ ନାହିଁ ବନ୍ୟା ଭୟ'

ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:

ରାଜ୍ୟକୁ ଏବେ ବନ୍ୟା ଭୟ ନାହିଁ। ସୁବର୍ଣ୍ଣରେଖାରେ ବିପଦ ନାହିଁ। ସ୍ଥିତି ନିୟନ୍ତ୍ରଣରେ ରହିଛି। ଭୟ କରିବାର କାରଣ ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ। ସେ କହିଛନ୍ତି ଯେ, ଉପର ମୁଣ୍ଡରେ ବର୍ଷା ହେଲେ, ତଳ ମୁଣ୍ଡରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବୁ। ଗତ ୨୪ ଘଣ୍ଟାରେ ମୟୂରଭଞ୍ଜ ଓ ନୟାଗଡ଼ରେ ସର୍ବାଧିକ ବର୍ଷା ହେଉଛି। ଚାନ୍ଦିଲିରୁ ଆଉ ଡିସଚାର୍ଜ ନାହିଁ। ସୁବର୍ଣ୍ଣରେଖା ବିପଦ ସଙ୍କେତ ତଳେ ରହିଛି। ଗାଲୁଡ଼ିହିରେ ବି ପାଣି କମିଛି। ଉପର ମୁଣ୍ଡରେ ବର୍ଷା ହେଲେ ବନ୍ୟା ଆଶଙ୍କା ବଢ଼ିପାରେ। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ରହିଛି। ସକାଳ ୯ଟା ସୁଦ୍ଧା ସୁବର୍ଣ୍ଣରେଖାରେ ୮.୬୮ ମିଟର ଜଳସ୍ତର ଥିଲା ଯାହା ବିପଦ ସଂକେତ ତଳେ। ସୁବର୍ଣ୍ଣରେଖା ପାଣି ତଳକୁ ଖସୁଛି। କିନ୍ତୁ ବର୍ଷା ପାଇଁ ପାଣି ବଢ଼ିଲେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

# ‘କ୍ୟାନ୍ସର୍ ହୋଇଗଲା ବୋଲି ମୋତେ ଅଳିଆ ଗଦାକୁ ଫିଙ୍ଗିଦେଲା ନାତି’



**ମୁମ୍ବାଇ,୨୩।୬/ଏଜେନ୍ସି:** ମାୟାନଗରୀ ମୁମ୍ବାଇରୁ ଏକ ମର୍ମସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି। ଏଥିରେ ଜଣେ କ୍ୟାନସର ପୀଡ଼ିତା ୬୦ ବର୍ଷୀୟା ବୃଦ୍ଧାଙ୍କୁ ତାଙ୍କ ନିଜ ନାତି ଘର ବାହାରେ ଥିବା ଏକ ଅଳିଆ ଗଦାକୁ ଫିଙ୍ଗିଦେଇଥିବା ଜଣାପଡ଼ିଛି। ଶନିବାର ବୃଦ୍ଧାଙ୍କୁ ସହରର ଆରେ କଲୋନୀକୁ ଲାଗିଥିବା ରାସ୍ତା ପାର୍ଶ୍ୱ ଅଳିଆ ଗଦାରୁ ଅତ୍ୟନ୍ତ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ତେବେ ବୃଦ୍ଧାଜଣକ ନିଜ ବୟାନ୍‌ରେ କହିଛନ୍ତି ଯେ, ସେ ଦୀର୍ଘ ଦିନ ଧରି ସ୍କିନ୍ କ୍ୟାନସର (ଚର୍ମ କର୍କଟ) ସହ ଜୁଝୁଥିବା ବେଳେ ତାଙ୍କ ନାତି ତାଙ୍କୁ ବାରମ୍ବାର ଘରୁ ବାହାରିଯିବାକୁ କହୁଥିଲେ। କିନ୍ତୁ ଏବୟସରେ ସେ କେଉଁଠିକୁ ଯିବେ ବୋଲି ଭାବି ସେଠାରେ ପଡ଼ିରହିଥିଲେ। ତେବେ ଦିନକ ପୂର୍ବେ ତାଙ୍କ ନାତି ତାଙ୍କୁ ନେଇଆସି ଏଠାରେ ଥିବା ଅଳିଆ ଗଦାରେ ଫୋପାଡ଼ି ଦେଇଥିଲେ। ଏହି ୬୦ ବର୍ଷୀୟା ବୃଦ୍ଧାଙ୍କ ନାମ ଯଶୋଦା ଗାୟକୱାଡ ବୋଲି ଜଣାପଡିଛି। ପୁଲିସ ଏହି ଘଟଣାରେ ତଦନ୍ତ ଆରମ୍ଭ କରିଛି ଏବଂ ବୃଦ୍ଧାଙ୍କ ପରିବାର ଲୋକଙ୍କୁ ଖୋଜୁଛି। ପୁଲିସ୍ ସେମାନଙ୍କୁ ଖୋଜୁଥିବା ଜାଣିବା ପରେ ପୁରା ପରିବାର ଏବେ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ବୃଦ୍ଧା ମହିଳାଙ୍କୁ ଏଠାରେ ଥିବା କୁପର ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ବୃଦ୍ଧା ମହିଳା ତାଙ୍କ ପରିବାର ସଦସ୍ୟଙ୍କ ଦୁଇଟି ଠିକଣା (ଗୋଟିଏ ମଲାଡ ଏବଂ ଅନ୍ୟଟି କାଣ୍ଡିଭାଲି) ଦେଇଥିବା ବେଳେ ପୁଲିସ୍ ଚଢ଼ଉ କରିଛି। ସମ୍ପର୍କୀୟମାନଙ୍କୁ ଖୋଜିବା ପାଇଁ ମଧ୍ୟ ବୃଦ୍ଧାଙ୍କ ଫଟୋ ସମସ୍ତ ପୁଲିସ୍ ଷ୍ଟେସନରେ ସେୟାର କରାଯାଇଛି।

# ଜଳୁଛି ଇରାନ୍ ସାହାଯ୍ୟ କରିପାରୁନି ରୁଷ୍



**ମସ୍କୋ,୨୩।୬/ଏଜେନ୍ସି:** ଇରାନ୍-ଇସ୍ରାଏଲ୍ ଯୁଦ୍ଧରେ ଆମେରିକାର ଏଣ୍ଟ୍ରି ହୋଇସାରିଛି। ଆମେରିକା ସେନା ସିଧାସଳଖ ଇରାନ୍‌ର ୩ଟି ଆଣବିକ ଘାଟି ଉପରେ ଆକ୍ରମଣ କରିଛି। ତେବେ ଏସବୁ ସତ୍ତ୍ୱେ ରୁଷ୍ କାହିଁକି ଚୁପ୍ ରହିଛି, କାହିଁକି ଇରାନ୍‌କୁ ସହଯୋଗ କରୁନାହିଁ ବୋଲି ସ୍ୱାଭାବିକ ପ୍ରଶ୍ନ ଏବେ ବିଶ୍ୱସ୍ତରରେ ଜୋର ଧରିଛି। ତେବେ ଏସବୁ ପ୍ରଶ୍ନର ପାହାଡରେ ଛିଡା ହୋଇଥିବା ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ନିଜେ ଏସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ପୁଟିନ୍ କହିଛନ୍ତି, ଯଦିଓ ଦଶନ୍ଧି ଦଶନ୍ଧି ଧରି ରୁଷ୍ ଏବଂ ଇରାନର ଘନିଷ୍ଠ ସମ୍ପର୍କ ରହିଛି, ସେ ବର୍ତ୍ତମାନ ସୁଦ୍ଧା ଏହି ସଂଘର୍ଷରେ ନିରପେକ୍ଷ ରହିବାକୁ ଚେଷ୍ଟା କରୁଛନ୍ତି କାରଣ ଇସ୍ରାଏଲରେ ବହୁ ସଂଖ୍ୟକ ରୁଷିଆନ୍ ଭାଷାଭାଷୀ ଲୋକ ରହୁଛନ୍ତି। ପୁଟିନ୍ କହିଛନ୍ତି ସେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ସମର୍ଥନରେ ନାହାନ୍ତି। ଏସବୁ ମଧ୍ୟରେ ଆମେରିକା ଇରାନ୍ ଉପରେ ଆକ୍ରମଣ କରିବାକୁ ମଧ୍ୟ ସେ ତୀବ୍ର ନିନ୍ଦା କରିଛନ୍ତି। ପ୍ରକାଶ, ଆମେରିକା ୧୪,୦୦୦ କିଲୋଗ୍ରାମ ବଙ୍କର-ବଷ୍ଟର ବୋମା ପଠାଇବା ଏବଂ ଅପରେସନ୍ ମିଡନାଇଟ୍ ହାମର୍ କରିବା ପରେ ପୁଟିନ୍‌ଙ୍କର ଏହି ମନ୍ତବ୍ୟ ଆସିଛି।

ପୁଟିନ୍ କହିଛନ୍ତି, ପୂର୍ବତନ ସୋଭିଏତ୍ ୟୁନିଅନ୍ ଏବଂ ରୁଷିଆନ୍ ଫେଡେରେସନର ପ୍ରାୟ ୨ ନିୟୁତ ଲୋକ ଇସ୍ରାଏଲରେ ବାସ କରନ୍ତି। ଏହା ଆଜି ପ୍ରାୟତଃ ଏକ ରୁଷିଆନ୍ ଭାଷାଭାଷୀ ଦେଶ। ଆମେ ରୁଷର ସମସାମୟିକ ଇତିହାସରେ ଏହାକୁ ସର୍ବଦା ବିଚାରକୁ ନେଉଛୁ। ସେଣ୍ଟ ପିଟର୍ସବର୍ଗ ଅନ୍ତର୍ଜାତୀୟ ଅର୍ଥନୈତିକ ଫୋରମ୍‌ରେ ଯୋଗ ଦେବା ଅବସରରେ ପୁଟିନ୍ ଏପରି କହିଛନ୍ତି। ପୁଟିନ୍ ସେହି ସମାଲୋଚକମାନଙ୍କୁ ମଧ୍ୟ ଜବାବ ଦେଇଥିଲେ ଯେଉଁମାନେ ରୁଷର ସହଯୋଗୀମାନଙ୍କ ପ୍ରତି ବିଶ୍ୱସ୍ତତା ଉପରେ ପ୍ରଶ୍ନ ଉଠାଇଥିଲେ। ପୁଟିନ୍‌ଙ୍କ କହିବାନୁସାରେ ରୁଷର ସମ୍ପର୍କ ଉଭୟ ଆରବ ଦେଶ ଏବଂ ଇସଲାମିକ୍ ଦେଶ ସହିତ ଦୀର୍ଘ ଦିନ ଧରି ବନ୍ଧୁତ୍ୱପୂର୍ଣ୍ଣ ରହିଛି, ରୁଷର ଜନସଂଖ୍ୟାର ୧୫% ମୁସଲିମ୍ ଧର୍ମାବଲମ୍ବୀ। ରୁଷ ଇସଲାମିକ୍ ସହଯୋଗ ସଂଗଠନରେ ମଧ୍ୟ ଏକ ପର୍ଯ୍ୟବେକ୍ଷକ ରାଷ୍ଟ୍ର ଭାବେ ରହିଆସିଛି।

ପ୍ରକାଶ, ଏସବୁ ମଧ୍ୟରେ ଇରାନ୍ ସହାୟତା ପାଇଁ ରୁଷ୍‌କୁ ଚିଠି ମଧ୍ୟ ଲେଖିସାରିଛି। ଇରାନ୍‌ର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଖାମେନେଇ, ରୁଷ୍ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଚିଠି ଲେଖି ସହାୟତା କରିବାକୁ ଅନୁରୋଧ କରିଛନ୍ତି।

## ଭୋଟଗଣତି ବେଳେ ବୋମାମାଡ଼, ୯ ବର୍ଷୀୟା ଶିଶୁକନ୍ୟା ମୃତ

**କୋଲକାତା,୨୩।୬/ଏଜେନ୍ସି:** ସୋମବାର ପଶ୍ଚିମବଙ୍ଗର ନଦିଆ ଜିଲ୍ଲାରେ ଏକ ଅତ୍ୟନ୍ତ ଅଭାବନୀୟ ଘଟଣା ଘଟିଯାଇଛି। କାଲିଗଞ୍ଜ ବିଧାନସଭା ଆସନ ପାଇଁ ହୋଇଥିବା ଉପନିର୍ବାଚନ ପାଇଁ ସୋମବାର ଭୋଟ ଗଣତି ଚାଲିଥିବା ବେଳେ ବୋମାମାଡ଼ ହୋଇଥିବା ଏବଂ ଏଥିଯୋଗୁ ତମନ୍ନା ଖାତୁନ୍ ନାମ୍ନୀ ଜଣେ ୯ ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପୁଲିସ ସୂଚନା ଅନୁସାରେ, କାଲିଗଞ୍ଜ ବିଧାନସଭା ଉପନିର୍ବାଚନର ଭୋଟ ଗଣତି କାର୍ଯ୍ୟ ସୋମବାର ଚାଲିଥିଲା। କାଲିଗଞ୍ଜ ଥାନା ଅନ୍ତର୍ଗତ ବାରୋଚନ୍ଦଗରରେ ଏକ କେନ୍ଦ୍ରରେ ଭୋଟ ଗଣତି ସମୟରେ କିଛି ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଜଣେ ୯ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଏହି ଘଟଣାରେ ସେ ଅତ୍ୟନ୍ତ ମର୍ମାହତ। ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ମୁଖ୍ୟମନ୍ତ୍ରୀ ମମତା ପୀଡ଼ିତଙ୍କ ପରିବାର ପ୍ରତୀ ଶୋକବ୍ୟକ୍ତ କରିବା ସହ ଏପ୍ରକାର ଅପରାଧକୁ କଦାପି ବରଦାସ୍ତ କରାଯିବ ନାହିଁ। ହାରୁଥିବା ଦଳଙ୍କ ପକ୍ଷରୁ ଏସବୁ କରାଯାଇଥିବା ସେ ଅନୁମାନ କରୁଛନ୍ତି। ସେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଖୁବଶୀଘ୍ର ଅଭିଯୁକ୍ତମାନେ ଗିରଫ ହେବେ। ମମତା ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ମଧ୍ୟ ଘୋଷଣା କରିଛନ୍ତି।



## ଉପନିର୍ବାଚନ ଫଳାଫଳ: ଗୁଜରାଟରେ ଆପ୍ ଓ ବିଜେପିକୁ ୧-୧ ଆସନ

### କେରଳରେ ୟୁଡିଏଫ୍, ପଶ୍ଚିମବଙ୍ଗରେ ଟିଏମ୍‌ସି, ପଞ୍ଜାବରେ ଆପ୍ ବିଜୟୀ

**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ୪ ରାଜ୍ୟର ୫ ବିଧାନସଭା ଆସନରେ ଅନୁଷ୍ଠିତ ହୋଇଥିବା ଉପନିର୍ବାଚନ ଫଳାଫଳ ସୋମବାର ସାମ୍ନାକୁ ଆସିଛି। ଏଥିରେ ବିଜେପିକୁ ଶକ୍ତ ଝଟ୍‌କା ଲାଗିଛି ବୋଲି କହିଲେ ଅତ୍ୟୁକ୍ତି ହେବନି। କାରଣ ବିଜେପି ଶାସିତ ଗୁଜରାଟରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଉପନିର୍ବାଚନରେ ବିଜୟୀ ହୋଇଛି। ଗୁଜରାଟର ଭିସାଭଦର ଆସନରେ ହୋଇଥିବା ଉପନିର୍ବାଚନରେ ଆପ୍ ବିଜେପିକୁ ପରାସ୍ତ କରିଛି। ସେହିପରି ପଞ୍ଜାବର ଲୁଧିଆନା (ୱେଷ୍ଟ) ଆସନରେ ମଧ୍ୟ ଆପ୍ ବିଜୟୀ ହୋଇଛି। କେରଳର ନିଲାମ୍ବୁର ଆସନକୁ କଂଗ୍ରେସ ନେତୃତ୍ୱାଧୀନ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ ନିଜ ଅକ୍ତିଆରକୁ ନେଇଛି। ପଶ୍ଚିମବଙ୍ଗରେ କ୍ଷମତାସୀନ ତୃଣମୂଳ କଂଗ୍ରେସ (ଟିଏମ୍‌ସି) କାଲିଗଞ୍ଜ ଆସନରେ ବିଜୟୀ ହୋଇଛି। କେବଳ ଗୁଜରାଟର କାଡି ଆସନକୁ ହିଁ ବିଜେପି ଜିତିପାରିଛି।

ଗତ ୧୯ ତାରିଖରେ ଗୁଜରାଟ, ପଞ୍ଜାବ, ପଶ୍ଚିମବଙ୍ଗ ଏବଂ କେରଳ ଆଦି ୪ ରାଜ୍ୟର ୫ ଆସନରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ୪ ରାଜ୍ୟ ବିଧାନସଭା ନିର୍ବାଚନ ପରେ ବିଜୟୀ ବିଧାୟକମାନଙ୍କ ମଧ୍ୟରୁ କେତେକ ଇସ୍ତଫା ଦେବା ପରେ ନଚେତ୍ କିଛି ନେତାଙ୍କ ମୃତ୍ୟୁ ହୋଇଯିବା କାରଣରୁ ଏସବୁ ଆସନ ଖାଲି ପଡ଼ିଥିଲା। ତେବେ କେନ୍ଦ୍ର ନିର୍ବାଚନ ଆୟୋଗ ଆଜି (୨୩, ଜୁନ୍) ନିର୍ବାଚନ ଫଳାଫଳ ଘୋଷଣା କରିଛନ୍ତି। ନିର୍ବାଚନ ଆୟୋଗଙ୍କ ଅନୁସାରେ କେରଳର ନିଲାମ୍ବୁର ଆସନରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ପ୍ରାର୍ଥୀ ଆର୍ଯ୍ୟଦାନ୍ ସୌକତ୍ ଶାସକ ଦଳ ସିପିଆଇ(ଏମ୍) ପ୍ରାର୍ଥୀ ଏମ୍ ସ୍ୱରାଜ୍‌ଙ୍କୁ ପ୍ରାୟ ୧୧,୦୭୭ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ଆପ୍‌ର ପୂର୍ବତନ ରାଜ୍ୟ ସଭାପତି ଗୋପାଳ ଇଟାଲିଆ ଭିସାଭଦର ଆସନରେ ବିଜେପିର କିରିଟ୍ ପଟେଲ୍‌ଙ୍କୁ ୧୭,୫୫୪



ଖଣ୍ଡ ଭୋଟ୍‌ରେ ପରାଜିତ କରିଛନ୍ତି। ସେହିପରି ଲୁଧିଆନା (ୱେଷ୍ଟ) ଆସନରେ ଆପ୍ ପ୍ରାର୍ଥୀ ସଞ୍ଜୀବ ଆରୋରା କଂଗ୍ରେସ ପ୍ରତିପକ୍ଷ ଭାରତ ଭୂଷଣ ଆଶୁଙ୍କୁ ପ୍ରାୟ ୧୦,୬୩୭ ଖଣ୍ଡ ଭୋଟ୍‌ରେ ପରାଜିତ କରିବାରେ ସଫଳ ହୋଇଛନ୍ତି। ପଶ୍ଚିମବଙ୍ଗରେ ସେହିପରି ଟିଏମ୍‌ସି ପ୍ରାର୍ଥୀ ଆଲିଫା ଅହମ୍ମଦ, ବିଜେପି ପ୍ରାର୍ଥୀ ଆଶିଷ୍ ଘୋଷଙ୍କୁ ପ୍ରାୟ ୫୦ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରି ବିଜୟୀ ଲାଭ କରିଛନ୍ତି।

ଫଳାଫଳ ସାମ୍ନାକୁ ଆସିବା ପରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ୍ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଗୁଜରାଟ ଏବଂ ପଞ୍ଜାବର ଲୋକେ ବିଜେପି ଏବଂ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରକାଶ, ଚଳିତ ବର୍ଷ ଶେଷ ଭାଗରେ ଅନୁଷ୍ଠିତ ହେବାକୁ ଥିବା ବିହାର ଏବଂ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ବିଧାନସଭା ଉପନିର୍ବାଚନ ଫଳାଫଳ ଉଭୟ ବିଜେପି ଏବଂ ବିପକ୍ଷ ଦଳଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଅର୍ଥାତ୍ ଆଗାମୀ ବିଧାନସଭା ନିର୍ବାଚନଗୁଡ଼ିକରେ ବିଜେପି ବିରୋଧୀ ଇଣ୍ଡିଆ ମେଣ୍ଟ ଠାରୁ କଠିନ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାର ଆଶା କରାଯାଉଛି।

## କଂଗ୍ରେସକୁ ପୁଣି ଚିଡ଼ାଇଲେ ଶଶି ଥରୁର

# ‘ପ୍ରଧାନମନ୍ତ୍ରୀ ମୋଦୀ ‘ଭାରତ ପାଇଁ ପ୍ରାଇମ୍ ଆସେଟ୍’



**ନୂଆଦିଲ୍ଲୀ, ୨୩।୬/ଏଜେନ୍ସି:** ନିଜ ଦଳର କିଛି ସମାଲୋଚକଙ୍କ ଦ୍ୱାରା ନିରନ୍ତର ସମାଲୋଚନାର ଶିକାର ହୋଇଆସୁଥିବା ଶଶି ଥରୁର ଆଜି ଏପରି ଏକ ବଡ଼ କଥା କହିଛନ୍ତି ଯାହା ସମାଲୋଚକଙ୍କ ମୁହଁକୁ ଚୁପ୍ କରିଦେଇଛି। ଥରୁର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାସ୍ତବରେ ଭାରତ ପାଇଁ ଏକ ପ୍ରାଇମ୍ ଆସେଟ୍ ବା ପ୍ରମୁଖ ସମ୍ପତ୍ତି। ଥରୁରଙ୍କ ଏପ୍ରକାର ବୟାନ୍ କଂଗ୍ରେସରେ ଏକ ପ୍ରକାର ହଟଚମଟ ସୃଷ୍ଟି କରିଛି। ତେବେ ଏହି ଅବସରରେ ସେ ଏବେ କଂଗ୍ରେସ ଛାଡିବାକୁ ଚିନ୍ତା କରୁଛନ୍ତି କି ବୋଲଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଥିଲେ ଯେ, ସେ କଂଗ୍ରେସକୁ ଭଲପାଆନ୍ତି। କଂଗ୍ରେସର ବିଚାରଧାରା ବେଶ୍ ଉଚ୍ଚକୋଟୀର ଏବଂ ଦେଶ ତଥା ଜାତି ସ୍ୱାର୍ଥସମ୍ବଳିତ। ସେ କଂଗ୍ରେସ ଛାଡିବା କଥା ମନକୁ ମଧ୍ୟ ଆଣିପାରିବେ ନାହିଁ। କିନ୍ତୁ ସେ କାହାର ବିଚାରଧାରାକୁ ପରିବର୍ତ୍ତନ କରିପାରିବେ ନାହିଁ। ୧୬ ବର୍ଷ ଧରି କଂଗ୍ରେସ ପ୍ରତି ସେ ବିଶ୍ୱସ୍ତ ରହିଆସିଛନ୍ତି ଏବଂ ଆଗକୁ ମଧ୍ୟ ରହିବେ। ତେବେ ଦଳରେ ଥିବା ତାଙ୍କ ସହ ମତଭେଦ ରଖୁଥିବା କିଛି ବ୍ୟକ୍ତିଙ୍କ ପ୍ରସଙ୍ଗରେ ଆଲୋଚନା କରାଯାଇପାରିବ।

କଂଗ୍ରେସ ସାଂସଦ ଶଶି ଥରୁର ଯିଏକି ‘ଅପରେସନ ସିନ୍ଦୂର’ ପରେ ଗତ ମାସରେ ଆମେରିକା, ବ୍ରାଜିଲ ଏବଂ ଅନ୍ୟ ତିନୋଟି ଦେଶରେ ଶାସକ ବିଜେପିର ଆତଙ୍କବାଦ ବିରୋଧୀ କୂଟନୈତିକ ଅଭିଯାନର ନେତୃତ୍ୱ ନେଇଥିଲେ। ଏହି ସମୟରେ ଥରୁର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ଉର୍ଜା, ଗତିଶୀଳତା ଏବଂ (ଅନ୍ୟ ଦେଶ ସହିତ) ଜଡିତ ହେବାର ଇଚ୍ଛା’ ପାଇଁ ଅଧିକ ସମର୍ଥନ ପାଇଁ ଆହ୍ୱାନ କରିଥିଲେ। ବିଦେଶରେ ଥରୁର୍‌ଙ୍କ ଅପରେସନ ସିନ୍ଦୂର’ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଶଂସାକୁ ନେଇ ତାଙ୍କ ନିଜ ଦଳର କଂଗ୍ରେସର କିଛି ବରିଷ୍ଠ ନେତା ତାଙ୍କୁ ବିଜେପିର ମୁଖପାତ୍ର, ବିଜେପିର ପ୍ରଶଂସକ, ମୋଦୀଙ୍କ ପ୍ରଶଂସକ ଆଦି କହି ସମାଲୋଚନା କରିଆସୁଛନ୍ତି। ଏପରିକି କେରଳରେ ଅନୁଷ୍ଠିତ ହୋଇଯାଇଥିବା ସଦ୍ୟ ଉପନିର୍ବାଚନ ପାଇଁ ମଧ୍ୟ ତାଙ୍କୁ ପ୍ରଚାରକ ଟିମ୍‌ରେ ମଧ୍ୟ ସାମିଲ କରାଯାଇନଥିଲା କିମ୍ବା ଡକା ମଧ୍ୟ ଯାଇନଥିଲା।

# ନୋଏଡାରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ୪୦୦ତମ ଶୋ’ରୁମ୍

## ୭୮,୦୦୦ କୋଟି ଟଙ୍କାର ଟର୍ଣ୍ଣଓଭର ଏବଂ ୧୫ ଦେଶକୁ ସମ୍ପ୍ରସାରଣ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ବିଶ୍ୱର ସର୍ବବୃହତ୍ ଅଳଙ୍କାର ଖୁଚୁରା ବ୍ୟବସାୟୀମାନଙ୍କ ମଧ୍ୟରୁ ଅନ୍ୟତମ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍, ଏହାର ୪୦୦ତମ ଶୋ’ରୁମ୍‌ର ଶୁଭାରମ୍ଭ କରି ଏକ ବିଶ୍ୱସ୍ତରୀୟ ମାଇଲଖୁଣ୍ଟ ସ୍ଥାପନ କରିଛି। ମାଲାବାର୍‌ର ଏହି ଐତିହାସିକ ବିସ୍ତାର ନୋଏଡାର ସେକ୍ଟର ୧୮ରେ ଏକ ନୂତନ ଶୋ’ରୁମ୍ ଖୋଲିବା ପୂର୍ବକ ସମ୍ଭବ ହୋଇଛି। ଏହା ମାଲାବାର୍ ବ୍ରାଣ୍ଡ୍‌ର ଦ୍ରୁତ ବିଶ୍ୱ ପ୍ରସାରଣକୁ ମଧ୍ୟ ସୁଦୃଢ଼ କରିଛି। ମାଲାବାରର ୪୦୦ତମ ଶୋ’ରୁମ୍ ଏକ ବ୍ୟାପକ, ମହତ୍ୱାକାଂକ୍ଷୀ ଅଭିବୃଦ୍ଧି ରଣନୀତିର ଅଂଶବିଶେଷ ଯାହାକି ଭାରତ ଏବଂ ବିଶ୍ୱସ୍ତରରେ ମାଲାବାରର ଉପସ୍ଥିତିକୁ ପ୍ରଭାବୀ ରୂପେ ଜାହିର କରିବାର ଲକ୍ଷ୍ୟ ରଖିଛି। ସାମ୍ପ୍ରତିକ ସମୟରେ ମାଲାବାର ୬୩,୦୦୦ କୋଟି ଟଙ୍କାର ଟର୍ଣ୍ଣଓଭର (କାରବାର) ଏବଂ ୧୩ଟି ଦେଶରେ ଉପସ୍ଥିତି ଜାହିର କରିଆସୁଛି। ତେବେ ଆଗାମୀ ଦିନରେ ମାଲାବାର ବ୍ରାଣ୍ଡ୍ ଦ୍ରୁତ ଗତିରେ ୭୮,୦୦୦ କୋଟି ଟଙ୍କାକୁ ରାଜସ୍ୱ ବୃଦ୍ଧି କରିବା ଏବଂ ଚଳିତ ଆର୍ଥିକ ବର୍ଷରେ ଆଉ ୨ଟି ଦେଶ ସହ ମୋଟ୍ ୧୫ଟି ଦେଶ ଏବଂ ଭାରତର ୨୨ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ୬୦ଟି ଶୋ’ରୁମ୍ ଖୋଲିବା ପୂର୍ବକ ନିଜର ଉପସ୍ଥିତି ବିସ୍ତାରିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛି। ମାଲାବାର ଏହାର ଖୁଚୁରା ବ୍ୟବସାୟ ବୃଦ୍ଧି କରିବା ସହ ନିଯୁକ୍ତି ସୃଷ୍ଟି ପାଇଁ ମଧ୍ୟ ପ୍ରତିବଦ୍ଧ ରହିଛି। ମାଲାବାର ଏବେ ବିଶ୍ୱସ୍ତରରେ ନିଜ ପରିଚାଳନା ଟିମ୍ ସଦସ୍ୟ (କାର୍ଯ୍ୟବଳ)ଙ୍କ ସଂଖ୍ୟାକୁ ପ୍ରାୟ ୨୭,୨୫୦ ପର୍ଯ୍ୟନ୍ତ ପରିବ୍ୟାପକ କରିବାକୁ ଯୋଜନା କରୁଛି। ମାଲାବାର ବିଶ୍ୱର ସବୁଠାରୁ ବିଶ୍ୱସ୍ତ ଏବଂ ଦାୟିତ୍ୱବାନ ଅଳଙ୍କାର ବ୍ରାଣ୍ଡ ମଧ୍ୟରୁ ଗୋଟିଏ ଭାବରେ ଏହାର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ପାଇଁ ଲକ୍ଷ୍ୟ ରଖିଛି।

ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍.ପି ଅହମ୍ମଦ କହିଛନ୍ତି, ‘ନୋଏଡାରେ ଆମର ୪୦୦ତମ ଶୋ’ରୁମ୍ ଉଦ୍‌ଘାଟନ କରି ଆମେ ଅତ୍ୟନ୍ତ ଆନନ୍ଦିତ। ଏହି ମାଇଲଖୁଣ୍ଟ ଆମର ଅଭିବୃଦ୍ଧି ମହତ୍ତ୍ୱାକାଂକ୍ଷାର ପ୍ରମାଣ ଏବଂ ଭାରତ ଏବଂ ସାରା ବିଶ୍ୱରେ ଆମର ନିରନ୍ତର ବିସ୍ତାରିତ ପାଦଚିହ୍ନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଆମକୁ ନମ୍ବର ୧ ବିଶ୍ୱ



ନୋଏଡାର ସେକ୍ଟର ୧୮ରେ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ୪୦୦ତମ ଶୋ’ରୁମର ଗ୍ରାଣ୍ଡ୍ ଓପନିଂ ସମୟରେ ଗ୍ରୁପ୍ ଅଧ୍ୟକ୍ଷ ଏମ୍‌ପି. ଅହମ୍ମଦ, ଇଣ୍ଡିଆ ଅପରେସନ୍ସର ପରିଚାଳନା ନିର୍ଦ୍ଦେଶକ ଓ.ଆଶେର, ଗ୍ରୁପ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେପି. ବୀରାଙ୍କୁଟ୍ଟି; ଗ୍ରୁପ୍ ମୁଖ୍ୟ ମାର୍କେଟିଂ ଅଧିକାରୀ ସାଲିଶ ମାଥ୍ୟୁ ଏବଂ ପରିଚାଳନା ଦଳର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

ଅଳଙ୍କାର ଖୁଚୁରା ବିକ୍ରେତା ହେବା ଦିଗରେ ପ୍ରେରଣା ଦେଉଛି। ଏହି ଅବସରକୁ ପ୍ରକୃତରେ ଗୁରୁତ୍ୱପୂର୍ଣ୍ଣ କରିବାରେ ଆମର ସମସ୍ତ ଗ୍ରାହକ, ପରିଚାଳନା ଦଳର ସଦସ୍ୟ, ସେୟାରହୋଲ୍ଡର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ଅବଦାନ ପାଇଁ ମୁଁ ମୋର କୃତଜ୍ଞତା ପ୍ରକାଶ କରିବାକୁ ଚାହୁଁଛି। ଆମର ୬୦ଟି ନୂତନ ଶୋ’ରୁମ୍ ଏବଂ ଉତ୍ପାଦନ ୟୁନିଟ୍ ସହିତ ବିସ୍ତାର କରିବା ପାଇଁ ଏକ ବ୍ୟାପକ ବ୍ୟବସାୟ ରଣନୀତି ଅଛି, ଯାହାର ଲକ୍ଷ୍ୟ ହେଉଛି ଚଳିତ ଆର୍ଥିକ ବର୍ଷରେ ୭୮,୦୦୦ କୋଟି ଟଙ୍କାର କାରବାର ହାସଲ କରିବା ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ୫,୦୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିବା। ମାଲାବାର ଗ୍ରୁପ୍‌ର ଉପାଧ୍ୟକ୍ଷ ଅବଦୁଲ ସଲାମ କେପି କହିଛନ୍ତି, ପ୍ରତ୍ୟେକ କ୍ରୟ ସହିତ ଆମେ ଆମର ଗ୍ରାହକ ଏବଂ ସେମାନଙ୍କ ସ୍ୱାର୍ଥର ସର୍ବୋତ୍ତମ ଯତ୍ନ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ସହିତ ଦାୟିତ୍ୱପୂର୍ଣ୍ଣ ଏବଂ ନୈତିକିତା ପୂର୍ବକ ଅଳଙ୍କାର କ୍ରୟ ଅଭିଜ୍ଞତାକୁ ପୁନଃପରିଭାଷିତ କରିବାକୁ ପ୍ରତିବଦ୍ଧ। ଆମର ସମ୍ପ୍ରସାରଣ ଏକ ବୃହତ ଅଳଙ୍କାର ଉତ୍ପାଦନ ଇକୋସିଷ୍ଟମକୁ ସମର୍ଥନ କରିବା ସହିତ ଅତିରିକ୍ତ ୩,୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଆମର କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ କଠୋର ଅନୁପାଳନର ଭିତ୍ତିଭୂମି ଉପରେ ନିର୍ମିତ, ଏବଂ ଆମର ବିଶ୍ୱସ୍ତରୀୟ କାର୍ଯ୍ୟ ଦୃଢ଼, ନିର୍ଭରଯୋଗ୍ୟ ଏବଂ ନିନ୍ଦା ବାହାରେ ତାହା ନିଶ୍ଚିତ କରିବା ପାଇଁ ଆମେ ବାଣିଜ୍ୟ ସଂସ୍ଥା, ଆର୍ଥିକ ଗୃହ, ସରକାରୀ ନିୟାମକମାନଙ୍କ ସହିତ ସହଯୋଗ ଆଧାରିତ। ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସର ଇଣ୍ଡିଆ ଅପରେସନର ପରିଚାଳନା ନିର୍ଦ୍ଦେଶକ ଆଶେର ଓ’ କହିଛନ୍ତି, “ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ସାରା ଭାରତରେ ବହୁତ ପ୍ରଗତି କରୁଛି, ଭାରତ ଆମ ପାଇଁ ସବୁଠାରୁ ବଡ ବଜାର ଏବଂ ସୁଯୋଗ। ଆଗାମୀ ଦିନରେ ମଧ୍ୟ ଅଭିବୃଦ୍ଧି ଗତିକୁ ଜାରି ରଖିବା ପାଇଁ ଆମ ପାଖେ ସ୍ପଷ୍ଟ ଯୋଜନା ମଧ୍ୟ ରହିଛି। ଆମେ ବିଦ୍ୟମାନ ଏବଂ ନୂତନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ଆମର ଉପସ୍ଥିତିକୁ ମଜବୁତ୍ କରିବୁ ଏବଂ ଏହି ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୋଟ ୨୨ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳରେ ପହଞ୍ଚିବୁ। ସେହିପରି ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍‌ର ଇଣ୍ଡିଆ ଅପରେସନର ଅନ୍ୟତମ ପରିଚାଳନା ନିର୍ଦ୍ଦେଶକ ଶାମଲାଲ ଅହମ୍ମଦ ମଧ୍ୟ ସମାନ କଥା ଦୋହରାଇଥିଲେ ଏବଂ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ ନ୍ୟୁଜିଲାଣ୍ଡ ଏବଂ ଆୟର୍ଲାଣ୍ଡ ଭଳି ନୂତନ ଦେଶ ସହ ମୋଟ୍ ୧୫ଟି ଅତିରିକ୍ତ ଦେଶରେ ନୂଆ ଷ୍ଟୋର ସହ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର କାରବାରକୁ ବିସ୍ତାର କରିବା ପାଇଁ ଯୋଜନା ପ୍ରସ୍ତୁତ ରହିଛି।

୧୩ଟି ଦେଶରେ ଉପସ୍ଥିତି ଏବଂ ୨୫,୦୦୦ରୁ ଅଧିକ ବୃତ୍ତିଗତଙ୍କ ଏକ ଦଳ ସହିତ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ବାର୍ଷିକ ୧୫ ନିୟୁତରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରେ। ଏହି ବ୍ରାଣ୍ଡ୍ ୧,୦୦,୦୦୦ରୁ ଅଧିକ ଅଳଙ୍କାର ଡିଜାଇନ୍ ସହିତ ସ୍ୱତନ୍ତ୍ର ଅଳଙ୍କାର ସଂଗ୍ରହ ପ୍ରଦାନ କରେ ଏବଂ ଗୁଣବତ୍ତା, ଡିଜାଇନ୍ ଏବଂ ଗ୍ରାହକ ସନ୍ତୁଷ୍ଟି ଉପରେ ଗୁରୁତ୍ୱ ଦେଇ ଏହାର ବିଶ୍ୱବ୍ୟାପୀ ଉପସ୍ଥିତିକୁ ବିସ୍ତାର କରିଚାଲିଛି। ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏହାର ‘ମାଲାବାର ପ୍ରତିଶ୍ରୁତି’ ସେଟ୍ ଦ୍ୱାରା ପରିଚାଳିତ, ଯେଉଁଥିରେ ସୁନା ଏବଂ ହୀରା ବିନିମୟରେ ୧୦୦% ମୂଲ୍ୟ, ସ୍ୱଚ୍ଛ ମୂଲ୍ୟ, ପ୍ରମାଣିତ ହୀରା ଏବଂ ରତ୍ନପଥର, ନିଶ୍ଚିତ ଜୀବନବ୍ୟାପୀ ରକ୍ଷଣାବେକ୍ଷଣ ଏବଂ ନୀତିଗତ ଭାବରେ ଉତ୍ସ ଅଳଙ୍କାର ଅନ୍ତର୍ଭୁକ୍ତ। ଏହି ପ୍ରତିଶ୍ରୁତିଗୁଡ଼ିକ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବିଶ୍ୱର ସବୁଠାରୁ ପସନ୍ଦିତ ଅଳଙ୍କାର ବିକ୍ରେତା ହେବା ଦୃଷ୍ଟିକୁ ଆହୁରି ମଜବୁତ୍ କରେ, ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ଏକ ପରିଷ୍କୃତ, ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ ପାରମ୍ପରିକ କଳାକୁ ଆଧୁନିକ ନବସୃଜନ ସହିତ ମିଶ୍ରଣ କରେ। ୧୯୯୩ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ଇଏସ୍‌ଜି (ପରିବେଶ, ସାମାଜିକ ଏବଂ ଶାସନ) ପଦକ୍ଷେପଗୁଡ଼ିକ ମାଲାବାର ଗ୍ରୁପ୍‌ର ଏକ ପ୍ରାଥମିକ ପ୍ରତିବଦ୍ଧତା ହୋଇଛି, ପ୍ରତ୍ୟେକ କାର୍ଯ୍ୟକ୍ଷମ ଦେଶରେ ଏପରି ପଦକ୍ଷେପ ପାଇଁ ନିଟ୍ ଲାଭର ୫% ରଖାଯାଇଛି। ସ୍ୱାସ୍ଥ୍ୟ, କ୍ଷୁଧାମୁକ୍ତ ବିଶ୍ୱ, ଗୃହ, ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ପରିବେଶ ଉପରେ ମୁଖ୍ୟ ଧ୍ୟାନ ଦିଆଯାଇଛି।

ଏକ ଦାୟିତ୍ୱପୂର୍ଣ୍ଣ ବ୍ରାଣ୍ଡ ଭାବରେ, ମାଲାବାର ଗ୍ରୁପ୍ ୨୦୨୨ ମସିହାରେ ଏକ କ୍ଷୁଧାମୁକ୍ତ ବିଶ୍ୱର କଳ୍ପନା କରି ‘କ୍ଷୁଧାମୁକ୍ତ ବିଶ୍ୱ’ ପ୍ରୟାସ ଆରମ୍ଭ କରିଛି। ବର୍ତ୍ତମାନ, ଏହି କାର୍ଯ୍ୟକ୍ରମ ଭାରତ ଏବଂ ଆଫ୍ରିକାରେ ଅନେକ ରୋଷେଇ ଘର ପରିଚାଳନା କରୁଛି, ଯାହା ୮୧ଟି ସ୍ଥାନରେ ପ୍ରତିଦିନ ପ୍ରାୟ ୭୦,୦୦୦ ପୁଷ୍ଟିକର ଖାଦ୍ୟ ଯୋଗାଇଥାଏ। ଗରିବ ପିଲାମାନଙ୍କୁ ମୌଳିକ ଶିକ୍ଷା ପ୍ରଦାନ କରିବା ଏବଂ ଆନୁଷ୍ଠାନିକ ବିଦ୍ୟାଳୟକୁ ସ୍ଥାନାନ୍ତରକୁ ସହଜ କରିବା ପାଇଁ ଗୋଷ୍ଠୀ ସାରା ଭାରତରେ ୭୧୬ ଟି କ୍ଷୁଦ୍ର ଶିକ୍ଷା କେନ୍ଦ୍ର ମଧ୍ୟ ସ୍ଥାପନ କରିଛି। ଏପର୍ଯ୍ୟନ୍ତ, ୩୨,୦୪୯ ପିଲାଙ୍କୁ ଏହି କେନ୍ଦ୍ରଗୁଡ଼ିକରେ ନାମ ଲେଖାଯାଇଛି, ଯେଉଁଠାରେ ସେମାନଙ୍କୁ ଆନୁଷ୍ଠାନିକ ଶିକ୍ଷାକୁ ଫେରିବା କିମ୍ବା ଆରମ୍ଭ କରିବାରେ ସାହାଯ୍ୟ କରିବା ପାଇଁ ଏକ ବର୍ଷର ମୌଳିକ ଶିକ୍ଷା ପ୍ରଦାନ କରାଯାଏ। ହାଇସ୍କୁଲରୁ ସ୍ନାତକ ହାସଲ କରୁଥିବା ପିଲାମାନେ ବିଭିନ୍ନ ରାଜ୍ୟର କ୍ୟାମ୍ପସରେ ଉଚ୍ଚଶିକ୍ଷା ପାଇଁ ସହାୟତା ପାଇବେ, ମହିଳା ସଶକ୍ତିକରଣ ପ୍ରତି ଗୋଷ୍ଠୀର ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଝିଅମାନଙ୍କ ପାଇଁ ଅତିରିକ୍ତ ବୃତ୍ତି ଉପଲବ୍ଧ ହେବ। ‘ଦାଦି ଗୃହ’ ହେଉଛି ମାଲାବାର ଗ୍ରୁପ୍ ର ଆଉ ଏକ ପ୍ରକଳ୍ପ, ଯାହା ଅଭାବୀ ଏବଂ ନିଃସହାୟ ମହିଳାଙ୍କୁ ମାଗଣା ଗୃହ ପ୍ରଦାନ କରେ। ବର୍ତ୍ତମାନ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ଘର ନିର୍ମାଣ କରାଯାଇଛି, ଏବଂ କେରଳ, ଚେନ୍ନାଇ, କୋଲକାତା, ଦିଲ୍ଲୀ ଏବଂ ମୁମ୍ବାଇରେ ସମାନ ସୁବିଧା ସ୍ଥାପନ କରିବାର ଯୋଜନା ଅଛି। ମାଲାବାର ଗ୍ରୁପର ଇଏସ୍‌ଜି ଲକ୍ଷ୍ୟଗୁଡ଼ିକୁ ସମୟ ସମୟରେ ସୁଦୃଢ଼ କରାଯାଏ ଯାହାଦ୍ୱାରା ଏହା ଏକ ସାମାଜିକ ସଚେତନ ଏବଂ ଦାୟିତ୍ୱବାନ ସଂଗଠନ ହୋଇପାରିବ।

କମ୍ପାନୀ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ବର୍ତ୍ତମାନ ବିଶ୍ୱର ୫ମ ବୃହତ୍ତମ ଅଳଙ୍କାର ଖୁଚୁରା ବିକ୍ରେତା ଭାବେ ନିଜ ସ୍ଥିତି ଜାହିର କରୁଥିବା ବେଳେ ଭାରତରେ ଏହା ନଂ ୧ ସର୍ବବୃହତ୍ ଅଳଙ୍କାର କମ୍ପାନୀ ସାଜିଚି। ଭାରତ ସହ ମଧ୍ୟପ୍ରାଚ୍ୟ, ଦୂରପ୍ରାଚ୍ୟ, ଆମେରିକା, ୟୁକେ, କାନାଡା ଏବଂ ଅଷ୍ଟ୍ରେଲିଆରେ ଏହାର ବହୁବିଧ କାର୍ଯ୍ୟାଳୟ, ଡିଜାଇନ୍ କେନ୍ଦ୍ର, ପାଇକାରୀ ୟୁନିଟ୍ ଏବଂ କାରଖାନା ମଧ୍ୟ ରହିଛି। ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସର ଅନଲାଇନ୍ ଷ୍ଟୋର www.malabargoldanddiamonds.com ରୁ ମଧ୍ୟ ଗ୍ରାହକମାନେ ଯେକୌଣସି ସମୟରେ ଏବଂ ଯେକୌଣସି ଦିନ ଘରୁ ଥାଇ ଆରାମରେ ସେମାନଙ୍କ ପ୍ରିୟ ଅଳଙ୍କାର କିଣିବାର ସୁଯୋଗ ପାଇପାରିବେ।

# ମନୋହର ଲାଲ୍‌ଙ୍କୁ ଭେଟିଲେ ଧର୍ମେନ୍ଦ୍ର

## ସମ୍ବଲପୁର, ଦେବଗଡ଼କୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ରାଶି ମିଳୁ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସମ୍ବଲପୁର ମହାନଗମ ନିଗମ (ଏସ୍ଏମ୍ସି) ଓ ଦେବଗଡ଼ ପୌରପାଳିକାକୁ ପଞ୍ଚଦଶ ଅର୍ଥ କମିଶନ ଅନୁଦାନ ପ୍ରଦାନ କରିବା ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲଙ୍କୁ ଭେଟି ଏହି ମର୍ମରେ ଶ୍ରୀ ପ୍ରଧାନ ଆଲୋଚନା କରିଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାର ସମ୍ବଲପୁର ଓ ଦେବଗଡ଼କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଞ୍ଚଦଶ ଅର୍ଥ କମିଶନରେ ପୌର ସଂସ୍ଥାକୁ ଦିଆଯାଉଥିବା ଅର୍ଥ ଦିଆଯାଇନାହିଁ। ସମ୍ବଲପୁର ଏବଂ ଦେବଗଡ଼ ଆର୍ଥିକ, ଶିକ୍ଷାଗତ, ଶିଳ୍ପ ଏବଂ ସାଂସ୍କୃତିକ ଉନ୍ନତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ପଞ୍ଚଦଶ ଅର୍ଥ କମିଶନ ଅଧୀନରେ ‘ମୌଳିକ ଏବଂ ସଂଯୁକ୍ତ ଅନୁଦାନ’ ଏବଂ ‘ସ୍ୱାସ୍ଥ୍ୟ ଅନୁଦାନ’ ଏ ପର୍ଯ୍ୟନ୍ତ ନ ମିଳିବା ଯୋଗୁଁ ଅନେକ ବିକାଶମୂଳକ କାର୍ଯ୍ୟରେ ବାଧା ଉପୁଜିଛି। ଧର୍ମେନ୍ଦ୍ର କହିଛନ୍ତି ଯେ, ସମ୍ବଲପୁର ଏବଂ ଦେବଗଡ଼ରେ ଏହି ମୌଳିକ ଅନୁଦାନ ରାଶି ଦ୍ୱାରା ପୌର ସଂସ୍ଥାରେ ରାସ୍ତା ଏବଂ ଡ୍ରେନେଜ୍ ଉନ୍ନତି, ପରିମଳ ଏବଂ ବର୍ଜ୍ୟବସ୍ତୁ ପରିଚାଳନା ସହଜ ହେବ। ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ, ରାସ୍ତା ଆଲୋକୀକରଣ ଏବଂ ସ୍ୱାସ୍ଥ୍ୟସେବା ଭଳି ବିଭିନ୍ନ ନାଗରିକ ସେବା ଏବଂ ଭିତ୍ତିଭୂମି କାର୍ଯ୍ୟ ସୁଦୃଢ଼ ହେବ। ଏହି ଅନୁଦାନ ପୌରସଂସ୍ଥା ଗୁଡ଼ିକୁ ଅତ୍ୟାବଶ୍ୟକୀୟ ବିକାଶ କାର୍ଯ୍ୟ ଜାରି ରଖିବା ଏବଂ ନାଗରିକ ସେବାରେ ସହାୟକ ହେବ। ଏହି ବିଷୟକୁ ଦୃଷ୍ଟିରେ ରଖି ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମ୍ବଲପୁର ଓ ଦେବଗଡ଼ ୟୁଏଲବିକୁ ୧୫ତମ ଅର୍ଥ କମିଶନ ଅନୁଦାନର ସମୟସୀମା ମଧ୍ୟରେ ପ୍ରଦାନ କରିବା ପାଇଁ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ିଛନ୍ତି ଶ୍ରୀ ପ୍ରଧାନ। ଏହାବ୍ୟତୀତ ଆଲୋଚନା କାଳରେ ସମ୍ବଲପୁର ଏବଂ ଦେବଗଡ଼ରେ ଲୋକମାନଙ୍କୁ ସୁଲଭ ମୂଲ୍ୟରେ କିପରି ଘର ମିଳିପାରିବ, ପିଏମ ସ୍ୱନିଧି ଯୋଜନାରେ ଉଠା ଦୋକାନୀ କିଭଳି ସହଜରେ ଋଣ ପାଇବା ସହ ସ୍ୱାବଲମ୍ବୀ ହୋଇପାରିବେ, ଇ- ବସ ଚଳାଚଳକୁ ଅଧିକ ପ୍ରୋତ୍ସାହନ ମିଳିବା ସହ ସହରରେ ବର୍ଜ୍ୟବସ୍ତୁ ପରିଚାଳନା କିପରି ବ୍ୟବସ୍ଥିତ ଭାବରେ ହେବ, ସେ ଦିଗରେ ଉଭୟ ମନ୍ତ୍ରୀ ଆଲୋଚନା କରିଛନ୍ତି। ଏହା ଉପରେ ପଦକ୍ଷେପ ନେବା ପାଇଁ ଆଶ୍ୱସ୍ତ କରିଥିବାରୁ ଶ୍ରୀ ପ୍ରଧାନ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ଯୁବବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ‘ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶକୁ ଅନୁସରଣ କର’

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ଆଜି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନ ଠାରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଯୁବବର୍ଗଙ୍କୁ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଓ ଆଦର୍ଶକୁ ଅନୁସରଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଛଡ଼ା ସେ କହିଥିଲେ ଯେ ଡଃ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଉପହାର ଯାହା ପ୍ରତିଟି ଭାରତବାସୀଙ୍କୁ ଆଦର୍ଶ ଓ ପ୍ରେରଣା ଦିଏ। ଦେଶପ୍ରେମ, ନୈତିକତା ଓ ଅଖଣ୍ଡତା ପାଇଁ ସେ କିପରି ଅବିରତ ଲଢ଼ିଥିଲେ, ତାହା ଆମେ ଭୁଲିଯିବା ଉଚିତ୍ ନୁହେଁ। ତାଙ୍କ ଭାବନା, ଆଜି ସମଗ୍ର ଦେଶ ପାଇଁ ଏକ ଦିଗଦର୍ଶନ। ଏହାଛଡ଼ା ସେ କହିଥିଲେ ଯେ ଜମ୍ମୁ-କଶ୍ମୀର ଭିତରେ ଭାରତର ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସେ ଜଣେ ଦୃଢ଼ ଯୋଦ୍ଧା ଭାବରେ ନିଜ କର୍ତ୍ତବ୍ୟରେ ଅଦମ୍ୟ ରହିଥିଲେ। ତାଙ୍କର ଅଭିମତ ଥିଲା, କାଶ୍ମୀର ଭାରତର ଅଭିନ୍ନ ଅଂଶ ଓ ଏଥିପାଇଁ କୌଣସି ବିଶେଷ ଧାରା ଦରକାର ନାହିଁ। ଏହି ଭାବନା ଗଭୀର ରାଷ୍ଟ୍ରପ୍ରେମର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସମ୍ବିଧାନର ୩୭୦ ଧାରା ଓ ୩୫(କ)ର ଉଚ୍ଛେଦ କରିଛନ୍ତି। ଏହି ସାହସିକ ପଦକ୍ଷେପ କେବଳ ଯେ ଦେଶପାଇଁ ମଙ୍ଗଳମୟ ତାହା ନୁହେଁ, ଏହା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପାଇଁ ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଯେତେବେଳେ ବି ଜାମ୍ମୁ-କାଶ୍ମୀରର ନାମ ନିଆଯିବ ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ନରେନ୍ଦ୍ର ମୋଦୀ ଜୀଙ୍କ ନାମ ବିନା ସବୁବେଳେ ଅଧା ହିଁ ରହିବ। ଡଃ ମୁଖାର୍ଜୀଙ୍କ ସ୍ୱପ୍ନ ଓ ସଂଘର୍ଷକୁ ପ୍ରଧାନମନ୍ତ୍ରୀ ପୂରଣ କରିଛନ୍ତି ବୋଲି ସେ କହିଥିଲେ।




ରାଜ୍ୟରେ ପୂଜ୍ୟପୂଜାର ପରମ୍ପରା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ରାଜ୍ୟରେ ମଧ୍ୟ ପୂର୍ବ ସରକାର ଡଃ ମୁଖାର୍ଜୀଙ୍କର ବଳିଦାନ ଦିବସକୁ ପାଳନ କରୁନଥିଲେ କିନ୍ତୁ ଆମ ସରକାର ଏହାକୁ ଜାତୀୟ କର୍ତ୍ତବ୍ୟ ବୋଲି ସ୍ୱୀକାର କରି ପାଳନ କରୁଛି ଏବଂ ଆଗକୁ ମଧ୍ୟ କରିବ। ଆମର ଯୁବ ଶକ୍ତି ହିଁ ଦେଶର ଭବିଷ୍ୟତ।

ଏହି କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଡଃ ମୁଖାର୍ଜୀଙ୍କୁ ଯୁବ ଶକ୍ତିର ପ୍ରେରଣା ବୋଲି କହିବା ସହିତ ତାଙ୍କ ଜୀବନକୁ ମହାକାଶର ଉଲକା ସହିତ ତୁଳନା କରିଥିଲେ, ଯାହା ଆକାଶରେ ଅଳ୍ପ ସମୟ ରହିଲେ ମଧ୍ୟ ସମସ୍ତ ମହାକାଶ ଜଗତକୁ ପ୍ରଭାବିତ କରିଥାଏ, ସେହିପରି ଜଣେ ବ୍ୟକ୍ତିତ୍ୱ ଥିଲେ ଡଃ ମୁଖାର୍ଜୀ। ଅନ୍ୟମାନଙ୍କ ମଧ୍ୟରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପାଲଲହଡା ବିଧାୟକ ଅଶୋକ ମହାନ୍ତି, ପ୍ରଫେସର ବସନ୍ତ କୁମାର ପଣ୍ଡା ଯୋଗ ଦେଇଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ‘ଆମରି ଶିଶୁ’ ୱେବ୍ ପୋର୍ଟାଲ୍ ଲୋକାର୍ପଣ କଲେ ଉପମୁଖ୍ୟମନ୍ତ୍ରୀ

# ସହଜ ହେବ ଶିଶୁ ଯତ୍ନ ଓ ସୁରକ୍ଷା ସହ ଜଡ଼ିତ ତଥ୍ୟ ବିଶ୍ଳେଷଣ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ଠାରେ ଶିଶୁମାନଙ୍କ ଯତ୍ନ, ସୁରକ୍ଷା ଓ ପୁନର୍ବାସ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ କରକମଳରେ ‘ଆମରି ଶିଶୁ’ ୱେବପୋର୍ଟାଲ୍ ଲୋକାର୍ପଣ ହୋଇଯାଇଛି। ଏହି ୱେବ ପୋର୍ଟାଲ ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, କିଶୋର ନ୍ୟାୟ ବୋର୍ଡ, ଶିଶୁ ଯତ୍ନ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ସେବା ପ୍ରଦାନକାରୀ ଓ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ସୁଗମ ସମନ୍ୱୟ ସକ୍ଷମ କରିବ ବୋଲି ଶ୍ରୀମତୀ ପରିଡ଼ା ଉଲ୍ଲେଖ କରିଛନ୍ତି । ଏହି ପୋର୍ଟାଲ ମାଧ୍ୟମରେ ରାଜ୍ୟରେ ଶିଶୁ କଲ୍ୟାଣ, ଶିଶୁ ପୋଷଣ ଓ ଶିଶୁ ସୁରକ୍ଷା କ୍ଷେତ୍ରର କାର୍ଯ୍ୟଶୈଳୀରେ ସୁଧାର ଆସିବ। ଡିଜିଟାଲି ଅପଡେଟ ତଥ୍ୟ ସାହାଯ୍ୟରେ ଶିଶୁ ସ୍ୱାସ୍ଥ୍ୟ ଓ ପୋଷଣ ସଠିକ ଭାବେ ଟ୍ରାକ ହୋଇପାରିବ। ଏହି ୱେବ ପୋର୍ଟାଲ୍ ମାଧ୍ୟମରେ ପୋଷଣ ଟ୍ରାକର ଓ ଚାଇଲ୍ଡ ହେଲ୍ପଲାଇନ ଲାଇନ ନମ୍ବର ୧୦୯୮ର ସମନ୍ୱୟ ମଧ୍ୟ ରହିପାରିବ। ଏହି ପୋର୍ଟାଲ୍ ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ ଭଳି ଯୋଜନାଗୁଡ଼ିକର ଅଦ୍ୟତନ ତଥ୍ୟ ବିଷୟରେ ଜନସାଧାରଣଙ୍କୁ ଅବଗତ କରେଇପାରିବ ବୋଲି ଶ୍ରୀମତୀ ପରିଡ଼ା ମତ ପ୍ରକାଶ କରିଛନ୍ତି। ‘ଆମରି ଶିଶୁ’ ୱେବ ପୋର୍ଟାଲ ହେଲା www.aamarisishu.odisha.gov.in। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ସହ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାମାନେ ଉପସ୍ଥିତ ଥିଲେ।

# ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର



୨୬ କୋଟି ବ୍ୟୟରେ ହେବ ନିର୍ମାଣ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଭୁବନେଶ୍ୱର ଉପକଣ୍ଠସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନର ନୂତନ ଗ୍ରନ୍ଥାଗାର ଅଟ୍ଟାଳିକାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ନୂତନ ଅଟ୍ଟାଳିକା ପ୍ରାୟ ୨୬ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯିବ। ଉକ୍ତ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ଶିକ୍ଷକ ଆବାସ ଗୃହ, ଛାତ୍ରାବାସ ଓ ଶ୍ରେଣୀଗୃହ ନିର୍ମାଣ କରାଯିବ। ଆଜିର ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଗଣିତରେ ଉଚ୍ଚକୋଟୀର ଗବେଷଣା ଓ ଗଣିତ ଶିକ୍ଷାକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବୋଧଗମ୍ୟ କରିବା, ଶିକ୍ଷା ଓ ଶିକ୍ଷକମାନଙ୍କ ନିମନ୍ତେ ତାଲିମ ଶିବିର ଆୟୋଜନ କରିବା କ୍ଷେତ୍ରରେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ପ୍ରମୁଖ ଭୂମିକା ତୁଲାଇଛି ବୋଲି କହିଥିଲେ। ଏଥିରେ ଅଧିକରୁ ଅଧିକ ଗଣିତ କ୍ଷେତ୍ରରେ ପ୍ରୟୋଗାତ୍ମକ ଗବେଷଣା କରାଯିବା ପାଇଁ ସମସ୍ତ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସେ ଉଲ୍ଲେଖ କରିଥିଲେ । ଏତଦ୍‌ବ୍ୟତୀତ ଭୁବନେଶ୍ୱରଠାରେ ୧୦୦ ଏକର ଜାଗାରେ ସାଇନ୍ସ ସିଟି ପ୍ରତିଷ୍ଠା ସହ ଜୈବପ୍ରଯୁକ୍ତି ବିଜ୍ଞାନ ଅନ୍ତର୍ଗତ ପ୍ରମୁଖ ୧୭ଟି କ୍ଷେତ୍ରରେ ଆସନ୍ତା ୫ ବର୍ଷ ମଧ୍ୟରେ ୧୧୧୩ କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ସେ କହିଥିଲେ। ଏହି ଅବସରରେ ଯୋଗଦେଇ ବିଜ୍ଞାନ ଓ କାରିଗରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଗଣିତକୁ ପ୍ରୟୋଗ କରି ମାନବସମାଜର କଲ୍ୟାଣ ଦିଗରେ ଅଧିକ ଗବେଷଣା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ପ୍ରତିଷ୍ଠାନରେ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ନୂତନ ଭାବେ ଆପ୍ଲାଏଡ୍ ମ୍ୟାଥମେଟିକ୍ସ, ମ୍ୟାଥମେଟିକ୍ସ ଉଇଥ୍ ଡାଟା ସାଇନ୍ସ, ମ୍ୟାଥମେଟିକ୍ସ ଉଇଥ୍ କମ୍ପୁଟେସନାଲ ଫାଇନାନ୍ସ, ମ୍ୟାଥମେଟିକ୍ସ ଉଇଥ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ପାଞ୍ଚବର୍ଷିଆ ଇଣ୍ଟିଗ୍ରେଟେଡ୍ ଏମ୍ଏସସି ପାଠ୍ୟକ୍ରମ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ। ଗଣିତ ଓ ବିଜ୍ଞାନ ପ୍ରତିଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଯଶବନ୍ତ ଜେନା, କୁଳସଚିବ ପ୍ରଫେସର ତ୍ରୈଲୋକ୍ୟ ପାଣିଗ୍ରାହୀ, ବିଜ୍ଞାନ ଓ ବୈଷୟିକ ବିଭାଗ ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ବିଦ୍ୟୁତପ୍ରଭା ରାଉତ, ପୂଜା ମିଶ୍ର, ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ପ୍ରତିଷ୍ଠାନର ସୁନୀତା ଚକ୍ରବର୍ତ୍ତୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ବଢୁଛି ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଘଟଣା

# ୨୫ରେ ବିଜେଡି ଯୁବ ଛାତ୍ର ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ରାଜ୍ୟରେ ଛାତ୍ରୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ହତ୍ୟା ଭଳି ଘଟଣା ଅହେତୁକ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ବିଜେପି ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଅଭିଯୋଗ କରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ଜୁନ୍ ୨୫ ତାରିଖ ଦିନ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନର ଡାକରା ଦେଇଛି। ସୋମବାର ଶଙ୍ଖ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟୋମକେଶ ରାୟ ଓ ପୂର୍ବତନ ଛାତ୍ର ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଜୁନ୍ ୨୫ ତାରିଖରେ ବିଜେଡି ତରଫରୁ ହେବାକୁ ଥିବା ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଇଥିଲେ।

ଶ୍ରୀ ରାୟ କହିଥିଲେ ଯେ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ଆଇନ ଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି । ଯୁବତୀମାନଙ୍କୁ ଅସଦାଚରଣ, ଦୁଷ୍କର୍ମ, ଅପହରଣ ଓ ହତ୍ୟା ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ହେଉଛି। ଗୋପାଳପୁର ଭଳି ଏକ ପର୍ଯ୍ୟଟନସ୍ଥଳରେ ଜଣେ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଦେଇ ତାଙ୍କ ସାମ୍ନାରେ ଯୁବତୀ ଜଣଙ୍କୁ ଗଣଦୁଷ୍କର୍ମ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ମଧ୍ୟ ଏକ ଦୁଃଖଦ ଘଟଣା ଘଟିଥିଲା। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ ଜଣ ଯୁବତୀ ଦୁଷ୍କର୍ମର ଶିକାର ହେଉଛନ୍ତି। ରାଜ୍ୟରେ ଦିନକୁ ଦିନ ଏଭଳି ଘଟଣା ବୃଦ୍ଧି ପାଉଥିବାରୁ ଯୁବତୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ଓ ରାଜ୍ୟର ୧୧ଟି ଜିଲ୍ଲା ହଇଜା ଓ ଡାଇରିଆରେ କଲବଲ ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ ଡାକରା ଦିଆଯାଇଛି ବୋଲି ଶ୍ରୀ ରାୟ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆସନ୍ତା ଜୁନ୍ ୨୫ ତାରିଖରେ ଏହି ରାଜ୍ୟବ୍ୟାପୀ ଛାତ୍ର ଆନ୍ଦୋଳନ କାର୍ଯ୍ୟକ୍ରମ ମାଧ୍ୟମରେ ଶ୍ରେଣୀ ବର୍ଜନ, କଳାବ୍ୟାଜ ପରିଧାନ, ପିକେଟିଂ, କୁଶ ପୁତ୍ତଳିକା ଦାହ ଇତ୍ୟାଦି କାର୍ଯ୍ୟକ୍ରମ କରାଯିବ। ରାଜ୍ୟର ସମସ୍ତ କଲେଜ ଗୁଡିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

# ଗୁଜବ ସୃଷ୍ଟି କରୁଛି ବିଜେଡି: ଆଇନ ମନ୍ତ୍ରୀ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଗୁଜବ ସୃଷ୍ଟି କରୁଛି ବିଜେଡି। ବିଜେଡି କେବେ ବିରୋଧୀ ଆସନରେ ବସିନି ତ ତେଣୁ ଗୁଜବ କରୁଛନ୍ତି। ଦିଲ୍ଲୀରେ ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ଏହା କହିଛନ୍ତି। ସେ କହିଛନ୍ତି ଯେ ଯେଉଁଠି ବି ଅଦିନିଆ ରଥଯାତ୍ରା ହେଉଛି ସରକାର ତା’ ଉପରେ ନଜର ରଖିଛନ୍ତି। ଦିଲ୍ଲୀରେ ଯେଉଁ ଘଟଣା ଘଟିଛି ଆଗରୁ ହେଉନଥିଲା। କିନ୍ତୁ ଅଜ୍ଞାତ ବସତଃ ହେଉ କିମ୍ବା କେଉଥି ପାଇଁ କରିଛନ୍ତି ନଜର ରଖିଛୁ। ତାଙ୍କ ସହ ଆଲୋଚନା କରାଯିବ। ତାଗିଦ୍ ସହ ଯଦି କୌଣସି ଫୋରମରେ କଥା ହୋଇ ସମାଧାନ ହୋଇଯାଏ ସେଥିପାଇଁ ଆମେ ପଦକ୍ଷେପ ନେଉଛୁ। ଆମେ ସେଥିପାଇଁ ସମ୍ପୂର୍ଣ୍ଣ ସଜାଗ ରହିଛୁ। ବିଶ୍ୱ ସାରା ନିତିକାନ୍ତିରେ କେମିତି ରଥଯାତ୍ରା ଶ୍ରୀମନ୍ଦିର ପ୍ରଶାସନ ନିୟମ ଅନୁଯାୟୀ ହେବ ତାକୁ ଧ୍ୟାନ ଦେଇଛୁ। ଯଦି ତା ସତ୍ତ୍ୱେ ନ ଶୁଣନ୍ତି ଆଇନର ଆଶ୍ରୟ ନେବୁ। ନୂଆପଡ଼ାରେ ବି ଆଗରୁ ଅଦିନିଆ ରଥଯାତ୍ରା ହେଉଥିଲା ଆମେ କିନ୍ତୁ ଆଲୋଚନା କଲା ପରେ ତାର ସମାଧାନ ହୋଇଛି। ବିଶ୍ୱରେ ବି ଯେଉଁଠି ଯେଉଁଠି ଅଦିନିଆ ରଥଯାତ୍ରା ହେଉଥିଲା ସେଥିପାଇଁ ଆମେ ଆଲୋଚନା ଦ୍ୱାରା ସମାଧାନ ପାଇଁ ଚେଷ୍ଟା କରିଛୁ। କିଛି ସ୍ଥାନରେ ବି ସେମାନେ ରଥଯାତ୍ରା ଏକା ସାଙ୍ଗରେ କରିବାକୁ ରାଜି ଅଛନ୍ତି । ୨୪ବର୍ଷ ବିଜେଡି ସରକାର ଥିବା ସମୟରେ ମଧ୍ୟ ଅଦିନିଆ ରଥଯାତ୍ରା ହେଉଥିଲା ସେମାନେ କ’ଣ କରୁଥିଲେ ବୋଲି ଆଇନ ମନ୍ତ୍ରୀ ପ୍ରଶ୍ନ କରିଛନ୍ତି।

## ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା ଘଟଣା

# ପରିବାରକୁ ଭେଟିଲେ କଂଗ୍ରେସ କେନ୍ଦ୍ରୀୟ ଟିମ୍

**କେନ୍ଦୁଝର,୨୩।୬/ଏନ୍ଏନ୍ଏସ୍:** କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ହରିଚନ୍ଦନପୁର ବ୍ଲକ ପଣ୍ଡାପଡା ଥାନାର ତେନ୍ତଲାପଶି ଗ୍ରାମର ଜୈନକ ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ପ୍ରଥମେ ଗଣ ଧର୍ଷଣ ଓ ପରେ ହତ୍ୟା ଘଟଣାରେ ଆଜି ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଏକ କେନ୍ଦ୍ରୀୟ ଅନୁସନ୍ଧାନ କମିଟି ବରିଷ୍ଠ କଂଗ୍ରେସ ନେତ୍ରୀ ଦୀପା ଦାସମୁନ୍‌ସିଙ୍କ ନେତୃତ୍ୱରେ ନାବାଳିକା ପରିବାର ଲୋକଙ୍କୁ ଭେଟିଛନ୍ତି। ସାଂସଦ ରଂଜିତ ରଞ୍ଜନ, ସାଂସଦ ସୁଶ୍ରୀ ପରିଣତା ସିନ୍ଧେ, ସାଂସଦ ଏସ ଜୋଠିମଣି ଓ ଶୋଭା ଓଝା ପ୍ରମୁଖ ଆଦିବାସୀ ନାବାଳିକା ପରିବାରକୁ ଭେଟିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ମନୋଜ ଜେନା, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶବନ୍ତ ସିଂ ଲାଗୁରି,ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପିସିସି ସଂଯୋଜକ ସୁଧାଂଶୁ ଶେଖର ଦେଓ, ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ମହିଳା କଂଗ୍ରେସ ପୂର୍ବତନ ଉପ ସଭାନେତ୍ରୀ ସଂଗୀତା ସିଂହ, ଘସିପୁରା କଂଗ୍ରେସ ବିଧାୟକ ପ୍ରାର୍ଥୀ ସୁବ୍ରତ କୁମାର ଚକ୍ର, ତେଲକୋଇ କଂଗ୍ରେସ ପ୍ରାର୍ଥୀ ନିର୍ମଳ ଚନ୍ଦ୍ର ନାଏକ, ସଦର କଂଗ୍ରେସ ପ୍ରାର୍ଥୀନୀ ପ୍ରତିଭା ମଞ୍ଜରୀ ନାଏକ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଭୁବନେଶ୍ୱର ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ଗୁଲଫାମ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ବରିଷ୍ଠ କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ମହାନ୍ତି, ବୃନ୍ଦାବନ ନାଏକ, ଦେବେନ୍ଦ୍ର ନାଏକ, ହାଡ଼ିବନ୍ଧୁ ଖୁଣ୍ଟିଆ, ଲଳିତ ମୋହନ ନାୟକ, ଚିତ୍ତରଞ୍ଜନ ପାତ୍ର, ଆଶିଷ ପୃଷ୍ଟି, ରତ୍ନାକର ଜେନା, ତାରିଣୀ ପଟ୍ଟନାୟକ, ଲକ୍ଷ୍ମଣ ମହାନ୍ତ, ସୁଚଳ ସେଠି, ଉତ୍ତମ ସାହୁ, ରାମଚନ୍ଦ୍ର ମହାରଣା, ସୁରଥ ସାହୁ, ପ୍ରମୋଦ ବେହେରା, ସୁଦର୍ଶନ ପାଇକରାୟ, ସୁବ୍ରତ ନାଏକ, ଲୁଲୁ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରମ୍ପଙ୍କ ଆଡ୍‌ଭାଇଜରୀ ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଛି: ବିଜେଡି

## ଏକ ବର୍ଷର ବିଜେପି ଶାସନରେ ଓଡ଼ିଆ ଅସ୍ମିତା ବିପଦରେ

## ଜୁଲାଇ ପ୍ରଥମ ସପ୍ତାହରୁ ଆନ୍ଦୋଳନ କରିବ ବିଜୁ ମହିଳା ଜନତା ଦଳ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳାଙ୍କ ଉପରେ ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଡ଼ଭାଇଜରୀ, ଓଡ଼ିଶାକୁ ବିଶ୍ୱସ୍ତରରେ ନିନ୍ଦିତ କରିଥିବାରୁ ବିଜୁ ଜନତା ଦଳ ଉଦ୍‌ବେଗ ପ୍ରକାଶ କରିଛି। ଶଙ୍ଖ ଭବନରେ ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ଦଳର ଓବିସି ସେଲ୍‌ର ଆବାହକ ଡ଼ ଅରୁଣ କୁମାର ସାହୁ, ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି କହିବା ସହିତ ବିଜୁ ମହିଳା ଜନତା ଦଳ ଜୁଲାଇ ମାସ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ସୂଚନା ଦେଇଥିଲେ।

ଡ଼ ଅରୁଣ କୁମାର ସାହୁ କହିଥିଲେ, ରାଜ୍ୟ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଚରମ ଅବହେଳା କରୁଥିବାରୁ ଓଡ଼ିଶା ଆଜି ବିଶ୍ୱରେ ଲଜ୍ଜିତ ଓ ନିନ୍ଦିତ ହେଉଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ତରଫରୁ ନିକଟରେ ଜାରି କରାଯାଇଥିବା ଏକ ଟ୍ରାଭେଲ ଆଡ଼ଭାଇଜରୀରେ ଓଡ଼ିଶା ସମେତ ଭାରତର ୬ଟି ରାଜ୍ୟକୁ ଯିବାକୁ ସେମାନଙ୍କ ନାଗରିକମାନଙ୍କୁ ବାରଣ କରାଯାଇଛି। ଏହି ରାଜ୍ୟଗୁଡିକରେ ଅଧିକ ସଂଖ୍ୟାରେ ମହିଳାମାନେ ଦୁଷ୍କର୍ମର ଶିକାର ହେଉଥିବା ଓ ଉଗ୍ରବାଦ ଉପଦ୍ରବ ଅଞ୍ଚଳ ଭାବେ ଚିହ୍ନିତ ହୋଇଥିବାରୁ ଏଭଳି ନିର୍ଦ୍ଦେଶନାମା ଜାରି କରାଯାଇଛି । ଆମେରିକାର ରାଷ୍ଟ୍ରପତିଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶନାମା ଓଡ଼ିଶା ପାଇଁ ଲଜ୍ଜା ଓ ଅପବାଦ ଆଣିଛି। ରାଜ୍ୟର ମନ୍ତ୍ରୀମାନେ ଟ୍ରମ୍ପଙ୍କ କଥାକୁ ପ୍ରତିବାଦ କରିବା ପରିବର୍ତ୍ତେ, ପ୍ରଧାନମନ୍ତ୍ରୀ ଏହାର ସଫେଇ ଦେବାର ଆବଶ୍ୟକତା ରହିଛି। ଟ୍ରମ୍ପଙ୍କ କଥାକୁ ବିଜେପି ସର୍ବଦା ଗୁରୁତ୍ୱ ଦେଇଆସୁଥିବା ବେଳେ ଏବେ ଏହି ଆଡ଼ଭାଇଜରୀକୁ ନେଇ କେନ୍ଦ୍ର ସରକାର ଚୁପ୍ କାହିଁକି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟରେ, ଓଡିଶା ଦେଶର ଅଷ୍ଟମ ଅପରାଧ ପ୍ରବଣ ରାଜ୍ୟ ଓ ମହିଳା ବିରୋଧୀ ଅପରାଧ କ୍ଷେତ୍ରରେ ଦେଶର ପ୍ରଥମ ରାଜ୍ୟ ଭାବେ ସ୍ଥାନ ପାଇବା ଓଡିଶା ପାଇଁ ଲଜ୍ଜାର ବିଷୟ ବୋଲି ସେ କହିଛନ୍ତି।

ସଞ୍ଜୟ କୁମାର ଦାସବର୍ମା କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡିଶା ପ୍ରଶଂସା ସାଉଁଟି ଥିବାବେଳେ ଏବେ ବିଜେପି ସରକାର ରାଜ୍ୟ ପାଇଁ ନିନ୍ଦା ଓ ଅପବାଦ ଆଣୁଛନ୍ତି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ମିଳିତ ଜାତିସଂଘ ଦ୍ୱାରା ପ୍ରଶଂସିତ ହୋଇଥିଲା। ସେହିପରି ଦୁଇ ଦୁଇ ଥର ହକି ବିଶ୍ୱକପ ଆୟୋଜନ କରି ଓ ଥରେ ଏସିଆନ ଆଥଲେଟିକ ଚାମ୍ପିୟାନସିପ ଆୟୋଜନ କରି ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। ବିଧାନସଭାରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶ୍ୱେତପତ୍ର ଅନୁଯାୟୀ, ୨୦୨୪ରେ ୩୦୫୪ ଦୁଷ୍କର୍ମ ହୋଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୮% ଅଧିକ। ଆଜି ଏକ ସମୀକ୍ଷା କାର୍ଯ୍ୟକ୍ରମରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ତାଙ୍କ ବକ୍ତବ୍ୟରେ ଓଡ଼ିଶାରେ ସାଇବର ଅପରାଧ ବୃଦ୍ଧି ପାଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାରୀ ଯୋଜନା ବାବଦରେ ସରକାରୀ କର୍ମଚାରୀ ମାନେ ମଧ୍ୟ ଅବଗତ ନାହାନ୍ତି। ରାଜ୍ୟର ୯୫% ଲୋକ ସରକାରୀ ଯୋଜନା ବିଷୟରେ ଅବଗତ ନାହାନ୍ତି ବୋଲି ରାଜ୍ୟପାଳଙ୍କ ମନ୍ତବ୍ୟ ସରକାରଙ୍କ ଅପରାଗପଣିଆକୁ ପଦାରେ ପକାଇଛି ବୋଲି ଶ୍ରୀ ଦାସବର୍ମା କହିଥିଲେ।

ଟୁକୁନି ସାହୁ କହିଥିଲେ ଯେ ନବୀନ ସରକାରଙ୍କ ସମୟରେ ମହିଳାମାନଙ୍କ ସମ୍ମାନ ବୃଦ୍ଧି ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମରେ ବିଦେଶ ଭ୍ରମଣ କାର୍ଯ୍ୟକ୍ରମ କରାଯାଉଥିଲା। କିନ୍ତୁ, ବିଜେପି ସରକାର ଆସିବା ପରେ ପ୍ରତିଦିନ ୧୫ ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ମହିଳା ମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ବିଜୁ ମହିଳା ଜନତା ଦଳ ତରଫରୁ ଜୁଲାଇ ମାସ ପ୍ରଥମ ସପ୍ତାହରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ସାହୁ କହିଛନ୍ତି।

# ୩ ରେଳ କର୍ମଚାରୀ ସମ୍ମାନିତ



**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଉତ୍ସର୍ଗୀକୃତ ଏବଂ ସତର୍କତାକୁ ସ୍ୱୀକୃତି ଦେଇ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫଙ୍କଓ୍ୱାଲ ଟ୍ରେନ ପରିଚାଳନାର ନିରାପତ୍ତା ଏବଂ ଦକ୍ଷତା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ଏବଂ ସତର୍କତା ପାଇଁ ତିନି ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ଲକ୍ଷ୍ମୀପୁର ଷ୍ଟେସନ ମ୍ୟାନେଜର ଉତ୍ତମ କୁମାର, ସୀମାଞ୍ଚଳମ ନର୍ଥ ଷ୍ଟେସନ ଠାରେ କାର୍ଯ୍ୟରତ ବରିଷ୍ଠ ପଣ୍ୟବାହୀ ଟ୍ରେନ ମ୍ୟାନେଜର ପି. ଗୌରୀ ଶଙ୍କର ଏବଂ ରାହାମା ଷ୍ଟେସନ୍‌ଠାରେ କାର୍ଯ୍ୟରତ ଟ୍ରାକ ମେଣ୍ଟେନର-୩ ମନୋଜ କୁମାର ହାଁସଦା ସେମାନଙ୍କର ନିୟମିତ କର୍ତ୍ତବ୍ୟ ସମ୍ପାଦନ ସମୟରେ ଅସାଧାରଣ ସତର୍କତା ପ୍ରଦର୍ଶନ କରିଛନ୍ତି ଏବଂ ବୁଦ୍ଧିର ଉପସ୍ଥିତି ପ୍ରଦର୍ଶନ କରି ଦ୍ରୁତ ଏବଂ ପ୍ରଭାବଶାଳୀ ପଦକ୍ଷେପ ନେଇଛନ୍ତି ଯାହା ଟ୍ରେନ୍‌ଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନାରେ ଅବଦାନ ରଖିଛି। ଏହି କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସମୟରେ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲ କର୍ମଚାରୀ ମାନଙ୍କର ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଥିଲେ। ବିଶେଷକରି ରେଳ କର୍ମଚାରୀମାନେ ପ୍ରାୟତଃ କଷ୍ଟକର ପରିସ୍ଥିତିରେ କାମ କରନ୍ତି। ରେଳ ସେବାର ନିରାପତ୍ତା ଏବଂ ବିଶ୍ୱସନୀୟତା ବଜାୟ ରଖିବାରେ ଟ୍ରାକ୍ ମେଣ୍ଟେନର୍ସ, ଲୋକୋ ପାଇଲଟ୍, ଟେକ୍ନିସିଆନ୍ ଏବଂ ଷ୍ଟେସନ ଅପରେଟର୍‌ମାନଙ୍କ ସହ ସମସ୍ତ ଆଗଧାଡ଼ିର କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ

# 'ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ'

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ତାଙ୍କ ବଳିଦାନ ଦିବସ ଆମ ସମସ୍ତଙ୍କ ପାଇଁ ସ୍ମରଣୀୟ ଓ ପ୍ରତିବଦ୍ଧତାର ଦିନ। ସେ ଦେଶର ରାଜନୀତିରେ ମୋଡ଼ ପରିବର୍ତ୍ତନ କରିଥିଲେ। ସ୍ୱର୍ଗତଃ ମୁଖାର୍ଜୀଙ୍କ ପାଇଁ ଦେଶ ଥିଲା ସର୍ବୋପରି। ତାଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶର ଏକତା ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ହୋଇପାରିଛି। ସେ ଥିଲେ ତ୍ୟାଗ, ତପସ୍ୟା ଓ ବଳିଦାନର ପ୍ରତୀକ ବୋଲି ୭୩ତମ ବଳିଦାନ ଦିବସରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ସାମଲ କହିଛନ୍ତି ଯେ, ଡ. ମୁଖାର୍ଜୀଙ୍କ ଦୃଢ଼ତା ଓ ଆତ୍ମବିଶ୍ୱାସ ପାଇଁ ଦେଶ ଆଜି ଏଭଳିସ୍ଥିତିରେ ପହଞ୍ଚିଛି। ଦେଶର ବିକାଶ, ସାମାଜିକ ନୀତି, ରାଷ୍ଟ୍ରୀୟ ସୁରକ୍ଷା ନୀତି ଏବଂ ରାଷ୍ଟ୍ରୀୟ ଏକତା ପାଇଁ ସେ ସଂକଳ୍ପବଦ୍ଧ ଥିଲେ। ଶିକ୍ଷା ମାଧ୍ୟମରେ ଦେଶର ଲୋକଙ୍କ ମଧ୍ୟରେ ରାଷ୍ଟ୍ରୀୟତା, ଜାତୀୟତାବାଦ ଓ ଦେଶଭକ୍ତି ବଢ଼େଇବା ସହ ପୂର୍ବତନ ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ପରିବର୍ତ୍ତନ ଉପରେ ଡ. ମୁଖାର୍ଜୀ ଜୋର ଦେଇଥିଲେ। ସେ ଜଣେ ବିଶିଷ୍ଟ ରାଜନେତା ହେବା ସହ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ସେ ପଶ୍ଚିମବଙ୍ଗ ଓ ଜାମ୍ମୁକାଶ୍ମୀର ବିଭାଜନକାରୀ ଶକ୍ତିଗୁଡ଼ିକ ସହ ସାଲିସ କରି ନଥିଲେ। ସମ୍ବିଧାନରେ ୩୭୦ ଧାରାକୁ ବିରୋଧ କରି ଏକ୍ ଦେଶ୍ ମେଁ ଦୋ ବିଧାନ୍, ଦୋ ପ୍ରଧାନ୍ ଔର ଦୋ ନିଶାନ୍ ନହିଁ ଚଲେଙ୍ଗେ' ବୋଲି କହି ବିନା ପର୍ମିଟରେ 'କାଶ୍ମୀର ଚଲୋ' ଆହ୍ୱାନ ଦେଇଥିଲେ।



ତାଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ବିଜେପି ଆଜି ଋଦ୍ଧିମନ୍ତ ହୋଇଛି। ୧୯୫୧ ମସିହାରେ ପ୍ରତିଷ୍ଠା ହୋଇଥିବା ଭାରତୀୟ ଜନସଂଘ ପରବର୍ତ୍ତୀ ସମୟରେ ବିଜେପି ଭଳି ବିଶାଳ ରାଜନୈତିକ ଦଳରେ ପରିଣତ ହୋଇଛି। ଏବେ ସାରା ଦୁନିଆ ବିଜେପିର ବିଶ୍ୱରୂପ ଦେଖୁଛି। ବିଶ୍ୱର ସର୍ବବୃହତ ରାଜନୈତିକ ଦଳଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବିଚାରଧାରା ଆଗରେ ରଖି ନିଷ୍ଠା, ତପସ୍ୟା ଓ ଆତ୍ମବିଶ୍ୱାସ ବଳରେ ଦଳ ଆଜି ଏହି ସ୍ଥାନରେ ପହଂଚି ପାରିଛି। ଦଳର ବିଚାରଧାରା ଆଜି ସବୁଠି ଆଦୃତ ଓ ଗ୍ରହଣଯୋଗ୍ୟ ହୋଇଛି। ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଧାରା ୩୭୦ ଓ ୩୫ (ଏ) ଉଚ୍ଛେଦ ପରେ କାଶ୍ମୀର ରାଜ୍ୟ ଭାରତ ବର୍ଷର ଅଭିନ୍ନ ଅଙ୍ଗ ଭାବେ ପରିଗଣିତ ହୋଇଛି। ଫଳରେ ଡ.ମୁଖାର୍ଜୀଙ୍କ ସ୍ୱପ୍ନ ପୂରଣ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ସୁଦ୍ଧା ବିକଶିତ ଦେଶ ଗଠନ କରିବା ପାଇଁ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ପୂରଣ କରିବା ପାଇଁ ସମସ୍ତଙ୍କୁ ପ୍ରୟାସ କରିବାକୁ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ।

ବୁଦ୍ଧିଜୀବୀ ପ୍ରକୋଷ୍ଠର ଆବାହକ ସୁଦର୍ଶନ ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ନଗର ଉନ୍ନୟନ ମନ୍ତ୍ରୀ ତଥା ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବଳିଦାନ ଦିବସ ଉପଲକ୍ଷେ ଆଜି ସକାଳେ ଭୁବନେଶ୍ୱରସ୍ଥିତ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କରେ ଥିବା ପ୍ରତିମୂର୍ତ୍ତିରେ ବିଜେପି ନେତୃବୃନ୍ଦ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ ଚାରାରୋପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ଶାରଦା ଶତପଥୀ, ଉପସଭାପତି ଗୋଲକ ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅରବିନ୍ଦ ଢ଼ାଲି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରାରେ ନିୟୋଜିତ ହେବେ ୩୮୭ ଡାକ୍ତର: ସ୍ୱାସ୍ଥ୍ୟ ମନ୍ତ୍ରୀ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ରଥଯାତ୍ରାରେ ଯେମିତି ଡାଇରିଆ ନ ବ୍ୟାପେ ସେଥିଲାଗି ରାଜ୍ୟ ସରକାର ତାଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଡାଇରିଆ ଯେମିତି ପୁରୀରେ ନ ବ୍ୟାପୁ ସେଥିପାଇଁ ୩୮୭ ଡାକ୍ତର ଏବଂ ପାରାମେଡିକାଲ୍ ଷ୍ଟାଫ୍ ନିଯୁକ୍ତ କରାଯାଇଛି। ଏହାସହ ଫାଷ୍ଟ ଏଡ୍ ସେଣ୍ଟର୍ ଏବଂ ଆମ୍ବୁଲାନ୍ସ ବ୍ୟବସ୍ଥା ମଧ୍ୟ କରାଯାଇଛି। ସେହିପରି ପାନୀୟ ଜଳ ପାଇଁ ଆରଓ ବ୍ୟବସ୍ଥା କରାଯାଇଛି ବୋଲି ଆଜି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଚନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ଡାଇରିଆ ଯେମିତି ରଥଯାତ୍ରାରେ ନ ବ୍ୟାପେ, ସୁରକ୍ଷିତ ଖାଦ୍ୟ ଲୋକେ ଯେପରି ଖାଇବେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ରଥଯାତ୍ରା ପୂର୍ବରୁ ପୁରୀରେ ୩୮୭ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ ନିଯୁକ୍ତ ହେବେ। ଏହାସହ ଫାଷ୍ଟ ଏଡ୍ ସେଣ୍ଟର୍ ୬୯ଟି ଖୋଲାଯାଇଛି ଏବଂ ୭୪ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ରଥଯାତ୍ରା ସମୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଯେମିତି କୌଣସି ସମସ୍ୟା ନ ହୁଏ ସେଥିପାଇଁ ବ୍ୟାପକ ପ୍ରସ୍ତୁତି କରିଛୁ। ରାଜ୍ୟରେ ଡାଇରିଆ ସ୍ଥିତିକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ବେଶ ଗୁରୁତର ସହ ନେଇଛି। ନୂଆ ଆକ୍ରାନ୍ତଙ୍କ ସଂଖ୍ୟା କମିଛି। ଡାଇରିଆକୁ ନିୟନ୍ତ୍ରଣ କରିବାକୁ ଯାହା ଯାହା ପଦକ୍ଷେପ ନେବା କଥା ନିଆଯାଉଛି। ଜନ ସଚେତନା କରାଯାଉଛି। ଜୁନ ୧୬ରୁ ପ୍ରତି ଜିଲ୍ଲାରେ ଷ୍ଟପ୍ ଡାଇରିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ଏହା ଜାରି ରହିବ। ସଚେତନତା ଜାରି ରଖିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଥିଲା। ଏବେ ସ୍ଥିତି ନିୟନ୍ତ୍ରଣରେ ଅଛି। ତଥାପି ସମସ୍ତେ ସତର୍କ ରୁହନ୍ତୁ।



ସେହିପରି ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ୨୬୫ଟି ଅତିରିକ୍ତ ହସ୍ପିଟାଲ ବେଡ୍‌ର ବ୍ୟବସ୍ଥା କରାଯାଇଛି, ଯାହା ଗତ ବର୍ଷର ୧୪୦ଟି ବେଡ୍ ତୁଳନାରେ ଯଥେଷ୍ଟ ଅଧିକ। ଏହି ଅତିରିକ୍ତ ଶଯ୍ୟା ମଧ୍ୟରେ ପୁରୀର ସରକାରୀ ଏଏନ୍ଏମ୍ ଟ୍ରେନିଂ ସେଣ୍ଟର୍‌ରେ ୧୦୦ଟି ଅତିରିକ୍ତ ଶଯ୍ୟା ଏବଂ ଟିବିଆଇଡିଏଚ୍‌ରେ ୧୫ଟ ଆଇସିୟୁ ଶଯ୍ୟା ଅନ୍ତର୍ଭୁକ୍ତ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୫୦ଟି ସାଧାରଣ ଶଯ୍ୟା, ୮ଟି ବର୍ନୱାର୍ଡ ବେଡ୍ ଏବଂ ୧୦ଟି ଆଇସିୟୁ ଶଯ୍ୟା ସମେତ ୬୮ଟି ଶଯ୍ୟା ସଂରକ୍ଷିତ ରଖିଛି। ଏହା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ୍ ବ୍ୟାଙ୍କରେ ୨୦୦ ୟୁନିଟ୍ ରକ୍ତ ସଂରକ୍ଷିତ ହୋଇଛି ଏବଂ ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଦୁଇଟି ଛୋଟ ଅପରେସନ୍ ଥିଏଟର ଏବଂ ବିଶେଷ ଡ୍ରେସିଂ ରୁମ୍ ସ୍ଥାପନ କରାଯାଇଛି। ରଥଯାତ୍ରା ସମୟରେ ଅତିରିକ୍ତ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରଥମ ଥର ପାଇଁ ଏଏମ୍ସ୍, ଭୁବନେଶ୍ୱର ପକ୍ଷରୁ ଚିକିତ୍ସା କେନ୍ଦ୍ରରେ ଏକ ବିଶେଷ ଡାକ୍ତର ଟିମ୍ ନିୟୋଜିତ କରାଯିବ। ରଥଯାତ୍ରା ସମୟରେ ୬୯ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ରର ଏକ ବ୍ୟାପକ ନେଟ୍‌ୱାର୍କ କାର୍ଯ୍ୟ କରିବ। ଏଥିରେ ୩୨ଟି ସରକାରୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଚଳିତ ଜୁନ୍ ୨୭ରୁ ଜୁଲାଇ ୮ ପର୍ଯ୍ୟନ୍ତ କାର୍ଯ୍ୟ କରିବ ଏବଂ ୩୭ଟି ସ୍ୱେଚ୍ଛାସେବୀ ସଂଗଠନ-ସହାୟତାପ୍ରାପ୍ତ କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରହିବ। ପ୍ରତ୍ୟେକ କେନ୍ଦ୍ରରେ ଯୋଗ୍ୟ ଏମ୍‌ବିବିଏସ୍/ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଏବଂ ସହାୟକ କର୍ମଚାରୀ ନିୟୋଜିତ ରହିବେ ଏବଂ ରଥଯାତ୍ରା, ବହୁଡ଼ା ଯାତ୍ରା ଏବଂ ସୁନବେଶ ଦିନରେ ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ଜାରି ରହିବ। ବଡ଼ଦାଣ୍ଡରେ ସିଂହଦ୍ୱାର, ଗୁଣ୍ଡିଚା ମନ୍ଦିର ଏବଂ ଜଗନ୍ନାଥ ବଲ୍ଲଭ ପାର୍କିଂ ସମେତ ୯ଟି କେନ୍ଦ୍ର, ପୁରୀ-ଭୁବନେଶ୍ୱର ରାସ୍ତାରେ ୮ଟି କେନ୍ଦ୍ର, ସ୍ୱର୍ଗଦ୍ୱାର ଏବଂ ଲାଇଟ ହାଉସ୍ ସମେତ ସମୁଦ୍ର ବେଳାଭୂମି ସ୍ଥାନରେ ୫ଟି କେନ୍ଦ୍ର, ପୁରୀ-କୋଣାର୍କ ରାସ୍ତାରେ ୪ଟି କେନ୍ଦ୍ର ଏବଂ ପୁରୀ ସହରରେ ୨ଟି କେନ୍ଦ୍ର (ରେଳ ଷ୍ଟେସନ୍) ଭଳି ପ୍ରମୁଖ ସ୍ଥାନମାନଙ୍କରେ ଏହି କେନ୍ଦ୍ରଗୁଡ଼ିକ କାର୍ଯ୍ୟ କରିବ। ପାଣିପାଗ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ତାଳବଣିଆରେ ଏକ ବିଶେଷ ୧୦ ଶଯ୍ୟାବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ହିଟ୍ ଷ୍ଟ୍ରୋକ୍ କେନ୍ଦ୍ର ସ୍ଥାପନ କରାଯାଇଛି। ଜରୁରୀକାଳୀନ ଚିକିତ୍ସା ପରିବହନ ପାଇଁ ବ୍ୟାପକ ଆମ୍ବୁଲାନ୍ସ ନେଟ୍‌ୱାର୍କ ସୁନିଶ୍ଚିତ କରାଯିବ। ୩୧ଟି ସରକାରୀ ଆମ୍ବୁଲାନ୍ସ ଏବଂ ସ୍ୱେଚ୍ଛାସେବୀ ସହାୟତାରେ ୪୩ଟି ଆମ୍ବୁଲାନ୍ସକୁ ମିଶାଇ ମୋଟ ୭୪ଟି ଆମ୍ବୁଲାନ୍ସ ତୁରନ୍ତ ପ୍ରତିକ୍ରିୟା ପାଇଁ ଉପଲବ୍ଧ ରହିବ। ଏହି ଆମ୍ବୁଲାନ୍ସଗୁଡ଼ିକ ସ୍ୱେଚ୍ଛାସେବୀଙ୍କ ସହାୟତାରେ ନିର୍ଦ୍ଦିଷ୍ଟ ଆମ୍ବୁଲାନ୍ସ କରିଡୋର୍ ମଧ୍ୟରେ କାର୍ଯ୍ୟ କରିବ। ସମସ୍ତ ୧୦୮ ଜରୁରୀକାଳୀନ ଆମ୍ବୁଲାନ୍ସ ନିଜ ନିଜ ସ୍ୱାସ୍ଥ୍ୟ ଅନୁଷ୍ଠାନ ଏବଂ ରାଜପଥ-୨୦୩ର ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଉଚ୍ଚ ସତର୍କତାରେ ରହିବ।

ସ୍ୱାସ୍ଥ୍ୟସେବାକୁ ବ୍ୟାପକ ଏବଂ ତ୍ୱରିତ କରିବା ଉଦ୍ଦେଶ୍ୟରେ ଅନ୍ୟ ଜିଲ୍ଲାରୁ ୩୭୮ ଜଣ ଅତିରିକ୍ତ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିୟୋଜିତ ହେବେ। ଏହି ବିଶେଷଜ୍ଞ ଟିମ୍‌ରେ ୨ଜଣ କାର୍ଡିଓଲୋଜିଷ୍ଟ ଏବଂ ୨ଜଣ ନ୍ୟୁରୋସର୍ଜନଙ୍କ ସମେତ ୪ଜଣ ବିଶେଷଜ୍ଞ, ୯୮ଜଣ ସାଧାରଣ ଡ୍ୟୁଟି ଡାକ୍ତର, ୧୫ଜଣ ଏଏମ୍ସ୍‌ର ଡାକ୍ତର, ୫୦ଜଣ ଆୟୁଷ ଚିକିତ୍ସା ଅଧିକାରୀ, ୧ଜଣ ଏପିଡେମିଓଲୋଜିଷ୍ଟ, ୧ଜଣ ମାଇକ୍ରୋବାୟୋଲୋଜିଷ୍ଟ, ୫୦ଜଣ ଫାର୍ମାସିଷ୍ଟ, ୫୦ ଜଣ ଚିକିତ୍ସା କର୍ମଚାରୀ, ୩୦ ଜଣ ନର୍ସିଂ ଅଧିକାରୀ, ୫ ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ସମେତ ଚିକିତ୍ସା ପରିବହନ ସେବା ପାଇଁ ୨୪ଜଣ ଡ୍ରାଇଭର୍ ରହିବେ। ରଥଯାତ୍ରା ସମୟରେ ଜନସ୍ୱାସ୍ଥ୍ୟ ମାନଦଣ୍ଡ ବଜାୟ ରଖିବା ପାଇଁ କଠୋର ସ୍ୱାସ୍ଥ୍ୟ ମନିଟରିଂ ଏବଂ ରୋଗ ପ୍ରତିରୋଧକ ବ୍ୟବସ୍ଥା ରହିଛି। ବିଭିନ୍ନ ହୋଟେଲ୍, ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ପ୍ରତିଷ୍ଠାନରେ ପ୍ରଶାସନ ପକ୍ଷରୁ ୨୪୯ଟି ଯାଞ୍ଚ କରାଯାଇ ୪୯୪ କିଲୋଗ୍ରାମ ଅସ୍ୱାସ୍ଥ୍ୟକର ଖାଦ୍ୟ ନଷ୍ଟ କରାଯାଇଛି। ଏହା ସହିତ ପରୀକ୍ଷା ପାଇଁ ୮୪ଟି ଖାଦ୍ୟ ନମୁନା ଏବଂ ୨୨ଟି ପାଣି ନମୁନା ସଂଗ୍ରହ କରାଯାଇଛି ଓ ହଇଜା ପ୍ରତିରୋଧ ପାଇଁ ୧୦ଟି ଷ୍ଟୁଲ କଲଚର ପରୀକ୍ଷା କରାଯାଇଛି। ୮୨ଟି ପାଣି ବିଶ୍ଳେଷଣ ସମ୍ପୂର୍ଣ୍ଣ ହୋଇଛି। ସଂକ୍ରମଣ ରୋକିବା ପାଇଁ ଦୁଇଟି ତ୍ୱରିତ ପ୍ରତିକ୍ରିୟା ଦଳ ନିୟୋଜିତ କରାଯାଇଛି ଏବଂ ମ୍ୟୁନିସିପାଲିଟି ଏବଂ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଦ୍ୱାରା ପାନୀୟ ଜଳ ଉତ୍ସର ତୃତୀୟ ଥର ପାଇଁ ବିଶୋଧନ କାର୍ଯ୍ୟ ଜାରି ରହିଛି।

ଜନସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଖାଦ୍ୟ ନିରାପତ୍ତା, ନିରାପଦ ପାନୀୟ ଜଳ, ହାତ ଧୋଇବା ଏବଂ ସ୍ୱଚ୍ଛତା ପ୍ରୋଟୋକଲ, ଓଆରଏସ୍ ବ୍ୟବହାର, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, କୋଭିଡ୍-୧୯ ପ୍ରତିରୋଧ ବ୍ୟବସ୍ଥା ଏବଂ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ବାବଦରେ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ ଅଭିଯାନ ଜାରି ରହିଛି। ଏହି ଅଭିଯାନ ଅଧୀନରେ ୩ ଲକ୍ଷ ଲିଫଲେଟ୍ ବଣ୍ଟନ, ସହରରେ ୩୮ଟି ହୋର୍ଡିଂ ସ୍ଥାପନ, ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ୫୪ଟି ଆଇସି ବ୍ୟାନର ପ୍ରଦର୍ଶନ, ସମୁଦାୟିକ ସହଭାଗିତା ପାଇଁ ପାଲା ଏବଂ ଘୋଡ଼ା ନାଚ ସମେତ ୧୮ଟି ଲୋକସଂସ୍କୃତି ଅନୁଷ୍ଠାନ ଆୟୋଜନ ସାଙ୍ଗକୁ ବଡ଼ଶଙ୍ଖରେ ଗୋଟିଏ ସ୍ୱାସ୍ଥ୍ୟ ପ୍ରଦର୍ଶନୀ ଷ୍ଟଲ୍ ସ୍ଥାପନ କରାଯାଇଛି। ୮ଜଣ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତ କରାଯାଇଛି। ଖାଦ୍ୟ ଏବଂ ପାଣି ନମୁନା ପରୀକ୍ଷା ପାଇଁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ୩ଟି ଦଳ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ଶୈଳଶ୍ରୀବିହାର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



**ଚନ୍ଦ୍ରଶେଖରପୁର,୨୩।୬/ଏନ୍ଏନ୍ଏସ୍:** ଶୈଳଶ୍ରୀବିହାର ରଥଯାତ୍ରା ପାଇଁ ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥ ଭକ୍ତି ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଜୋନ୍ ୬ ଏସିପି ସୋନାଲି ସିଂ ପରମର, ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ତୁଷାରକାନ୍ତ ସେଠୀ, ୬ ନମ୍ବର ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ୭ ନମ୍ବର ୱାର୍ଡର କର୍ପୋରେଟର ଯଶୋଧାରା ପ୍ରଧାନ, ସଭାପତି ଆଶିଷ କୁମାର ମଲ୍ଲିକ, ଟ୍ରଷ୍ଟି ସୁରେନ୍ଦ୍ର ନାଥ ସେନାପତି, ସଞ୍ଜିବ କୁମାର ବାରିକ, ଅମିତ କୁମାର ହୋତା, ବିଜୟ କୁମାର ଦାସ, ସୁଜିତ କୁମାର ବିଶ୍ୱାଳଙ୍କ ସମେତ ପୂର୍ତ୍ତ ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ, ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଚଳିତବର୍ଷ ରଥଯାତ୍ରା କିପରି ଶାନ୍ତି ଶୃଙ୍ଖଳାର ସହିତ ସମାପନ କରାଯିବ ସେ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଉଥିଲା। ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ ରଥଯାତ୍ରାର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ୨୬ ତାରିଖ ଗୁରୁବାର ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ, ୨୭ ତାରିଖ ଶୁକ୍ରବାର ଦିନ ସୂର୍ଯ୍ୟପୂଜା, ଖେଚୁଡ଼ି ଭୋଗ, ଦିବା ୧୦ ଘଟିକା ସମୟରେ ରଥ ପ୍ରତିଷ୍ଠା କରାଯିବ। ଅପରାହ୍ନ ୧୨ଟା ୧୦ ରେ ଶ୍ରୀଜୀଉମାନଙ୍କର ପହଣ୍ଡି ବିଜେ, ୩ଟାରେ ଛେରାପହଁରା ହୋଇ ୪ ଘଟିକା ସମୟରେ ଘୋଷଯାତ୍ରା ଅନୁଷ୍ଠିତ ହେବ। ଏଥର ମାଉସୀ ମା' ମନ୍ଦିର ନିକଟ ଛକରେ ମହାପ୍ରଭୁ ରାତ୍ରି ୮ଟା ୧୫ ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଦର୍ଶନ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରିବେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦାନ କରି ମହାପ୍ରଭୁଙ୍କର ଆଶୀର୍ବାଦ ଗ୍ରହଣ କରିବାକୁ ଟ୍ରଷ୍ଟ ପକ୍ଷରୁ ନିବେଦନ କରାଯାଇଛି।

# ଚିକିତ୍ସକମାନେ ମାନବ ସମାଜର ସେବା ପାଇଁ ପ୍ରତିବଦ୍ଧତା ଦୋହରାନ୍ତୁ: ରାଜ୍ୟପାଳ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଚିକିତ୍ସକମାନେ ନବସୃଜନ, ସଚ୍ଚୋଟତା ଏବଂ କରୁଣାର ସହ ମାନବ ସମାଜର ସେବା ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇବାକୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଆଜି ଭୁବନେଶ୍ୱରଠାରେ ଟାଇମ୍ସ ହେଲ୍‌ଥ୍ ଆଇକନ୍ସ- ୨୦୨୫ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।

ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଚିକିତ୍ସକମାନଙ୍କର ରୋଗୀଙ୍କ ଯତ୍ନ ପ୍ରତି ପ୍ରତିବଦ୍ଧତା, ଦକ୍ଷତା ଅଗଣିତ ଜୀବନକୁ ପ୍ରଭାବିତ କରେ ଏବଂ ଜନସାଧାରଣଙ୍କ ବିଶ୍ୱାସକୁ ପ୍ରେରଣା ଯୋଗାଏ ଓ ସ୍ୱାସ୍ଥ୍ୟ ସେବା ବୃତ୍ତିଧାରୀମାନେ ହେଉଛନ୍ତି ଦେଶର ପ୍ରକୃତ ନାୟକ ଯେଉଁମାନେ ଅନ୍ୟମାନଙ୍କୁ ସୁସ୍ଥ କରିବା ପାଇଁ ନିଜ ଜୀବନ ଉତ୍ସର୍ଗ କରନ୍ତି। ନିଜ ଜୀବନକୁ ବିପଦରେ ପକାଇ ମଧ୍ୟ ଅନ୍ୟକୁ ସୁସ୍ଥ କରିବା ପାଇଁ ଦିନରାତି କାମ କରନ୍ତି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ କୋଭିଡ୍-୧୯ ମହାମାରୀ ସମୟରେ ଘଣ୍ଟା ଘଣ୍ଟା ଧରି ପିପିଇ କିଟ ପିନ୍ଧି, ବିଶ୍ରାମ ନ ନେଇ କାମ କରି ଅଗଣିତ ଜୀବନ ବଞ୍ଚାଇବା ପାଇଁ ସେମାନଙ୍କର ସାହସ ଆମେ ଦେଖିଛେ। ଚିକିତ୍ସା ବ୍ୟତୀତ ସେମାନେ ବିଭିନ୍ନ ରୋଗର ନିରାକରଣ, ଟିକାକରଣ ଅଭିଯାନ, ଗଣ ଔଷଧ ସେବନ, ମାତୃ ଯତ୍ନ, ସ୍ୱାସ୍ଥ୍ୟ ଶିକ୍ଷା ଇତ୍ୟାଦି ସଚେତନତା ଅଭିଯାନରେ ମଧ୍ୟ ଚିକିତ୍ସକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ପୂର୍ବ ଭାରତରେ ଓଡ଼ିଶା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦ୍ରୁତ ଗତିରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ ହେଉଛି। କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ପଦକ୍ଷେପ ସହିତ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଉଛି। ପୂର୍ବ ବର୍ଷର ବଜେଟ୍ ତୁଳନାରେ ରାଜ୍ୟ ସ୍ୱାସ୍ଥ୍ୟ କ୍ଷେତ୍ରରେ ବଜେଟରେ ଉଲ୍ଲେଖନୀୟ ବୃଦ୍ଧି, ଯାଜପୁର, ଫୁଲବାଣୀ, ତାଳଚେରରେ ନୂତନ ମେଡିକାଲ କଲେଜ ସ୍ଥାପନ, ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିବା ଇତ୍ୟାଦି ରାଜ୍ୟରେ ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଓଡ଼ିଶା ସରକାରଙ୍କ ଉନ୍ନୟନ କମିଶନର୍ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଏମ୍ସ ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ଼. ଅଶୋକ ମହାପାତ୍ର, ଏମ୍ସ ଭୁବନେଶ୍ୱରର ଡିନ୍ ଡ଼. ପ୍ରଶାନ୍ତ ରାଘବ ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ଓଡ଼ିଶା ବାଇଟ୍ସର ଗ୍ରୁପ୍ ଏଡିଟର୍ ସନ୍ଦୀପ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଏହି ଅବସରରେ ପାରଦର୍ଶିତା ହାସଲ କରିଥିବା ଚିକିତ୍ସକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ

# ଶ୍ରମିକଙ୍କ ସମସ୍ୟା ବୁଝି ସେମାନଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କର: ଶ୍ରମମନ୍ତ୍ରୀ

**ଭୁବନେଶ୍ୱର,୨୩।୬/ଏନ୍ଏନ୍ଏସ୍:** ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ତଥା ବୋର୍ଡର ଅଧ୍ୟକ୍ଷ ଗଣେଶ ରାମ ସିଂ ଖୁଣ୍ଟିଆ ଅଧ୍ୟକ୍ଷତା କରି କହିଲେ ଯେ ଶ୍ରମ ବିନା ସମୃଦ୍ଧି ଅସମ୍ଭବ। ଶ୍ରମିକମାନେ ହେଉଛନ୍ତି ଆମ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ, ଦେଶର ମୂଳଦୁଆ, ଦେଶ ନିର୍ମାଣର ମେରୁଦଣ୍ଡ, ପ୍ରକୃତ ରାଷ୍ଟ୍ରନିର୍ମାତା। ସେମାନଙ୍କୁ ଅବହେଳା କରି ଦେଶ ଅଗ୍ରଗତି କରିପାରିବ ନାହିଁ। ଶ୍ରମିକକୁ ମର୍ଯ୍ୟାଦା ଦେଲେ ହିଁ ଶ୍ରମର ଗୌରବ ମିଳିଥାଏ। ଓଡ଼ିଶା ହେଉଛି ଏକ ଶ୍ରମିକ ବହୁଳ ରାଜ୍ୟ ଏବଂ ଓଡ଼ିଶାର ଅଭିବୃଦ୍ଧି, ଅର୍ଥନୈତିକ ଓ ସାମଗ୍ରିକ ଉନ୍ନତି ଦିଗରେ ଶ୍ରମିକ ଭାଇଭଉଣୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେବା, ସମର୍ପଣ ଓ ସୁଶାସନର ବିଚାରଧାରା ଆଧାରରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ସମାଜରେ ଧାଡ଼ିର ଶେଷରେ ଠିଆ ହୋଇଥିବା ବ୍ୟକ୍ତି ପାଖରେ ମଧ୍ୟ ଯେପରି ସମସ୍ତ ସରକାରୀ ସୁବିଧା ଓ ସରକାରୀ ଯୋଜନା ସହଜରେ ଉପଲବ୍ଧ ହୋଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଉଛି। ବର୍ତ୍ତମାନର ରାଜ୍ୟ ସରକାର ଗରିବ ଓ ଶ୍ରମିକଙ୍କ ପାଇଁ ସମ୍ବେଦନଶୀଳ ସରକାର। ଓଡ଼ିଶାର ଲକ୍ଷ ଲକ୍ଷ ଶ୍ରମଜୀବୀ ଭାଇଭଉଣୀମାନଙ୍କର ସମସ୍ୟାଗୁଡ଼ିକ ବାସ୍ତବ କ୍ଷେତ୍ରରେ ହୃଦୟଙ୍ଗମ କରି ସେଗୁଡ଼ିକର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ଓ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଓ ଆଇନଗତ ତଥା ସାମାଜିକ ସୁରକ୍ଷା ଓ ଅଧିକାର ପ୍ରଦାନ ଦିଗରେ ନିଷ୍ଠାପର ଓ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବାକୁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଆଜି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।



ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ଉପାଧ୍ୟକ୍ଷା ଚିତ୍ରା ଅରୁମୁଗମ କହିଲେ ଯେ ବିଗତ ଏକ ବର୍ଷ ମଧ୍ୟରେ ରାଜ୍ୟ ସରକାର ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କର କଲ୍ୟାଣ ପାଇଁ ଇତିମଧ୍ୟରେ ରାଜ୍ୟ ସରକାର ଶ୍ରମିକ କଲ୍ୟାଣ ବୋର୍ଡକୁ ପୁନର୍ଗଠନ କରିଛନ୍ତି। ମାଲିକ, ଶ୍ରମିକ ସଂଘ ପ୍ରତିନିଧିମାନେ ନିଷ୍ଠାପର ଭାବରେ କାମ କରି ଏହି ବୋର୍ଡରେ ଥିବା ବିଭିନ୍ନ ଯୋଜନାର ସୁଫଳ ନେବା ପାଇଁ କାର୍ଯ୍ୟ କରିବା ସହ ଏ ଦିଗରେ ଶ୍ରମିକମାନଙ୍କ ମଧ୍ୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଉପସ୍ଥିତ ଥିବା ଶିଳ୍ପାନୁଷ୍ଠାନ, କାରଖାନା ମାଲିକ ଓ କର୍ତ୍ତୃପକ୍ଷମାନଙ୍କୁ ଉଚିତ୍ ସମୟରେ ଶ୍ରମିକମାନଙ୍କ ଦେୟ ପ୍ରଦାନ କରିବାକୁ ସେ ଅନୁରୋଧ କରିଥିଲେ। ଶ୍ରମ ଆୟୁକ୍ତ, ଓଡ଼ିଶା ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଦେବା ସହ ଓଡ଼ିଶା ଶ୍ରମିକ କଲ୍ୟାଣ ବୋର୍ଡର ଆଭିମୁଖ୍ୟ ତଥା କାର୍ଯ୍ୟକାରିତା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ତେବେ ଓଡ଼ିଶା ଶ୍ରମ କଲ୍ୟାଣ ପାଣ୍ଠି ଆଇନ, ୨୦୦୫ର ଧାରା ୧୨ ଅନୁଯାୟୀ, କଲ୍ୟାଣକାରୀ ଯୋଜନା ଉପରେ ଖର୍ଚ୍ଚ ବହନ କରିବା ପାଇଁ ବୋର୍ଡର ପାଣ୍ଠି ବ୍ୟବହାର କରାଯିବ। ତଦନୁସାରେ ବୋର୍ଡ ଅବଦାନକାରୀ କର୍ମଚାରୀଙ୍କ ମେଧାବୀ ପିଲାମାନଙ୍କୁ ୧ ଲକ୍ଷ ଟଙ୍କାର ଏକକାଳୀନ ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ଛାତ୍ରବୃତ୍ତି ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁମୋଦନ କରିଛି। ଜାତୀୟ ସ୍ତରର ସାଧାରଣ ପ୍ରବେଶିକା ପରୀକ୍ଷା ମାଧ୍ୟମରେ ପ୍ରବେଶ ପାଇଁ ଜାତୀୟ ଖ୍ୟାତି ଥିବା ଅନ୍ୟାନ୍ୟ ସରକାରୀ ପ୍ରତିଷ୍ଠାନରେ ୫୦,୦୦୦ଟଙ୍କା, ସ୍ନାତକ ସ୍ତରରେ କିମ୍ବା ତା'ଠାରୁ ଅଧିକ ଯେକୌଣସି ପାଠ୍ୟକ୍ରମ କରୁଥିବା ଅକ୍ଷମ ପିଲାମାନଙ୍କୁ ୧୦,୦୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ଟଙ୍କାର ଏକକାଳୀନ ଆର୍ଥିକ ସହାୟତା, ଦଶମ ବୋର୍ଡ କିମ୍ବା ଦ୍ୱାଦଶ ବୋର୍ଡ ପରୀକ୍ଷାରେ ୯୦% କିମ୍ବା ତା'ଠାରୁ ଅଧିକ ନମ୍ବର ହାସଲ କରିଥିବା ପିଲାମାନଙ୍କୁ ୧୦,୦୦୦ ଟଙ୍କା ଏବଂ ତା'ଠାରୁ ଅଧିକ ଟଙ୍କାର ଏକକାଳୀନ ଆର୍ଥିକ ପ୍ରୋତ୍ସାହନ, ପ୍ରାକୃତିକ ମୃତ୍ୟୁ କ୍ଷେତ୍ରରେ ୫୦,୦୦୦ ଟଙ୍କା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୧ ଲକ୍ଷ ଟଙ୍କା ପ୍ରଦାନ ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ତଥା ନିର୍ଦ୍ଦେଶକ, ଇ.ଏସ୍.ଆଇ ମଧୁମିତା ନାୟକ, ଅତିରିକ୍ତ ଶାସନ ସଚିବ ରାଜେଶ ଅଗ୍ରୱାଲ, ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଗଣ, ଶ୍ରମ ନିର୍ଦ୍ଦେଶାଳୟର ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରମୁଖ ଯୋଗଦେଇ ଶ୍ରମିକ କଲ୍ୟାଣ ଦିଗରେ ବହୁ ଉପାଦେୟ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ବିଭାଗର ଅତିରିକ୍ତ ଶାସନ ସଚିବ ନୀତି ରଞ୍ଜନ ସେନ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୟନୀୟ ଅବସ୍ଥାରେ କାକଟପୁର କେନାଲ ବ୍ରିଜ୍

## ଜଳସେଚନ ବିଭାଗରେ ଅଭିଯୋଗ ସତ୍ତ୍ୱେ ହେଉନି ମରାମତି

**କୁଣ୍ଢେଇ,୨୩।୬/ଏନ୍‌ଏନ୍‌ଏସ୍:** କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନ ଅଧୀନସ୍ଥ ଅସ୍ତରଙ୍ଗ କେନାଲ ସେକ୍ସନର ଧୁରୁଜଙ୍ଗ ଗାଁ ମୁଣ୍ଡରୁ ବାରମାଣିଆ ଧାନ ଗହୀରକୁ ଯିବା ପାଇଁ କେନାଲ ଉପରେ ହୋଇଥିବା ବ୍ରିଜ ୪୦ବର୍ଷ ପୁରୁଣା ହୋଇଥିବା ବ୍ରିଜର ଅବସ୍ଥା ଏବେ ଭୁଶୁଡ଼ିବା ଅବସ୍ଥାରେ ରହିଛି। ସେ ସମୟରେ ମାଙ୍କଡା ପଥରର ଖୁଣ୍ଟ ଉପରେ ନିର୍ମିତ ହୋଇଥିବା ଏହି ବ୍ରିଜ ଏବଂ ବ୍ରିଜ ଉପରେ ନିର୍ମିତ ଦେଢ଼ ଫୁଟିଆ ସୁରକ୍ଷା ବାଡ଼ ରକ୍ଷଣା ବେକ୍ଷଣ ଓ ମରାମତି ଅଭାବରୁ ଭାଙ୍ଗି ରୁଜି ଯାଇଥିବା ବେଳେ ବ୍ରିଜର ଉପର ଅଂଶରୁ ସିମେଣ୍ଟ ଗୋଡି ଖପରା ପରି ଉଠିଯିବାରୁ ବ୍ରିଜରେ ଥିବା ରଡ଼ ସବୁ ବାହାରକୁ ଦେଖାଯାଉଥିବାରୁ ପାଣିରେ ନଷ୍ଟ ହେବାରେ ଲାଗିଛି। ପଥର ଖୁଣ୍ଟବି ଦୁର୍ବଳ ହେଲାଣି ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅନେକ ଥର ଅଭିଯୋଗ କଲେଣି। କିନ୍ତୁ ବିଭାଗ କୌଣସି ପଦକ୍ଷେପ ନେଉନଥିବା ଧୂର୍ଜଙ୍ଗ ଗ୍ରାମର ମାଧବ ଚନ୍ଦ୍ର ମଲ୍ଲିକ, ଚାରୁ ଚନ୍ଦ୍ର ପରିଡା, ବିଦ୍ୟାଧର ମଲ୍ଲିକ, ସଚ୍ଚିକାନ୍ତ ସାହୁ, ପ୍ରଫୁଲ ସାହୁ, ବିଜୟ କୁମାର ବିଶ୍ୱାଳ ହୁଲ୍ଲାସ ସେଠି, ବୁଦ୍ଧେଶ୍ୱର ସେଠି, ଗୋପାଳ ନାୟକ, ଦିଲ୍ଲୀପ କୁମାର ସେଠିଙ୍କ ସମେତ ନିକଟସ୍ଥ ୮ ଗୋଟି ଗ୍ରାମର ଜନସାଧାରଣଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନ ଅଧୀନରେ ଥିବା ଅଧିକାଂଶ କେନାଲରେ ଆବଶ୍ୟକ ନଥାଇ ଅନାବଶ୍ୟକ ସ୍ଥଳେ ନେତା ଓ କର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ବିଭାଗୀୟ ଯନ୍ତ୍ରୀମାନେ ଏକାଧିକ କେନାଲରେ ବ୍ରିଜ ନିର୍ମାଣ କରୁଥିବା ବେଳେ ଧୁରୁଜଙ୍ଗ ଗ୍ରାମବାସୀଙ୍କ ବାରମ୍ବାର ଦାବୀ ସତ୍ତ୍ୱେ ଏହି ବ୍ରିଜ ନିର୍ମାଣ କି ମରାମତି ହେଉନଥିବାରୁ ଏ ନେଇ ପୁରୀ ଜିଲ୍ଲାପାଳ ଓ ବିଭାଗୀୟ ସଚିବଙ୍କୁ ଅବଗତ କରାଯିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି।



ଖବରରୁ ପ୍ରକାଶ ବ୍ରିଜର ଗୋଟେ ପାର୍ଶ୍ୱରେ ଧୁରୁଜଙ୍ଗ ଗ୍ରାମ ସମେତ ନିକଟସ୍ଥ ୮ ଗୋଟି ଗ୍ରାମର ଲୋକ ବସବାସ କରୁ ଥିବା ବେଳେ ବ୍ରିଜର ଅପର ପାର୍ଶ୍ୱରେ ଧୁରୁଜଙ୍ଗ ଗ୍ରାମ ଶ୍ମଶାନ ରହିଛି। ଏହାଛଡା ୧୦ ଗୋଟି ପରିବାର ବ୍ରିଜ ନିକଟରେ ବସବାସ କରୁଥିବା ବେଳେ ଏହି ବ୍ରିଜ ଦେଇ ଶତାଧିକ ଚାଷୀ ବାରମାଣିଆ ଗହୀରରେ ଥିବା ସେମାନଙ୍କ ଧାନ ବିଲକୁ ଚାଷ କରିବାପାଇଁ ଟ୍ରାକ୍ଟର ନେଇ ଯାଇଥାନ୍ତି। ଫଳରେ କେଉଁ ସମୟରେ ଦୁର୍ଘଟଣା ହୋଇପାରେ। ବ୍ରିଜକୁ ସୁରକ୍ଷା ଦେବାକୁ କେନାଲରେ ପାଣି ଆସିଲେ ଜଳସେଚନ ବିଭାଗ ପ୍ରତ୍ୟକ ବର୍ଷ ବାଲି ବସ୍ତା ପକାଏ ବୋଲି ନିକଟସ୍ଥ ଗ୍ରାମବାସୀମାନେ କହିଛନ୍ତି। କେନାଲ ମଧ୍ୟରେ ଏବେ ଅନାବନା ଗଛର ଘଞ୍ଚ ଜଙ୍ଗଲ ସାଙ୍ଗକୁ ଘୋଡାମୁହଁ ପୋଲ ଠାରୁ ଧୁରୁଜଙ୍ଗ ଗାଁ ପର୍ଯ୍ୟନ୍ତ ଯାଇଥିବା କେନାଲ ବନ୍ଧ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଗଲାଣି। ଏହା ଛଡା ରାସ୍ତା ଉପରକୁ ଗଛ ଲତା ମାଡି ଆସିବାରୁ ବିଶେଷକରି ବାଇକ ଚାଳକମାନେ ସମ୍ମୁଖ ପଟୁ ଆସୁଥିବା ଯାନ ବାହନକୁ ଦେଖି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି। ତୁରନ୍ତ ଏହାର ପ୍ରତିକାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ୨୨ ପଞ୍ଚାୟତରେ ବାର୍ତ୍ତା ପ୍ରଚାରକଲା ବିକାଶ ବାହନ



**ଖଣ୍ଡପଡ଼ା,୨୩।୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ୨୧ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ବିକାଶ ବାହନ ପରିଶେଷରେ ଶନିବାର ଖଳିସାହି ପଞ୍ଚାୟତ ପରିକ୍ରମା କରିବା ଅବସରରେ ପଞ୍ଚାୟତବାସୀଙ୍କୁ ବିକାଶର ବାର୍ତ୍ତା ପ୍ରଦାନ କରିଥିବା ଜଣାପଡ଼ିଛି। ଖଳିସାହିସ୍ଥିତ ଦଶଦୋଳ ପଡିଆରେ ଏ ପରିପ୍ରେକ୍ଷୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ବିକାଶ ବାହନକୁ ଅଞ୍ଚଳବାସୀ ସ୍ୱାଗତ କରିଥିଲେ। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ରୁପେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଖଳିସାହି ସରପଞ୍ଚ ଫକୀର ମୋହନ ଦାସ, ଅତିରିକ୍ତ ଜିଲ୍ଲାପାଳ ରୋଜାଲିନ ଦାସ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଲାଷ, ଏବିଡିଓ ଝାଡେଶ୍ୱର ଦାସ, ଜିପିଇଓ ଅନିତ କୁମାର ବଡ଼ସେଟଙ୍କ ସମେତ ଖଳିସାହି ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଖଳିସାହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏକ ଏଲଇଡି ସ୍କ୍ରିନ ଜରିଆରେ ପ୍ରଦର୍ଶିତ ରାଜ୍ୟ ସରକାରଙ୍କ ଏକ ବର୍ଷର ସଫଳତା ଓ ବିକାଶର ବାର୍ତ୍ତାକୁ ପଞ୍ଚାୟତର ଶହଶହ ଜନସାଧାରଣ ଉପଭୋଗ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



**ଟିଗିରିଆ,୨୩।୬/ଏନ୍‌ଏନ୍‌ଏସ୍:** ଟିଗିରିଆ ବ୍ଲକ୍ ଅନ୍ତର୍ଗତ ନିଜିଗଡ ପଞ୍ଚାୟତସ୍ଥ କଲ୍ୟାଣ ମଣ୍ଡପ ଠାରେ ଆଜି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ମଞ୍ଚର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ ଙ୍କ ତତ୍ୱାବଧାନରେ ଏହି ଉତ୍ସବ ରେ ଉଚ୍ଚ ନ୍ୟାୟାଳୟ ଓଡ଼ିଶାର ବିଶିଷ୍ଟ ଆଇନଜିବୀ ତଥା ଲ-କମିଶନ ସଭ୍ୟ ସୌରଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ଆଠଗଡ଼ ଉପଖଣ୍ଡ ର ବରିଷ୍ଠ ଚିକିତ୍ସକ ଭୁବନାନନ୍ଦ ଦାଶ ମୁଖ୍ୟ ବକ୍ତା, ଟିଗିରିଆର ଶିକ୍ଷାବିତ୍ ତଥା ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ସୁବୋଧ କୁମାର ପଟ୍ଟନାୟକ ଓ ବରିଷ୍ଠ ଆଇଜୀବୀ ପ୍ରଶାନ୍ତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଉତ୍ସବରେ ବରିଷ୍ଠ ନାଗରିକଙ୍କ ପାଇଁ ସୁରକ୍ଷା, ଆଇନ୍ ଓ ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ବେଳେ ମୁଖ୍ୟଅତିଥି ଶ୍ରୀ ମହାପାତ୍ର ବରିଷ୍ଠ ନାଗରିକମାନଙ୍କୁ କିପରି ନ୍ୟାୟ, ସୁରକ୍ଷା ଏବଂ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ସେଥିପାଇଁ ସଚେତନତା କରାଇଥିଲେ। ପୁଲିସ ପ୍ରଶାସନ ତରଫରୁ କିଭଳି ଆଇନତ ସାହାଯ୍ୟ କରିବାକୁ ସରକାର ଙ୍କ ଯେଉଁ ସବୁ ନିୟମ କରାଯାଇଛି ସେ ବାବଦରେ ମଧ୍ୟ ଅବଗତ କରାଇବା ସହିତ ସରକାର ଙ୍କ ନିୟମ ଠିକ୍ ଭାବରେ ପାଳନ କରାଯାଉ ନଥିବରୁ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଶ୍ରୀ ମହାପାତ୍ର ବରିଷ୍ଠ ନାଗରିକ ମାନଙ୍କୁ ଆଇନ ପରାମର୍ଶ ଦେବା ପାଇଁ ଏବଂ ଆଇନ ସଙ୍ଗତ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟ ବକ୍ତା ଡାକ୍ତର ଭୁବନା ନନ୍ଦ ଦାଶ ବରିଷ୍ଠ ନାଗରିକ କିଭଳୀ ସୁସ୍ଥ ରହିପାରିବେ ସେଥିପାଇଁ ଅନେଗୁଡ଼ିଏ ଯୋଗ ଶିଖାଇବା ସହିତ ଦୈନନ୍ଦିନ ଜୀବନ ଶୈଳୀ ସଚେତନତା କରାଇଥିଲେ । ସେହିଭଳି ଟିଗିରିଆ ପୁଲିସ ପ୍ରଶାସନ ତରଫରୁ କୌଣସି ପ୍ରତିନିଧି ଉକ୍ତ ଉତ୍ସବରେ ଯୋଗଦେଇ ନଥିବା ଏବଂ ବରିଷ୍ଠ ନାଗରିକମାନଙ୍କର ଅନେକ ପରିଚୟ ପତ୍ର ପାଇ ନଥିବାରୁ ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ କ୍ଷୋଭ ପ୍ରକାଶ କରିଥିଲେ। ଆଇନଜୀବୀ ପ୍ରସାନ୍ତ ପଟ୍ଟନାୟକ ମଧ୍ୟ ସମାନ ଢଙ୍ଗରେ ବକ୍ତବ୍ୟ ରଖିଥିଲେ। ଉକ୍ତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଏଥିରେ ବ୍ଲକ୍ ଅନ୍ତର୍ଗତ ପ୍ରାୟ ସମସ୍ତ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ବନ୍ଦେ ଉତ୍କଳଜନନୀ ଗାନ ପରେ ମଞ୍ଚର ଦିବଂଗତ ସଭ୍ୟ, ଟିଗିରିଆର ପୂର୍ବତନ ସରପଞ୍ଚ ଭବାନୀଶଙ୍କର ପଟ୍ଟନାୟକ ଏବଂ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧକ୍ଷ ନିରଞ୍ଜନ ରଥଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସଭାକୁ ସମ୍ପାଦକ ସୁଶୀଲ କୁମାର ନନ୍ଦପରିଚାଳନା କରିଥିଲେ।

## ଜରିପଡ଼ା-ତେଲିଜୋରୀ ନଈ ପ୍ରତି ପ୍ରଶାସନିକ ଅବହେଳା

# କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଚାଷୀଙ୍କ କାମରେ ଆସୁନି

**କଣ୍ଟାପଡ଼ା,୨୩।୬/ଏନ୍‌ଏନ୍‌ଏସ୍:** କଟକ କାଠଯୋଡ଼ି ନିକଟ ଜରିପଡ଼ାଠାରୁ ବାହାରିଥିବା ୩୦ କିଲୋମିଟର ଦୈର୍ଘ୍ୟ ତେଲିଯୋରୀ ନଈ ଏବେ ପ୍ରଶାସନିକ ଅବହେଳାରୁ ଚାଷୀଙ୍କ କାମରେ ଆସୁନି। ଏପରିକି କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ଏହାଦ୍ୱାରା ଲୋକେ ଉପକୃତ ହୋଇପାରୁନଥିବା ଅଭିଯୋଗ ହୋଇଛି। ଏହି ଜଳ ନିଷ୍କାସନ ସଫେଇ ନଈ ଜରିପଡ଼ାଠାରୁ ବାହାରି କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ତଣ୍ଡିକଣା ପର୍ଯ୍ୟନ୍ତ ଯାଇଛି। ଏହା ଉପରେ କଟକ ସଦର, ବାରଙ୍ଗ ଓ କଣ୍ଟାପଡ଼ା ବ୍ଲକର ୨୨ହଜାରରୁ ଊର୍ଦ୍ଧ୍ୱ ସଂଖ୍ୟକ ଚାଷୀ ଫସଲ ଓ ଗୋପାଳନ ପାଇଁ ନିର୍ଭରଶୀଳ। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବ ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଫଳରେ ଏହାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଏହି ନାଳୀରେ ପ୍ରବାହିତ ଜଳଦ୍ୱାରା ଉଭୟ ପାର୍ଶ୍ୱରେ ଥିବା ହଜାର ହଜାର ଏକର ଚାଷ ଜମିକୁ ଜଳଯୋଗାଣ ହୋଇଥାଏ। ବିଶେଷ କରି ଅଣ ଜଳସେଚିତ ଅଞ୍ଚଳର କୃଷିକାର୍ଯ୍ୟ ମୁଖ୍ୟତଃ ଏହି ନାଳୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏଥିପାଇଁ ଏହି ନାଳୀରେ କଟକ ଡ୍ରେନେଜ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ୧୬ ଟି ଚେକଡ୍ୟାମ ନିର୍ମାଣ କରାଯାଇ କୃଷି କ୍ଷେତ୍ରକୁ ଜଳଯୋଗାଣ ସହିତ ସମ୍ଭାବ୍ୟ ବନ୍ୟା ନିୟନ୍ତ୍ରଣ କରାଯାଇଥାଏ। ମାତ୍ର ଅଧିକାଂଶ ଚେକଡ୍ୟାମ ଏବେ ଭାଙ୍ଗିରୁଜି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଗେଲପୁରଠାରେ ଥିବା ସ୍ଲୁଇସ ଗେଟ୍ ଅଚଳ ହୋଇ ପଡ଼ିଥିବାରୁ ଏହା ଜଳ ସଂରକ୍ଷଣରେ ବିଫଳ ହୋଇଛି। ଫଳରେ ଉଦବୃତ୍ତ ବର୍ଷା ଜଳ କୃଷି କ୍ଷେତ୍ରକୁ ମାଡ଼ିଯାଇ ବ୍ୟାପକ ଫସଲ ହାନିର କାରଣ ପାଲଟୁଛି। ଅନ୍ୟପକ୍ଷରେ କଳିକତି ଦଳ ଯୋଗୁଁ ଜଳ ପ୍ରବାହ ବାଧାପ୍ରାପ୍ତ ହୋଇ ଖରିଫ ଧାନ ଫସଲ କ୍ଷତିଗ୍ରସ୍ତ ହେଉଛି। ଏହି ନଈ କେତେକ ସ୍ଥାନରେ ଶୁଖିଲା ପଡ଼ି ଟାଙ୍ଗରା ଭୂମିର ଭ୍ରମ ସୃଷ୍ଟି କରୁଥିଲାବେଳେ ଆଉ କେତେକ ସ୍ଥାନରେ କଳିକତି ଦଳରେ ଆଚ୍ଛାଦିତ ହୋଇଥିବା ଦେଖିବାକୁ ମିଳୁଛି। ଏହାର ଖନନ, ସଫେଇ, ମରାମତି ଏବଂ ରକ୍ଷଣାବେକ୍ଷଣ ପାଇଁ ଗତ ଦଶ ବର୍ଷ (୨୦୧୨-୨୦୨୨) ମଧ୍ୟରେ ରାଜ୍ୟ ସରକାରଙ୍କ ଡ୍ରେନେଜ ବିଭାଗ ପକ୍ଷରୁ ମୋଟ ୧୬ କୋଟି ଟଙ୍କା ବ୍ୟୟ ହୋଇଥିଲା; ଏହି କାର୍ଯ୍ୟର ତଦାରଖ ପାଇଁ ତିନିଜଣ ସହକାରୀ ଯନ୍ତ୍ରୀ ଓ ଜଣେ ଖଲାସୀ ଦାୟିତ୍ୱରେ ଥିଲେ। ଅଥଚ ଏତେ ସବୁ ପରେ ବି ତେଲିଜୋରୀ ନଈ ଚାଷୀଙ୍କ କାମରେ ଆସୁନି। ଆଗାମୀ ବର୍ଷାଋତୁ ଆଗମନ ପୂର୍ବରୁ ଭଗ୍ନ ଅବସ୍ଥାରେ ଥିବା ଚେକଡ୍ୟାମ ମରାମତି, ଦଳ ସଫେଇ ଏବଂ ଖନନ କାର୍ଯ୍ୟ ଶେଷ କରିବାକୁ ଚାଷୀମାନେ ଦାବି କରିଛନ୍ତି।



# ନରହରି ବାରିକ ସ୍ମୃତିସଂସଦ ତରଫରୁ ମେଧାବୃତ୍ତି ପରୀକ୍ଷା

**କୁଆଁପାଳ,୨୩।୬/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଭଦ୍ରେଶ୍ୱର ପଞ୍ଚାୟତ ଅଧୀନସ୍ଥ ଝଡ଼େଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ନରହରି ବାରିକ ନାମିତ ନରହରି ବାରିକ ସ୍ମୃତିସଂସଦ ଆନୁକୂଲ୍ୟରେ ୨୦୨୪-୨୫ ମେଧାବୃତ୍ତି ପରୀକ୍ଷା ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟ ଗୋଟରାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦିବଂଗତ ଶିକ୍ଷକ ଗୁଣନିଧି ଲେଙ୍କା ସ୍ମୃତିରେ ଛାତ୍ରଛାତ୍ରୀମାନେ ଗଣିତ ଓ ବିଜ୍ଞାନରେ ପରୀକ୍ଷା ଦେଇଥିଲା ବେଳେ ଚୌ. ସୁରେନ୍ଦ୍ରନାଥ ପ୍ରହରାଜଙ୍କ ସ୍ମୃତିରେ ଇଂରାଜୀ ଓ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସ୍ମୃତିରେ ସାମାଜିକ ବିଜ୍ଞାନ ଓ ସାଧାରଣ ବିଜ୍ଞାନ ପରୀକ୍ଷା ହୋଇଥିଲା। ଏଥିରେ ଗଣିତ ଓ ବିଜ୍ଞାନ ବିଷୟରେ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚବିଦ୍ୟାଳୟର ଛାତ୍ରୀ କାଜଲ ସେଠୀ, ସରକରୀ ଉଚ୍ଚ ବିଦ୍ୟାଳୟ ରାମକୃଷ୍ଣପୁର ଓସ୍ତପୁରର ଛାତ୍ରୀ ବର୍ଷାପ୍ରିୟଦର୍ଶିନୀ ଦାସ, ହଳଦିଆ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର କ୍ଷୀତିଶ୍ ଚନ୍ଦ୍ର ରାଉତ, ପଞ୍ଚାୟତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରସ୍ମିରେଖା ଦାସ, ଇଂରାଜୀ ବିଷୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ପଲ୍ଲୀସାହିର ଛାତ୍ରୀ ଅନନ୍ୟା ପ୍ରିୟଦର୍ଶିନୀ ରାଉତ, କ୍ଷେତ୍ରମୋହନ ବିଦ୍ୟାପୀଠ କଟରପଡାର ଛାତ୍ର ରଘୁନାଥ ବଳ, ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱରର ଛାତ୍ରୀ ପ୍ରତିପ୍ରଜ୍ଞାମୟୀ ସାହୁ, ସମାଜ ବିଜ୍ଞାନରେ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପଦରବାଟିଆ ଛାତ୍ର ଆୟୁଷ୍ମାନ ସାମଲ, ପଞ୍ଚାୟତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାପ୍ରିୟଦର୍ଶିନୀ ସାହୁ, ଭଗବତୀ ବିଦ୍ୟାପୀଠ ଶୁକ୍ଳେଶ୍ୱର ଛାତ୍ରୀ ଅର୍ପିତା ସାହୁ ପ୍ରମୁଖ ପରୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ଏହି ପରୀକ୍ଷାକୁ ଝଡେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ମନୋରଂଜନ ଲେଙ୍କା, ହିମାଂଶୁ ଶେଖର ମିଶ୍ର, ଅଜୟ କୁମାର ସାହୁ, ମଦନମୋହନ ସାହୁ, ପ୍ରମୋଦ ପ୍ରଧାନ, ଶଶିଭୂଷଣ ପ୍ରହରାଜ, ଅକ୍ଷୟ କୁମାର ଘଡେଇ, ସଫିକ୍ ଅହମ୍ମଦ ଖାଁ ପ୍ରମୁଖ ସହଯୋଗ କରିଥିଲା ବେଳେ ସଂସଦର ସଦସ୍ୟ କ୍ଷୀରୋଦ କୁମାର ମହାପାତ୍ର, ଚିତ୍ତରଂଜନ ମହାପାତ୍ର, ସାମ୍ବାଦିକ ବିଜୟ କୁଅଁର ଓ କ୍ଷୀରୋଦ ବେହେରା ପ୍ରମୁଖ କର୍ମକର୍ତ୍ତାମାନେ ପରୀକ୍ଷା ସଂଚାଳନ କରିଥିଲେ। ଶେଷରେ ଉତ୍ତିର୍ଣ୍ଣ ହୋଇଥିବା ୧୦ଟି ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର, ବୃତ୍ତି ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

# ୨୫ରେ ସେବା ମହୋତ୍ସବ-୨୦୨୫

**ଦଶପଲ୍ଲା,୨୩।୬/ଏନ୍‌ଏନ୍‌ଏସ୍:** ବୁଧବାର ଦଶପଲ୍ଲା ବ୍ଲକ ଟାକରା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ସେବା ମହୋତ୍ସବ-୨୦୨୫ ଅନୁଷ୍ଠିତ ହେବ। ଏହିଦିନ ସକାଳ ସମୟରେ ମଶାଲ ଶୋଭାଯାତ୍ରା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ଅପରାହ୍ନରେ ସେବା ଉତ୍ସବ-୨୦୨୫ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଏଥିରେ ଗରିବ, ଅସହାୟ, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ମାନଙ୍କୁ ଶୁଖିଲାଖାଦ୍ୟ ସହ ବସ୍ତ୍ର, ଛତା, କମ୍ବଳ, ଚପଲ ଭଳି ନିତ୍ୟ ବ୍ୟବହାର ସାମଗ୍ରୀ ବଣ୍ଟନ କରାଯିବ । କାର୍ଯ୍ୟକ୍ରମର ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟର ସମ୍ପାଦକ ନିହାର ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଥିବା ବେଳେ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ସନ୍ତୋଷ କୁମାର ସାହୁ, ସମ୍ବିତ ଭଞ୍ଜ, ମାନସ କୁମାର ପରିଡ଼ା, ଚନ୍ଦନେଶ୍ୱର ଦାଶ, ରବି ନାରାୟଣ ସାହୁ, କୁନା ବେହେରା, ଚନ୍ଦ୍ର ଶେଖର ନାଏକ ପ୍ରମୁଖ ଉଦ୍ୟମ ଜାରି ରଖିଛନ୍ତି। ଏହା ପରେ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଟ୍ରଷ୍ଟର ଅଧକ୍ଷ ପ୍ରିୟବ୍ରତ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

# ଗ୍ରାମବାସୀଙ୍କ ସହଯୋଗରେ ଢଳେଇ ରାସ୍ତା ନିର୍ମାଣ



**ନିଶ୍ଚିନ୍ତକୋଇଲି,୨୩।୬/ଏନ୍‌ଏନ୍‌ଏସ୍:** ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନ ମଣ୍ଡଳୀ ବାବୁଜଙ୍ଗ ଖୁଣ୍ଟିଆସାହି ଗ୍ରାମ୍ୟ ରାସ୍ତାକୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଢଳେଇ ରାସ୍ତାରେ ପରିଣତ କରାଯାଇଛି। ଏହି ଗ୍ରାମର ଦୀର୍ଘ ଦିନର ସମସ୍ୟାର ସମାଧାନ ହୋଇ ପାରିଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ବାବୁଜଙ୍ଗ ଖୁଣ୍ଟିଆ ସାହି ରାସ୍ତାରେ ଦୀର୍ଘ ବର୍ଷ ହେଲା ଟିକିଏ ବର୍ଷା ହେଲେ ପାଣି ଲହଡି ଖେଳୁଥିଲା। ଫଳରେ ସ୍ଥାନୀୟ ଅଞ୍ଚଳର ସାଧାରଣ ଲୋକଙ୍କ ସମେତ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଓ ଅଙ୍ଗନୱାଡିର କୋମଳମତି ଶିଶୁ ମାନେ ଯିବା ଆସିବା ନିମନ୍ତେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇ ଆସୁଥିଲେ। ଏପରିକି ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଜରୁରୀ କାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସିପାରୁନଥିଲା। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତେବେ କଟକ ସଦର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଏହି ରାସ୍ତା ନିର୍ମାଣ ନିମନ୍ତେ ତାଙ୍କ ବିଧାୟକ ହାତ ପାଣ୍ଠିରୁ ୩ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ସ୍ଥାନୀୟ ଜଣେ ଗ୍ରାମପଞ୍ଚାୟତ ସ୍ତରୀୟ ନିର୍ବାଚିତ ଲୋକ ପ୍ରତିନିଧି ଏହି ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିଲେ। ଫଳରେ ଏହି ଘଟଣାକୁ ନେଇ ଗ୍ରାମରେ ଉତେଜନା ପ୍ରକାଶ ପାଇଥିଲା। ତେବେ ଆଜି ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ଗ୍ରାମ୍ୟ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତା ନିର୍ମାଣ କରାଯାଇଥିବାରୁ ସ୍ଥାନୀୟ ଲୋକେ ବିଧାୟକ ଶ୍ରୀ ସେଠୀଙ୍କୁ ସାଧୁବାଦ ଜଣାଇଛନ୍ତି।

# କର୍ମବୀର ଗୌରୀଶଙ୍କର ରାୟଙ୍କ ପୈତୃକ ଗ୍ରାମକୁ ଐତିହ୍ୟ ମାନ୍ୟତା

**ନିଶ୍ଚିନ୍ତକୋଇଲି,୨୩।୬/ଏନ୍‌ଏନ୍‌ଏସ୍:** ମୋହନ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ଓଡିଶା ସରକାର ଏବଂ ପର୍ଯ୍ୟଟନ ବିଭାଗ ତରଫରୁ ରାଜ୍ୟରେ ଜନ୍ମ ଗ୍ରହଣ କରିଥିବା ଶ୍ରେଷ୍ଠ ବରପୁତ୍ର ମାନଙ୍କ ଜନ୍ମସ୍ଥାନକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି। ପ୍ରତ୍ୟକ ବରପୁତ୍ରଙ୍କ ଗ୍ରାମ ଓ ଜନ୍ମ ସ୍ଥାନର ଉନ୍ନତି କରଣ ନିମନ୍ତେ ୧୫କୋଟି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଲକ୍ଷ ଧାର୍ଯ୍ୟ କରାଯାଇଛି। ଏହି ବରପୁତ୍ରଙ୍କ ଜନ୍ମସ୍ଥାନ ମଧ୍ୟରୁ କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଗ୍ରାମପଂଚାୟତ ଦିକ୍ଷିତପଡା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଓଡିଆ ଭାଷା ଆନ୍ଦୋଳନର କର୍ଣ୍ଣଧାର ତଥା ପ୍ରଥମ ଓଡିଆ ଖବର କାଗଜ ଉତ୍କଳ ଦୀପିକାର ପ୍ରତିଷ୍ଠାର କର୍ମବୀର ଗୌରୀ ଶଙ୍କର ରାୟଙ୍କ ଜନ୍ମସ୍ଥଳୀକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସରକାର ଅନ୍ତର୍ଭୁକ୍ତ କରିଛନ୍ତି। ଦୀର୍ଘ ଦଶନ୍ଧି ପରେ ବରପୁତ୍ରମାନଙ୍କ ଜନ୍ମସ୍ଥାନର ବିକାଶର ପଦକ୍ଷେପ ଯଥା ସମ୍ମାନ ଦେବା ନୂତନ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ଓଡିଆ ଅସ୍ମିତାର ଜାଗରଣ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ରାଜ୍ୟ ସରକାର ଏହି ମହତ ଯୋଜନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ପ୍ରମୁଖଙ୍କୁ ସ୍ଥାନୀୟ ଲୋକେ ସାଧୁବାଦ ଜଣାଇଛନ୍ତି।

# ଟ୍ୱିନ୍‌ସିଟି ପ୍ରେସ୍‌କ୍ଲବ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

**ବାଲିଅନ୍ତା,୨୩।୬/ଏନ୍‌ଏନ୍‌ଏସ୍:** ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ସମସ୍ୟା ତଥା ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଟ୍ୱିନ୍‌ସିଟି ପ୍ରେସ୍ କ୍ଲବ ପକ୍ଷରୁ ଜିଲ୍ଲାପାଳଙ୍କୁ ଛଅ ଦଫା ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଠାରେ ସୂଚନାଯୋଗ୍ୟ କି ଗତ ସୋମବାର ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣାଙ୍କ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ସଦ୍‌ଭାବନା ଗୃହରେ ଯୁଗ୍ମ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ଥାନୀୟ ସମସ୍ୟା ନେଇ ଟ୍ୱିନ୍‌ସିଟି ପ୍ରେସ୍ କ୍ଲବ ପକ୍ଷରୁ ଜିଲ୍ଲପାଳଙ୍କୁ ଛଅଦଫା ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଜଗନ୍ନାଥପୁର ପଞ୍ଚାୟତର ମୁଖ୍ୟ ଛକ ତ୍ରିନାଥବଜାର ଠାରେ ବିଭିନ୍ନ ସମୟରେ ବେପରୁଆ ଗାଡିଚାଳକମାନଙ୍କ ବେପରୁଆ ଗାଡିଚାଳନା, ଚୋରି, କୌଣସି ଅସାମାଜିକ କାର୍ଯ୍ୟକଳାପକୁ ପୁଲିସକୁ ବିଭିନ୍ନ କ୍ଷେତ୍ରରେ ସହାୟକ ପାଇଁ ଏହି ଛକରେ ସି ସି କ୍ୟାମେରା ଲଗାଇବାକୁ ଦାବି। ଜଗନ୍ନାଥପୁର ପଞ୍ଚାୟତର ଦୁଇଗୋଟି ମୁଖ୍ୟ ଛକ ପ୍ରଥମଟି ତ୍ରିନାଥବଜାର ଦ୍ୱିତୀୟଟି ପଞ୍ଚବଟୀ ବଜାର ଉକ୍ତ ଦୁଇ ବଜାରରେ ଯାତ୍ରୀ ବିଶ୍ରାମଗାର ତତ୍ ସହିତଶୌଚାଳୟ ନିର୍ମାଣ କରିବା ଦାବି। ଜଗନ୍ନାଥପୁର ପଞ୍ଚାୟତରେ ବୈଷୟକ ଶିକ୍ଷା ଅନୁଷ୍ଠାନ, ବିଭିନ୍ନ ବଡ଼ବଡ଼ ବ୍ୟବସାୟିକ ଅନୁଷ୍ଠାନ, ହାଇସ୍କୁଲ, ଇତ୍ୟାଦି ଥିବାରୁ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଖୋଲିବା ପାଇଁ ଦାବି। ପଞ୍ଚାୟତର ଚାରୋଟି ସ୍ଥାନରେ ଯଥା ପଞ୍ଚାୟତ ପରିସର, ତ୍ରିନାଥ ବଜାର, ପଞ୍ଚବଟୀ ବଜାର, ପଞ୍ଚବଟୀ ଦୋଳମେଳଣ ପଡିଆ ଇତ୍ୟାଦି ସ୍ଥାନରେ ଲାଗିଥିବା ହାଇମାକ୍ସ ଲାଇଟ ଦୀର୍ଘଦିନ ହେବ ଅଚଳ ହୋଇପଡିଛି। ସେସବୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରାଯାଇଛି। ପ୍ରତାପନଗରୀ ଜଳସେଚନ ଉପଖଣ୍ଡଅନ୍ତର୍ଗତ ଫୁଲନଖରା ଡିଷ୍ଟ୍ରିବ୍ୟୁଟାରୀ କେନାଲ ଉପରେ ପଞ୍ଚବଟୀଠାରେ ଥିବାବିପଦସଂକୁଳ ବ୍ରିଜରକୁ ହଟେଇ ନୂତନ ବ୍ରିଜ ନିର୍ମାଣ କରିବା, ତ୍ରିନାଥବଜାର ଠାରୁ ବାଲିଅନ୍ତା ଭାୟା ଅଟଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଭୁବନେଶ୍ୱରଙ୍କ ଅଧୀନରେ ଥିବା ରାସ୍ତାର ରାମଲୀଳା ମଣ୍ଡପ ଠାରୁ ଗୋପୀନାଥ ମନ୍ଦିର ପର୍ଯ୍ୟନ୍ତ ଅସରାଏ ବର୍ଷା ହେଲେ ପାଣି ଜମା ହେବା ଦ୍ୱାରା ଲୋକେ ଯାତାୟାତରେ ଅସୁବିଧା ହେଉଥିବାରୁ ଉକ୍ତ ରାସ୍ତା କଡ଼ରେ ଡ୍ରେନ ନିର୍ମାଣ କରିବା, ଜଗନ୍ନାଥପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ବସବାସ କରୁଥିବା କିଛି ଗ୍ରାମବାସୀ କିଛିବର୍ଷ ହେବ ଗ୍ରାମ ମଧ୍ୟରେ ଥିବା ସରକାରୀ ରାସ୍ତାକୁ ଅବୈଧ ଭାବେ କବ୍‌ଜାକରି ରାସ୍ତା ଉପରକୁ ମାଡି ବ୍ୟକ୍ତିଗତ ପ୍ରାଚୀର ଓ ବାରଣ୍ଡା ଏବଂ ଘର କରିଥିବାରୁ ଦମକଳ କିମ୍ବା ଆମ୍ବୁଲାନ୍ସ ପରି ଜରୁରୀକାଳୀନ ଗାଡ଼ି ଯାଇ ଆସି ପାରୁନାହିଁ। ଗ୍ରାମବାସୀମାନେ ମଧ୍ୟ ନାନାଦି ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ସରକାରୀ ରାସ୍ତା ସୀମା ନିର୍ଦ୍ଧାରଣ କରିବାକୁ ବାଲିଅନ୍ତା ତହସିଲଦାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ଦାବି କରାଯାଇଛି। ଜିଲ୍ଲାପାଳ ସାମ୍ବାଦିକମାନଙ୍କର ଦାବିପତ୍ର ଗ୍ରହଣ କାରି ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କ୍ଲବ ପକ୍ଷରୁ ସଭାପତି ବରିଷ୍ଠ ସାମ୍ବାଦିକ ସନାତନ ପରିଜାଙ୍କ ନେତୃତ୍ୱରେ ବରିଷ୍ଠ ସାମ୍ବାଦିକ ବଂଶୀଧର ଭୋଳା, ସମ୍ପାଦକ ଡ଼ଃ ଭବାନୀ ଶଙ୍କର ପାତ୍ର, ଉପସଭାପତି ଗୁରୁପ୍ରସାଦ ମହାପାତ୍ର, ହୃଦାନନ୍ଦ ସାହୁ, ନିର୍ମଳ କୁମାର ବେହେରା, ଅନନ୍ତ କୁମାର ଭୋଇ, କିଶୋର କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



**ନିତି ଭାରତୀ** | ଯେଉଁମାନେ ମାନବ ସମାଜକୁ ଭଲ ପାଇଛନ୍ତି, ସେମାନେ ଈଶ୍ୱରଙ୍କୁ ପାଇଛନ୍ତି। - **ଗୁରୁ ନାନକ**

NITIDIN
ନିତିଦିନ
ମଙ୍ଗଳବାର , ୨୪ ଜୁନ୍ ,୨୦୨୫

# ନିଆରା ମଣିଷ ନବକୃଷ୍ଣ ଚୌଧୁରୀ

ଜମିଦାରୀର ପ୍ରାଚୁର୍ଯ୍ୟକୁ ପାଦରେ ଏଡ଼ାଇ ଏବଂ ଭବିଷ୍ୟତ ଜୀବନରେ ବଡ଼ ଚାକିରି କରି ବିଳାସ ବ୍ୟସନରେ ରହିବା ପାଇଁ ଥିବା ସୁଯୋଗକୁ ହାତଛଡ଼ା କରି ନବକୃଷ୍ଣ ଚୌଧୁରୀ ରେଭେନ୍ସାରେ ପାଠ ପଢୁଥିବା ବେଳେ ୧୯୨୦-୨୧ ମସିହାରେ ଗାନ୍ଧିଜୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନରେ ଝାସ ଦେବା ସହ କଲେଜ ଛାଡ଼ିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ସେ ସପରିବାର ବାରମ୍ବାର ଜେଲ୍ ଯାଇଛନ୍ତି। ଏମିତିକି ଜେଲ୍ ଭିତରେ ସହବନ୍ଦୀଙ୍କୁ ଦବାଇବା ପାଇଁ ବନ୍ଧୁକଧାରୀ ପୁଲିସ ଉଦ୍ୟମ କରିବା ବେଳେ ସେମାନଙ୍କ ବନ୍ଧୁକ ଆଗରେ ନିଜ ଛାତି ଦେଖାଇ ସାହସ ଥିଲେ ଆଗେ ତାଙ୍କୁ ଗୁଳି କରିବା ପାଇଁ ସେ ଆହ୍ୱାନ ଦେଇ ପାରୁଥିଲେ।



**ପ୍ରହଲାଦ କୁମାର ସିଂହ**


ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ, ଭାଉଜ ରମାଦେବୀ, ପତ୍ନୀ ମାଳତୀ ଦେବୀ, ଝିଅ ଉତ୍ତରା, ଝିଆରୀ ଅନ୍ନପୂର୍ଣ୍ଣା, ଜାମାତା ଶରତ ଚନ୍ଦ୍ର ଓ ପୁତୁରା ମନମୋହନଙ୍କ ସମେତ ଚୌଧୁରୀ ବିରାଦରୀର ଅନେକ ବ୍ରିଟିଶ କାରା କକ୍ଷରେ ଦେଶ ପାଇଁ ବର୍ଷ ବର୍ଷ ଧରି ରହିଛନ୍ତି ପଛେ କେବେ ମୁଣ୍ଡ ନୁଆଁଇ ନାହାନ୍ତି। ସ୍ୱାଧୀନତା ସଂଗ୍ରାମ କାଳରେ ଓ ସ୍ୱାଧୀନ ଭାରତରେ ଏହି ପରିବାରର ପ୍ରତିଟି ସଦସ୍ୟ ସ୍ୱେଚ୍ଛାକୃତ ଦାରିଦ୍ର୍ୟ ବରଣ କରି ଚାଷୀ ମୂଲିଆଙ୍କ ଭଳି ସାଧାରଣ ଜୀବନଯାପନ କରିଛନ୍ତି। ସାମାଜିକ ସଂସ୍କାରକୁ ଏମାନେ ଜୀବନର ବ୍ରତ ଭାବେ ଗ୍ରହଣ କରି ନେଇଛନ୍ତି।

ନବବାବୁ ୧୯୩୭ରେ ଓଡ଼ିଶାର ପ୍ରଥମ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରେ ୧୯୪୬ରେ ସେ ପୁନଃ ନିର୍ବାଚିତ ହୋଇ ଓଡ଼ିଶାର ରାଜସ୍ୱ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତେବେ ପରେ ବ୍ୟକ୍ତିଗତ କାରଣରୁ ସେ ମନ୍ତ୍ରୀ ଓ ବିଧାୟକ ପଦରୁ ଇସ୍ତଫା ଦେଇଥିଲେ। ୧୯୫୦ରେ ପଣ୍ଡିତ ଜବାହାରଲାଲ ନେହରୁଙ୍କ ଅନୁରୋଧକ୍ରମେ ସେ କ୍ଷମତା ରାଜନୀତିକୁ ଫେରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ତାଙ୍କୁ ପୁଣି ଥରେ ଉପନିର୍ବାଚନରେ ବିଜୟୀ ହେବାକୁ ପଡ଼ିଥିଲା। ୧୯୫୧-୫୨ ବର୍ଷରେ ଭାରତର ସମ୍ବିଧାନ ଅନୁଯାୟୀ ହୋଇଥିବା ନିର୍ବାଚନରେ ନବବାବୁ ପୁନର୍ବାର ବିଜୟୀ ହୋଇ ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଥିଲେ। ତାଙ୍କ ସମୟରେ ଭାଷା ଆଇନ, ନିଶା ନିବାରଣ ଆଇନ, ଅଞ୍ଚଳ ଶାସନ ଆଇନ, ଭାଗଚାଷୀ ଆଇନ ଆଦି ବହୁ କ୍ରାନ୍ତିକାରୀ ବ୍ୟବସ୍ଥା ହୋଇଥିଲା। ରାଉରକେଲା ଇସ୍ପାତ କାରଖାନା ଓ ହୀରାକୁଦ ବନ୍ଧ ନିର୍ମାଣ ପଛରେ ତାଙ୍କର ଅବଦାନ ଥିଲା। ରାଜନୈତିକ କ୍ଷେତ୍ରରେ ବଢ଼ି ଚାଲିଥିବା ଭ୍ରଷ୍ଟାଚାର, ଗୋଷ୍ଠୀ କନ୍ଦଳ ଆଦିରେ ଅତିଷ୍ଠ ହୋଇ ନବବାବୁ ବିଧାନସଭାରେ ଆସ୍ଥା ଭୋଟ୍‌ରେ ଜିଣିବା ପରେ ବି ସ୍ୱେଚ୍ଛାକୃତ ଭାବେ ମୁଖ୍ୟମନ୍ତ୍ରୀ ଓ ବିଧାୟକ ପଦରୁ ଇସ୍ତଫା ଦେଇ କ୍ଷମତା ରାଜନୀତିରୁ ସନ୍ନ୍ୟାସ ନେଇଥିଲେ। ସେତେବେଳେ ଇସ୍ତଫାପତ୍ର ପ୍ରତ୍ୟାହାର କରିନେବା ପାଇଁ ନେହରୁ ତାଙ୍କୁ ଅନୁରୋଧ କରିଥିଲେ ମଧ୍ୟ ସେ ନିଜ ଜିଦ୍‌ରେ ଅଟଳ ରହିଥିଲେ। କେନ୍ଦ୍ର କ୍ୟାବିନେଟ୍ କିମ୍ବା ମାନ୍ଦ୍ରାଜ ରାଜ୍ୟପାଳ ଦାୟିତ୍ୱ ଗ୍ରହଣ କରିବା ପାଇଁ ନେହରୁଙ୍କ ବିକଳ୍ପ ପ୍ରସ୍ତାବକୁ ଏଡ଼ାଇ ଦେଇ ସେ ଅନୁଗୋଳର ବାଜି ରାଉତ ଛାତ୍ରାବାସରେ ରହିବାକୁ ପସନ୍ଦ କରିଥିଲେ।

ମହାତ୍ମା ଗାନ୍ଧୀ, ରବୀନ୍ଦ୍ର ନାଥ ଠାକୁର, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ପଣ୍ଡିତ ଜବାହାରଲାଲ ନେହରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସୀମାନ୍ତ ଗାନ୍ଧି ଖାଁ ଅବଦୁଲ୍ ଗଫର ଖାଁ ଆଦି ବହୁ ଜାତୀୟ ସ୍ତରର ନେତାଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା। ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଜୟପ୍ରକାଶ ନାରାୟଣଙ୍କ ସହ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସେ ନିଜକୁ ସମର୍ପି ଦେଇଥିଲେ। ଦଳିତ, ନିଷ୍ପେଷିତ ଲୋକଙ୍କ ସେବା ପାଇଁ ଚୌଧୁରୀ ପରିବାରର ଉତ୍ସର୍ଗୀକୃତ ସେବା ଇତିହାସର କଥାବସ୍ତୁ। ଏଭଳି ପରିବାର କେବଳ ଭାରତରେ କାହିଁକି, ବିଶ୍ୱରେ ବିରଳ ବୋଲି ବିନୋବା ଭାବେ କହି ଯାଇଛନ୍ତି। ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେବା ପରେ ସେ ଯେଉଁଭଳି ସରଳ ଓ ନିରାଡ଼ମ୍ବର ଜୀବନଯାପନ କରୁଥିଲେ, ମୁଖ୍ୟମନ୍ତ୍ରୀ ଥିବାବେଳେ ବି ସେହିପରି ଚଳୁଥିଲେ। ବର୍ତ୍ତମାନ ଭଳି ପୁଲିସ ଛାଉଣୀରେ ସେ ରହୁ ନଥିଲେ କିମ୍ବା ଆତ୍ମପ୍ରଚାରରେ ବ୍ରତୀ ନଥିଲେ। ଗାନ୍ଧୀ ମଣିଷ ନବକୃଷ୍ଣଙ୍କ ଚିନ୍ତା, କାମ ଓ କଥା ସତ୍‌ର ସରଳ ରେଖା ଉପରେ ୩ଟି ବିନ୍ଦୁରେ ଥିଲା। କ୍ଷମତା ରାଜନୀତି ଥିଲା ତାଙ୍କ ପାଇଁ ସେବା ଓ ତ୍ୟାଗର ମନ୍ଦିର। ଥରେ ସେ ବଡ଼ଭାଇ ଗୋପବନ୍ଧୁ ଚୌଧୁରୀଙ୍କ ପାଖକୁ ଲେଖିଥିଲେ, 'ମୁଁ ଉପଲବ୍ଧି କରିଛି ଯେ ଯେଉଁ ତ୍ୟାଗର ସୀମା ଅଛି, ସେ ତ୍ୟାଗ ତ୍ୟାଗ ନୁହେଁ। ତା' ମୂଳରେ ଲାଭ କ୍ଷତି ହିସାବର ମନୋଭାବ ରହିଛି। ମୋ ମତରେ ଆମର ଶକ୍ତି ଲଗାଇ କାମ କଲା ପରେ, ସର୍ବସ୍ୱ ତ୍ୟାଗ କଲା ପରେ, ଯଦି ଆମ ପରେ କେହି ବାହାରି କାମ ନ ଚଳାନ୍ତି, ତା' ହେଲେ ଦୁଃଖ କରିବା ଉଚିତ୍ ନୁହେଁ... ଅଳ୍ପ ସଂଖ୍ୟକ ଲୋକ ଗୋଟାଏ ଜ୍ୱଳନ୍ତ ଆଦର୍ଶ ଦେଖାଇ ଅମୀମ ସାହସ ଓ ନିର୍ଭୀକତାର ପରିଚୟ ଦେଇ କାମ କରିବା ଶତ ଗୁଣେ ଶ୍ରେୟସ୍କର। ସେଥିରୁ ଭବିଷ୍ୟତ ବଂଶଧରମାନେ ପ୍ରେରଣା ପାଇବେ।'

ମୁଖ୍ୟମନ୍ତ୍ରୀ ପଦବୀରୁ ଯିବା ପରେ ମୃତ୍ୟୁ ପର୍ଯ୍ୟନ୍ତ ସେ ବସ୍, ରେଳଗାଡ଼ି, ସାଇକେଲ୍, ଏମିତିକି ପାଦରେ ଚାଲି ଖାଲି ଓଡ଼ିଶାର ଏ ମୁଣ୍ଡରୁ ସେ ମୁଣ୍ଡ କାହିଁକି, ସାରା ଭାରତ ଭ୍ରମଣ କରୁଥିଲେ। ଏମିତିକି ନାଗା ବିଦ୍ରୋହୀମାନଙ୍କୁ ଶାନ୍ତ କରିବା ଲାଗି ଜୀବନକୁ ବାଜି ଲଗାଇ ନାଗାଲ୍ୟାଣ୍ଡରେ ବି କାମ କରୁଥିଲେ। ସର୍ବସେବା ସଂଘ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗାନ୍ଧିଆନ୍ ଷ୍ଟଡିଜ୍, ଉତ୍କଳ ସର୍ବୋଦୟ ମଣ୍ଡଳ, ଉତ୍କଳ ନବଜୀବନ ମଣ୍ଡଳ, ବାଜି ରାଉତ ଛାତ୍ରାବାସ, ଓଡ଼ିଶା ରିଲିଫ୍ କମିଟି ଆଦି ବହୁ ସଂସ୍ଥାର ସେ ବର୍ଷ ବର୍ଷ ଧରି ନେତୃତ୍ୱ ନେଇ ତାଙ୍କ କାର୍ଯ୍ୟ ଦକ୍ଷତାର ପ୍ରମାଣ ଦେଇଛନ୍ତି।

କଂଗ୍ରେସ ଶାସନରେ ଦୁର୍ନୀତି, ଭ୍ରଷ୍ଟାଚାର ବ୍ୟାପିବା ଏବଂ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରୁ ଏହି ଦଳ ବିଚ୍ୟୁତ ହେବା ଘଟଣା ତାଙ୍କୁ ଏତେ ବ୍ୟଥିତ କରିଥିଲା ଯେ ପରବର୍ତ୍ତୀ ସମୟରେ ସେ ଜନତାଙ୍କ ଇଜିଲାସରେ ନିଜକୁ ରାଜସାକ୍ଷୀ ଭାବେ ଉପସ୍ଥାପନ କରି କଂଗ୍ରେସ ହଟାଅ ଅଭିଯାନ ଚଳାଇ ଥିଲେ। ୧୯୭୫ ଜୁନ୍ ୧୨ ତାରିଖରେ ଆହ୍ଲାବାଦ୍ ହାଇକୋର୍ଟ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଲୋକସଭା ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ପରେ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନ ଯେଉଁ ନୂଆ ମୋଡ଼ ନେଲା, ତାହାର ପରିଣାମ ସ୍ୱରୂପ ଦେଶରେ ଜରୁରୀ ପରିସ୍ଥିତି ଘୋଷଣା କରାଗଲା। ଏହି ସମୟରେ କଂଗ୍ରେସ ବିରୋଧୀ ନେତା ଓ ହଜାର ହଜାର ଗାନ୍ଧୀଜନଙ୍କ ସମେତ ବହୁ ଛାତ୍ର ଯୁବକଙ୍କୁ ବନ୍ଦୀ କରି ରଖାଗଲା। ଜୟପ୍ରକାଶଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ଓ ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନକୁ ଏହି ପରିବାର ଆଗେଇ ନେଉଥିବା ବେଳେ ପ୍ରଥମେ ମନମୋହନ ଚୌଧୁରୀ ଓ ପରେ ପରେ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କୁ



**ତିରୋଧାନ ଦିବସ ଉପଲକ୍ଷେ**


ବନ୍ଦୀ କରାଗଲା। ସେତେବେଳେ ପରିସ୍ଥିତି ଏତେ ଭୟାନକ ଥିଲା ଯେ କିଏ କେଉଁ ଜେଲ୍‌ରେ ରହିଛନ୍ତି ଏବଂ କିଏ ମରିଛନ୍ତି କି ବଞ୍ଚିଛନ୍ତି, ତାହାର ଖବର ଦିଆଯାଉ ନଥିଲା। ସମ୍ବାଦ ପରିବେଷଣ ଉପରେ କଟକଣା ସହ ସରକାରୀ କଳ ଓ ଦଳର ଆତଙ୍କରାଜ ବି ଚାଲୁଥିଲା। ନବକୃଷ୍ଣ ଚୌଧୁରୀଙ୍କୁ କଟକ ବାଖରାବାଦ୍‌ର ପୈତୃକ ଘରୁ ଗିରଫ କରାଯାଇ ପ୍ରଥମେ ଢେଙ୍କାନାଳ ଓ ପରେ ବାରିପଦା ଜେଲ୍‌କୁ ପଠାଇ ଦିଆ ଯାଇଥିଲା। ବାରିପଦା ଜେଲ୍‌ରେ ତାଙ୍କୁ ଏକ ସେଲ୍‌ରେ ରଖାଯାଇ ମାନସିକ ଚାପ ଦିଆ ଯାଉଥିଲା। ସେତେବେଳକୁ ତାଙ୍କ ବୟସ ୭୪ ବର୍ଷ। ଜେଲ୍‌ରେ ବହୁ ଦିନ ଧରି ଖବରକାଗଜ ପଢିବା କିମ୍ବା ରେଡ଼ିଓ ଶୁଣିବାରୁ ବଞ୍ଚିତ କରା ଯାଉଥିଲା। ଏମିତିକି ଶାରୀରିକ ଦୃଷ୍ଟିରୁ ଅସୁସ୍ଥ ଥିଲେ ବି ତାଙ୍କର ଠିକଣା ଚିକିତ୍ସା ତ ଦୂରର କଥା, ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଦିଆଯାଉ ନଥିଲା। ଏହି ଅବସ୍ଥାରେ ୧୯୭୫ ନଭେମ୍ବର ୨୩ ତାରିଖରେ ଗାଧୁଆ ଘରେ ତାଙ୍କର ଷ୍ଟ୍ରୋକ୍ ହେଲା। ଦୀର୍ଘ ସମୟ ଧରି ସେ ଅଚେତ ଅବସ୍ଥାରେ ପଡ଼ି ରହିଲେ। ମନ୍ତ୍ରୀ ବୁଢ଼ା ଗାଧୁଆ ଘରେ ପଡ଼ି ଯାଇଛନ୍ତି ବୋଲି ଜଗୁଆଳୀ ଖବର ଦେଲାରୁ ବିଳମ୍ବରେ ଡାକ୍ତର ଆସିବା ବେଳକୁ ଚେତା ଫେରିପାଇ ନବବାବୁ ନିଜେ ଘୁଷୁଡ଼ି ଘୁଷୁଡ଼ି ବିଛଣା ପାଖକୁ ଆସିଥିଲେ। ୧୯୦୧ର ଏହି ଦିନରେ ତାଙ୍କର ଜନ୍ମ। ଜନ୍ମଦିନରେ ଭେଟିବାକୁ ସରକାରୀ ଅନୁମତି ନେଇ ବାରିପଦା ଜେଲ୍‌କୁ ଆସିଥିଲେ ସାନଝିଅ ତିନୁ। ତାଙ୍କୁ ଦେଖା କରିବାକୁ ଦିଆ ଗଲାନି କି ସ୍ୱାସ୍ଥ୍ୟ ଅବସ୍ଥା ସଂପର୍କରେ କୁହାଗଲା ନାହିଁ। ପ୍ରଥମେ ଜେଲ୍ ଡାକ୍ତରଖାନା ଓ ପରେ ବାରିପଦା ସଦର ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରା ଯାଇଥିଲା। ଏଭଳି କିଛିଦିନ ରୋଗଶଯ୍ୟାରେ ପକାଇ ରଖିବା ପରେ ତାଙ୍କୁ କାରାମୁକ୍ତ କରାଯିବା ବେଳକୁ ତାଙ୍କର ଗୋଟିଏ ପଟ ଅଙ୍ଗ ଏକ ପ୍ରକାର ଅଚଳ ହୋଇ ଯାଇଥିଲା। ମାଳତୀ ଚୌଧୁରୀଙ୍କୁ ଗିରଫ କରି ମାନସିକ ଯନ୍ତ୍ରଣା ଦେବା ପାଇଁ ରଖା ଯାଇଥିଲା କିଛି ଖୁନୀ ଆସାମୀ ଓ ପାଗଳ ଥିବା ୱାର୍ଡରେ। ରମାଦେବୀ ଓ ଅନ୍ନପୂର୍ଣ୍ଣା ମହାରଣାଙ୍କୁ ଗିରଫ କରାଯାଇ ନଥିଲେ ମଧ୍ୟ କଡ଼ା ପୁଲିସ ପହରା ମଧ୍ୟରେ ସେମାନେ ଥାଇ ଆନ୍ଦୋଳନ ଚଳାଉ ଥିଲେ।

ସେହି ସମୟରେ ଜେଲ୍ ଭିତରେ ଜୟପ୍ରକାଶ ନାରାୟଣଙ୍କୁ ଜାଣିଶୁଣି ଖରାପ ଔଷଧ ଦେଇ ତାଙ୍କ ବୃକ୍‌କକୁ ନଷ୍ଟ କରି ଦିଆ ଯାଇଥିଲା। ଜେଲ୍‌ରୁ ନବବାବୁ ଏକ ଚିଠିରେ ଲେଖିଥିଲେ ଯେ ଜରୁରୀ ପରିସ୍ଥିତି କାଳରେ ସ୍ୱାଧୀନ ଭାରତରେ ଜେଲ୍‌ର ନିର୍ଯାତନା ବ୍ରିଟିଶ୍ ଶାସନଠାରୁ ଢେର୍ ଅଧିକ। କାରାମୁକ୍ତି ପରେ ତାଙ୍କର ବିଭିନ୍ନ ଶାରୀରିକ ସମସ୍ୟା ଦେଖା ଦେଇଥିଲା। ସେ ଚିକିତ୍ସିତ ହେବା ସମୟରେ ବି ସମାଜ ସଂସ୍କାର କାମରେ ଲାଗି ରହିଥିଲେ। ୧୯୮୪ ଜୁନ୍ ୨୩-୨୪ ରାତିରେ ଏହି କିମ୍ବଦନ୍ତୀ ପୁରୁଷଙ୍କର ପରଲୋକ ହେଲା କର୍ମଭୂମି ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ସେହି ଚାଳ ଛପର ମାଟି ଘରେ। ଏଠାରେ ଉଲ୍ଲେଖନୀୟ ଯେ, ଏହି ମାଟି ଘରେ ନବକୃଷ୍ଣ ଚୌଧୁରୀଙ୍କୁ ଭେଟିବା ପାଇଁ ଭାରତର ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ଦେଶ ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଭିନ୍ନ ଅଞ୍ଚଳର ନିର୍ଯାତିତ ଲୋକେ, ରଚନାତ୍ମକ କର୍ମୀ, ଏମିତିକି ଛାତ୍ରାବାସର କୁନି କୁନି ପିଲାମାନେ ଆସୁଥିଲେ। ବର୍ତ୍ତମାନ ପିଢ଼ିର କ୍ଷମତା ସର୍ବସ୍ୱ ରାଜନେତାମାନେ କଳ୍ପନା କରି ପାରିବେ ନାହିଁ ଯେ ଉତ୍କଳ ଜନନୀର କୋଳ ମଣ୍ଡନ କରି ନବକୃଷ୍ଣ ଚୌଧୁରୀଙ୍କ ଭଳି ଜଣେ ତ୍ୟାଗୀ, ସଂଗ୍ରାମୀ, ସଂସ୍କାରକ ଓ ଦରଦୀ ମଣିଷ ଏଠି ଦିନେ ନୀତି, ଆଦର୍ଶ, ସେବା, ସ୍ନେହ, କରୁଣା, ସତ୍ୟ, ଅହିଂସାର ମନ୍ତ୍ର ବାଣ୍ଟି ନିରଳସ ସେବକ ଭାବେ ନୂଆ କୀର୍ତ୍ତିସ୍ତମ୍ଭ ସ୍ଥାପନ କରିଥିଲେ ବୋଲି। ତାଙ୍କ ମୃତ୍ୟୁ ପରେ ଅନୁଗୋଳର ସୁସୁଡ଼ା ଗାଁ ଶ୍ମଶାନରେ ଜଣେ ସାଧାରଣ ଲୋକ ଭଳି ତାଙ୍କର ଅନ୍ତିମ ସଂସ୍କାର କରା ଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଚାଳ ଘରେ ୧୯୯୮ ମାର୍ଚ୍ଚ ୧୫ ତାରିଖରେ ମାଳତୀ ଚୌଧୁରୀଙ୍କ ମୃତ୍ୟୁ ପରେ ବି ତାଙ୍କ ଶେଷ ଯାତ୍ରା ହୋଇଥିଲା ସେହି ଶ୍ମଶାନକୁ। ଏବେ ବି ବାଜି ରାଉତ ଛାତ୍ରାବାସ ପରିସରରେ ଥିବା ନୁମା-ବାପି କୁଟୀରର ମାଟି ଚଟାଣରେ ବସି ପଡ଼ିଲେ ଏହି ଦିବ୍ୟାତ୍ମାମାନଙ୍କ ଅନେକ ସ୍ମୃତି ମାନସପଟରେ ଉଙ୍କିମାରେ ଆଉ ଅନୁଭବ କରିହୁଏ ସେହି ଅମର ପଙ୍କ୍ତି- 'ନ ତ୍ୱହଂ କାମୟେ ରାଜ୍ୟମ୍ ନ ସ୍ୱର୍ଗଂ ନାପୁନର୍ଭବମ୍/ କାମୟେ ଦୁଃଖତପ୍ତାନାମ୍ ପ୍ରାଣିନାମ୍ ଆର୍ତ୍ତି-ନାଶନମ୍।' ଦିବ୍ୟାତ୍ମାଙ୍କୁ ଈଶ୍ୱରୀୟ ପ୍ରଣାମ।❒

ମୋ: ୯୪୩୭୦୧୭୩୯୫
prahalladsinha@gmail.com

# ସ୍ୱପ୍ନ ଓ ସାଧନାର ପ୍ରତୀକ ଶୁଭାଂଶୁ ଶୁକ୍ଳା

ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ନିକଟ ଭବିଷ୍ୟତରେ ଆମେରିକୀୟ ସ୍ପେସ୍-ଏକ୍ସ କମ୍ପାନୀର ଫାଲକନ୍-୯ ଅନ୍ତରୀକ୍ଷ ଯାନରେ ଅନ୍ତରୀକ୍ଷ ଯାତ୍ରା କରି ଇତିହାସ ରଚନା କରିବାକୁ ଯାଉଛନ୍ତି। ଏହି ଅଭିଯାନ ସଫଳ ହେଲେ ପୃଥିବୀକୁ ପ୍ରଦକ୍ଷିଣରତ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ଯାତ୍ରା କରିବାରେ ସେ ହେବେ ପ୍ରଥମ ଭାରତୀୟ ଏବଂ ମହାକାଶରେ ପୃଥିବୀକୁ ପ୍ରଦକ୍ଷିଣ କରିବା କ୍ଷେତ୍ରରେ



**ନିକୁଞ୍ଜ ବିହାରୀ ସାହୁ**

ରାକେଶ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ମହାକାଶ ଯାତ୍ରୀ। ସୂଚନାଯୋଗ୍ୟ ଯେ ରାକେଶ ଶର୍ମା ଗତ ୧୯୮୪ ମସିହାରେ ରୁଷିଆର ସୋୟୁଜ ଯାନ ଜରିଆରେ ଅନ୍ତରୀକ୍ଷ ଯାତ୍ରା କରି ସାଲ୍ୟୁଟ-୭ ଅନ୍ତରୀକ୍ଷ କେନ୍ଦ୍ରରେ ପହଞ୍ଚି ଥିଲେ। ଅନ୍ତରୀକ୍ଷରେ ୮ ଦିନ କାଳ ଅବସ୍ଥାନ କରିଥିଲେ। ସୁତରାଂ, ରାକେଶ ଶର୍ମାଙ୍କ ଯାତ୍ରାର ଦୀର୍ଘ ୪୧ ବର୍ଷ ପରେ ଅନ୍ୟ ଜଣେ ଭାରତୀୟ ନାଗରିକ ଏବେ ମହାକାଶ ଯାତ୍ରା କରିବାକୁ ଯାଉଛନ୍ତି। ସେ ଅନ୍ତରୀକ୍ଷରେ ନିଜର ୧୪ ଦିନ କାଳ ରହଣି ମଧ୍ୟରେ ସେଠାକାର ମାଧ୍ୟାକର୍ଷଣ ରହିତ ପରିସ୍ଥିତିରେ କୃଷି ବିଜ୍ଞାନ, ଜୈବ ପ୍ରଯୁକ୍ତି, ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କୀୟ ବିଶ୍ୱର ୩୧ ଦେଶର ବୈଜ୍ଞାନିକଙ୍କ ଦ୍ୱାରା ବିକଶିତ ସମୁଦାୟ ୬୦ଟି ଉଚ୍ଚକୋଟୀର ପରୀକ୍ଷା ନିରୀକ୍ଷା ସମ୍ପାଦନ କରିବେ।

ଏହି ଅଭିଯାନ ଭାରତର ମହତ୍ତ୍ୱାକାଂକ୍ଷୀ ଗଗନ ଯାନ କାର୍ଯ୍ୟକ୍ରମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ରୂପେ ସାବ୍ୟସ୍ତ ହେବ। ଏହି ଅଭିଯାନ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ର ପରିବେଶ ମଧ୍ୟରେ କାର୍ଯ୍ୟ କରିବାର ଅନୁଭୂତି, ମାଧ୍ୟାକର୍ଷଣ ରହିତ ପରିସ୍ଥିତି ସହିତ ଖାପ ଖୁଆଇ ଜୀବନ ବଞ୍ଚିବାର ଶୈଳୀ, ମାଧ୍ୟାକର୍ଷଣ ରହିତ ପରିସ୍ଥିତିରେ ଜଟିଳ ବୈଜ୍ଞାନିକ ପରୀକ୍ଷଣ ସମ୍ପାଦନ ନିମନ୍ତେ ଦକ୍ଷତା ହାସଲ ଏବଂ ଆନ୍ତର୍ଜାତିକ ମହାକାଶ ନୀତି ନିୟମ ମଧ୍ୟରେ କାର୍ଯ୍ୟ କରିବାରେ ବହୁମୂଲ୍ୟ ଅଭିଜ୍ଞତା ପ୍ରଦାନ କରିବ। ଏହି ପ୍ରାପ୍ତ ଜ୍ଞାନ ଆଗାମୀ ୨୦୩୦ ଦଶକ ସୁଦ୍ଧା ଭାରତର ନିଜସ୍ୱ ମହାକାଶଚାରୀଙ୍କୁ କକ୍ଷପଥରେ ଅବସ୍ଥାପିତ କରିବା ତଥା ସ୍ୱଦେଶୀ ଜ୍ଞାନକୌଶଳରେ ମହାକାଶ ଷ୍ଟେସନ ନିର୍ମାଣ କରିବା ପାଇଁ ପ୍ରସ୍ତୁତିରେ ବିଶେଷ ସହାୟକ ହେବ।

ଶୁଭାଂଶୁ ୧୯୮୫ ମସିହା ଅକ୍ଟୋବର ୧୦ ତାରିଖରେ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଥିଲା ଶମ୍ଭୁଦୟାଲ ଶୁକ୍ଳା, ଯେ କି ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ମାତା ଆଶା ଶୁକ୍ଳା ଜଣେ ଗୃହିଣୀ। ପିତା ମାତାଙ୍କର ତିନି ସନ୍ତାନ ମଧ୍ୟରୁ ଶୁଭାଂଶୁ ସର୍ବକନିଷ୍ଠ। ପିଲା ଦିନରୁ ତାଙ୍କର ସାମରିକ କ୍ଷେତ୍ର ତଥା ସାହସିକତା ପ୍ରତି ଗଭୀର ଆଗ୍ରହ ରହିଛି। ସେ ୧୯୯୯ ମସିହାର କାରଗିଲ ଯୁଦ୍ଧରେ ଭାରତୀୟ ସୈନିକଙ୍କ ବୀରତ୍ୱ ତଥା ଭାରତର ବିଜୟ ଗାଥାରେ ଅନୁପ୍ରାଣିତ ହୋଇ ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀ ପ୍ରବେଶିକାରେ ଭାଗ ନେଇଥିଲେ। ସେ ସେଥିରେ ଉତ୍ତୀର୍ଣ୍ଣ ହୋଇ ସେଠାରେ ଶିକ୍ଷାଲାଭ ନିମନ୍ତେ ଯୋଗଦାନ କରିଥିଲେ। ସେ ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀରେ ଅଧ୍ୟୟନ କରି ୨୦୦୫ ମସିହାରେ କମ୍ପ୍ୟୁଟର ବିଜ୍ଞାନରେ ସ୍ନାତକ ଡିଗ୍ରୀ ଲାଭ କରିଥିଲେ। ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀରୁ ଶିକ୍ଷା ସମାପ୍ତି ପରେ ସେ ଉଡ଼ାଣ ବିଭାଗରେ ମନୋନୀତ ହୋଇ ଭାରତୀୟ ବାୟୁସେନା ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମାପ୍ତି ପରେ ସେ ୨୦୦୬ ମସିହାରେ ଭାରତୀୟ ବାୟୁସେନାର ଲଢୁଆ ବିମାନର ଫ୍ଲାଇଂ ଅଫିସର ରୂପେ ନିଯୁକ୍ତି ପାଇଥିଲେ।

ସେ ବାୟୁସେନାରେ ଲଢୁଆ ବିମାନର ଟେଷ୍ଟ ପାଇଲଟ ଭାବରେ ବିଭିନ୍ନ ଲଢୁଆ ବିମାନ, ଯଥା ସୁଖୋଇ ୩୦ ଏମ୍‌କେଆଇ, ମିଗ-୨୧, ମିଗ-୨୯, ଜାଗୁଆର, ହକ୍, ଡ୍ରୋନିୟର, ଏଏନ୍ ୩୯ ଇତ୍ୟାଦିରେ ୨୦୦୦ ଘଣ୍ଟା କାଳ ଉଡ଼ାଣର ଅଭିଜ୍ଞତା ହାସଲ କରିଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଦକ୍ଷତାରେ ସନ୍ତୁଷ୍ଟ ହୋଇ ଭାରତୀୟ ବାୟୁସେନା ତରଫରୁ ତାଙ୍କୁ ଭାରତୀୟ ମାନବଯୁକ୍ତ ଅନ୍ତରୀକ୍ଷ ଉଡ଼ାଣ ଅଭିଯାନରେ ଅନ୍ତର୍ଭୁକ୍ତ କରା ଯାଇଥିଲା। ସମୟକ୍ରମେ ଇସ୍ରୋ ତରଫରୁ ତାଙ୍କୁ ଏହି କାର୍ଯ୍ୟକ୍ରମର ଅନ୍ତିମ ଚାରି ଜଣ ମହାକାଶଚାରୀ ରୂପେ ମଧ୍ୟ ମନୋନୀତ କରା ଯାଇଥିଲା। ସେ ୨୦୨୦ ମସିହାରେ ରୁଷିଆ ଯାତ୍ରା କରି 'ୟୁରି ଗାଗାରିନ୍ ମହାକାଶଚାରୀ ପ୍ରଶିକ୍ଷଣ କେନ୍ଦ୍ର'ରେ ଅନ୍ତରୀକ୍ଷ ଉଡ଼ାଣ ସମ୍ବନ୍ଧୀୟ ମୌଳିକ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମାପ୍ତି ପରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରି ବେଙ୍ଗାଲୁରୁସ୍ଥିତ ମହାକାଶଯାତ୍ରୀ



ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ସେ ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ପଦବୀକୁ ଉନ୍ନୀତ ହୋଇଥିଲେ। ଏହି ସମୟ ମଧ୍ୟରେ ସେ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନ, ବେଙ୍ଗାଲୁରୁରେ ଏରୋସ୍ପେସ୍ ଇଞ୍ଜିନିୟରିଂ ପାଠ୍ୟକ୍ରମ ଅଧ୍ୟୟନ କରି ସେଥିରେ ସ୍ନାତକୋତ୍ତର ଡିଗ୍ରୀ ଲାଭ କରିଥିଲେ। ଭାରତୀୟ ମାନବଯୁକ୍ତ ଗଗନ ଯାନ ଅଭିଯାନର ସଦସ୍ୟ ରୂପେ ତାଙ୍କର ନାମ ପ୍ରଥମ କରି ଫେବ୍ରୁଆରୀ ୨୭ ରାରିଖରେ ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଘୋଷଣା କରିଥିଲେ।

ଶୁଭାଂଶୁ ଏକ୍ସିୟମ ଅଭିଯାନ ୪ର ପାଇଲଟ ରୂପେ ସ୍ପେସ୍ ଏକ୍ସ କମ୍ପାନୀର ଫାଲକନ-୯ ଯାନରେ ଅନ୍ତଃରାଷ୍ଟ୍ରୀୟ ଅନ୍ତରୀକ୍ଷ କେନ୍ଦ୍ରକୁ ଯାତ୍ରା କରିବା ନିମନ୍ତେ ମନୋନୀତ ହୋଇଥିଲେ। ସେ ସେଥି ନିମନ୍ତେ ନାସାର ଜନ୍‌ସନ୍ ଅନ୍ତରୀକ୍ଷ କେନ୍ଦ୍ରଠାରେ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ଏହି ଅଭିଯାନ ନାସା, ସ୍ପେସ୍ ଏକ୍ସ ଏବଂ ଇସ୍ରୋର ଏକ ମିଳିତ ଉଦ୍ୟମ। ଏହି ଅଭିଯାନରେ ଶୁଭାଂଶୁଙ୍କ ସମେତ ସମୁଦାୟ ଚାରି ଜଣ ମହାକାଶ ଯାତ୍ରୀ ଅନ୍ତର୍ଭୁକ୍ତ ଅଛନ୍ତି। ସେମାନେ ହେଲେ: କମାଣ୍ଡର ଭୂମିକାରେ ଆମେରିକୀୟ ମହାକାଶ ଯାତ୍ରୀ ପେଗି ହ୍ୱିଟସନ, ଅଭିଯାନ ବିଶେଷଜ୍ଞ ଭୂମିକାରେ ପୋଲାଣ୍ଡର ସ୍ଲାୱ୍ୱଜ ଉଜନାନସ୍କି ୱିସ୍ନିୱ୍ସ୍କି ଓ ହଙ୍ଗେରୀର ନାଗରିକ ଟିବର କପୁ। ଏହି ଅଭିଯାନରେ ଶୁଭାଂଶୁ ପାଇଲଟ ଚାଳକ)ର ଭୂମିକା ନିର୍ବାହ କରିବେ, ଯାହାକି ଅଭିଯାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏହି ଅଭିଯାନ ଗତ ଜୁନ୍ ୧୧ ତାରିଖରେ ଅନ୍ତରୀକ୍ଷକୁ ପ୍ରେରିତ ହେବାକୁ ଥିଲା, ମାତ୍ର ପ୍ରଯୁକ୍ତିଗତ ତ୍ରୁଟି କାରଣରୁ ଏହି ଅଭିଯାନକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖା ଯାଇଛି।

ଶୁଭାଂଶୁଙ୍କ ଅନ୍ତରୀକ୍ଷ ଯାତ୍ରା ଆମ ସମସ୍ତ ଭାରତୀୟଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନ ଓ ଯାତ୍ରାରୁ ଶିଖିବାକୁ ମିଳେ, ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ପାଇଁ କୌଣସି ଉଚ୍ଚ ପଦ ପଦବୀ, ପୃଷ୍ଠପୋଷକତା କିମ୍ବା ପ୍ରତିଷ୍ଠିତ ଭିତ୍ତିଭୂମିର ଆବଶ୍ୟକତା ନାହିଁ, ବରଂ ଲୋଡ଼ା ସ୍ୱପ୍ନ ଓ ସାଧନା। ❒

**ଏକ୍ସକେସନ୍ ଅଫିସର**
**ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ**
**ମୋ: ୮୯୧୭୬୩୭୯୭୪**

# ଶାନ୍ତି ଭାଷୀଙ୍କ ସମର ଅଭିଳାଷ

ଏକ ଅକଳ୍ପନୀୟ ଘଟଣାକ୍ରମ ଭାବରେ ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲ ସହିତ ଇରାନ୍ ବିରୁଦ୍ଧରେ ଯୁଦ୍ଧରେ ଯୋଗ ଦେଇଛି; ଆମେରିକୀୟ ବୋମାବର୍ଷୀଗୁଡ଼ିକ ଇରାନ୍‌ର ଫୋରଦାଓ, ନାତାଞ୍ଜ୍ ଏବଂ ଏସ୍‌ଫାହାନ୍ ନାମକ ତିନି ଗୋଟି ଆଣବିକ ଶକ୍ତି ସ୍ଥଳ ଉପରେ ମଧ୍ୟପ୍ରାଚ୍ୟର ସମୟ ଅନୁସାରେ ରବିବାର ସକାଳେ ଆକ୍ରମଣ କରିଛନ୍ତି। ଏହାର ପରିଣତି କ'ଣ ହେବ, ସେ ବିଷୟରେ ଏବେ ଭବିଷ୍ୟବାଣୀ କରିବା ତ ଏକ ଦୁରୂହ କାର୍ଯ୍ୟ, ତେବେ ଗୋଟିଏ କଥା କିନ୍ତୁ ସ୍ପଷ୍ଟ ଯେ ଏହା ହେଉଛି ଜଣେ ଲୋକର ନିଷ୍ପତ୍ତି। ଜଣେ ଆମେରିକୀୟ ରାଷ୍ଟ୍ରପତି, ଯିଏକି ନିଜର ନିର୍ବାଚନ ପ୍ରଚାର କାଳରେ ଆମେରିକା ସମ୍ପୃକ୍ତ ଥାଇ ଘଟି ସାରିଥିବା ବିଭିନ୍ନ ପ୍ରକାରର ବିପତ୍ତି ଯଥା ଇରାକ୍, ଲିବ୍ୟା ଏବଂ ଆଫଗାନିସ୍ତାନ ସହିତ ଯୁଦ୍ଧ ଭଳି ଯୁଦ୍ଧଗୁଡ଼ିକୁ ଏଡ଼ାଇ ଯିବାକୁ ଶପଥ କରିଥିଲେ, ସେ ଏବେ ନିଜ ଦେଶରେ କଂଗ୍ରେସର ବିନା ଅନୁମୋଦନରେ ଇରାନ୍‌ର ଆଣବିକ ସୁବିଧା କେନ୍ଦ୍ରଗୁଡ଼ିକ ଉପରେ ଏହିସବୁ ଶକ୍ତିଶାଳୀ ଆକ୍ରମଣ ପାଇଁ ଆଦେଶ ଦେଇଛନ୍ତି। ଏକ ସୁଦୂର ମାଟିରେ 'ଚିରକାଳ ଯୁଦ୍ଧ'ର ଅୟମାରମ୍ଭ କରି ସାରିଥିବା ଡୋନାଲ୍‌ଡ ଟ୍ରମ୍ପ୍ ସେହି ଲୋକମାନଙ୍କ ସମ୍ପର୍କରେ ତିଳେ ହେଲେ ଚିନ୍ତା କଲେ ନାହିଁ, ଯେଉଁମାନେ ତାଙ୍କୁ ଭଲ ପାଆନ୍ତି ବା ଘୃଣା କରନ୍ତି। ସମ୍ପ୍ରତି ଏହି ଅଞ୍ଚଳରେ ଯୁଦ୍ଧର ଘନଘଟା ଏବଂ ଆଶଙ୍କା ଖୁବ୍ ଦ୍ରୁତ ବେଗରେ ବ୍ୟାପିବାରେ ଲାଗିଛି, ଯେତେବେଳେ କି ଇରାନ୍ ଏହାର ସମସ୍ତ ଶକ୍ତିଶାଳୀ ଅସ୍ତ୍ରଶସ୍ତ୍ର ଇସ୍ରାଏଲ ଉପରେ ନିକ୍ଷେପ କରିବାରେ ଲାଗିଛି, ସମ୍ଭବତଃ ଏଇଥିପାଇଁ ଯେ ମଧ୍ୟପ୍ରାଚ୍ୟରେ ଆମେରିକୀୟ ଘାଟୀଗୁଡ଼ିକର ସଂଖ୍ୟା ଦୃଷ୍ଟିରୁ ଏହା ଉପରେ ଆକ୍ରମଣ କରିବା ଇରାନ୍ ପକ୍ଷେ ଏତେ ସହଜ ନୁହେଁ ଏବଂ ଏହି ରାଷ୍ଟ୍ରର ଶକ୍ତି ବେଶ୍ ସୀମିତ, ଏବଂ ଆହୁରି ମଧ୍ୟ ବୋଧହୁଏ ଏଇ କାରଣରୁ କି, ହରମୁଜ୍ ପ୍ରଣାଳୀରେ ବିଘ୍ନ ଘଟାଇବା ନିମନ୍ତେ ଏହାର ଦୁର୍ବଳ ହୋଇ ପଡ଼ିଥିବା ଏହାର ପ୍ରକ୍ସିମାନଙ୍କ ମାଧ୍ୟମରେ ଆତ୍ମଘାତୀ ଆକ୍ରମଣ ଆରମ୍ଭ କରିବା ସହଜ ହେଉନାହିଁ। ସୂଚାଇ ଦିଆଯାଇପାରେ କି, ଇରାନ୍‌ର ପଡ଼ୋଶୀ ଦେଶଗୁଡ଼ିକରେ ଅସଂଖ୍ୟ ଆମେରିକୀୟ ଘାଟୀମାନ ରହିଛି, ଯେଉଁସବୁରେ ୪୦ ହଜାରରୁ ଅଧିକ ସଂଖ୍ୟକ ଆମେରିକୀୟ ସୈନ୍ୟ, ଯୁଦ୍ଧ ପୋତ ଏବଂ ଅନ୍ୟାନ୍ୟ ଉପକରଣ ରହିଛି।

ଇସ୍ରାଏଲ-ଇରାନ୍ ଯୁଦ୍ଧରେ ଡୋନାଲ୍‌ଡ ଟ୍ରମ୍ପ୍ ପ୍ରବେଶ କରିବା କ'ଣ ସୂଚାଉଛି ? ଏୟା ନୁହେଁ କି- ଶ୍ରୀଯୁକ୍ତ ଟ୍ରମ୍ପ୍ ଜଣେ ଶାନ୍ତି ପ୍ରତିଷ୍ଠାତା ନୁହନ୍ତି ? ସ୍ମରଣ କରାଇ ଦିଆଯାଇପାରେ ତାଙ୍କ କ୍ଷମତାରେ ନଥିବା ସମୟର ସେ କହିଥିବା ଗୋଟିଏ କଥା- ଯଦି ସେ ସେତେବେଳେ ଆମେରିକାର ରାଷ୍ଟ୍ରପତି ଥାଆନ୍ତେ, ତା'ହେଲେ ୟୁକ୍ରେନ୍ ଯୁଦ୍ଧ କେବେ ବି ଆରମ୍ଭ ହୋଇ ନଥାନ୍ତା। ହେଲେ ଏବେ ରାଷ୍ଟ୍ରପତି ହେବା ପରେ ସେ କ'ଣସବୁ କରୁଛନ୍ତି- କେବେ ଦେଶମାନଙ୍କ ଉପରେ ଉଚ୍ଚ ହାରର ତାରିଫ୍ ଲାଗୁ କରି ବାଣିଜ୍ୟ ଯୁଦ୍ଧ ତ ଏବେ ତା' ସହିତ ପ୍ରତ୍ୟକ୍ଷ ଯୁଦ୍ଧ ଇରାନ୍ ବିରୁଦ୍ଧରେ ! ନୈତିକତା ଦୃଷ୍ଟିରୁ ଦେଖିଲେ ଇରାନ୍ ପରମାଣୁ ବୋମା ତିଆରି କରିବାର ପ୍ରସ୍ତୁତି ପଥରେ ରହିଥିବା ନେଇ ପ୍ରଥମେ ଇସ୍ରାଏଲ ଏବଂ ଏବେ ଆମେରିକା ଯାହା ଆଶଙ୍କା କରୁଛନ୍ତି, ତାହା ଭୁଲ୍ ବୋଲି ଇରାନ୍‌ର ବର୍ତ୍ତମାନ ପର୍ଯ୍ୟନ୍ତର କାର୍ଯ୍ୟକଳାପଗୁଡ଼ିକରୁ କହିହେବ, କାରଣ ନେତାନ୍ୟାହୁ କ୍ୱଚିତ୍ କୌଣସି ପ୍ରମାଣ ଯୋଗାଇ ଦେଇ ପାରିଛନ୍ତି ଯେ ଇରାନ୍‌ର ବୟୋବୃଦ୍ଧ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇ ଯିଏ ହୁଏତ ଶୁଆ ଭଳି ସବୁବେଳେ କହିଥାନ୍ତି କି ଇରାନ୍‌ର ପରମାଣୁ ବୋମାଗୁଡ଼ିକ ଶତ୍ରୁମାନଙ୍କୁ ଧ୍ୱଂସ କରିବା ପାଇଁ ସଦା ପ୍ରସ୍ତୁତ ରହିବ ଯାହା 'ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ମୃତ୍ୟୁଦୂତ ହେବ।' ଇରାନ୍ ବାରମ୍ବାର କହିଛି ଯେ ଏହାର ଆଣବିକ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବରେ ଶାନ୍ତିପୂର୍ଣ୍ଣ ଉଦ୍ଦେଶ୍ୟ ବହନ କରୁଛି। ତେବେ ଏହାର ସୁରକ୍ଷିତ ଆଣବିକ ଶକ୍ତି ଉତ୍ପାଦନକାରୀ କେନ୍ଦ୍ରମାନଙ୍କରେ କାହିଁକି ଶହ ଶହ ସେଣ୍ଟ୍ରିଫ୍ୟୁଜ୍ ଆବଶ୍ୟକ ହେଉଛି, ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ଦେଇ ନାହିଁ, ଯେଉଁଥିପାଇଁ ଇସ୍ରାଏଲ ଓ ଆମେରିକା ଏହାର ଉଦ୍ଦେଶ୍ୟକୁ ନେଇ ସନ୍ଦିହାନ ରହିଛନ୍ତି ଯାହାର ପରିଣତି ଏବେକାର ଆକ୍ରମଣ।

ବାଲିଷ୍ଟିକ୍ ମିସାଇଲ ଏବଂ ସୁରକ୍ଷିତ କୋଠରୀମାନଙ୍କରେ ସହଜରେ ଲକ୍ଷ୍ୟଭେଦ କରିବା ଉଦ୍ଦେଶ୍ୟରେ ପରିଚାଳିତ ହେବା ଭଳି ରଖାଯାଇଥିବା ଡ୍ରୋନ୍ ଏବଂ ଆଣବିକ ଅସ୍ତ୍ରର ଯୁଗରେ ସୀମାଗତ ଅଖଣ୍ଡତାକୁ ଆଉ ସମ୍ମାନ ପ୍ରଦର୍ଶନ କରାଯାଉ ନାହିଁ, ଅନ୍ତତଃ ଫେବ୍ରୁଆରୀ,୨୦୨୨ଠାରୁ, ଯେତେବେଳେ କି ରୁଷିଆର ଭ୍ଲାଦିମିର ପୁତିନ୍ ୟୁକ୍ରେନ୍ ଉପରେ ଆକ୍ରମଣ ଆରମ୍ଭ କଲେ ଏବଂ ଅକ୍ଟୋବର ୭,୨୦୨୩ରେ ଇସ୍ରାଏଲ ଏହାର ନିରୀହ ଜନତାଙ୍କ ଉପରେ ଆତଙ୍କୀ ସଂଗଠନ ହମାସ୍ ଆକ୍ରମଣର ପ୍ରତିଶୋଧ ନେବାକୁ ଯାଇ ଗାଜା ଉପରେ ଆକ୍ରମଣ କରିବା ସହିତ ଏହାକୁ ସମ୍ପ୍ରସାରିତ କରି ଇରାନ୍ ଏବଂ ଲେବାନନ୍ ସହିତ ୟେମେନ୍‌ର ହାଉଥି ବିଦ୍ରୋହୀଙ୍କ ବିରୁଦ୍ଧରେ ଲକ୍ଷ୍ୟଭୁକ୍ତ ଆକ୍ରମଣରେ ପରିଣତ କଲା। ଆଉ ଏସବୁ ସତ୍ତ୍ୱେ ଉପରୋକ୍ତ ଯୁଦ୍ଧମାନଙ୍କ ମଧ୍ୟରୁ କୌଣସି ଗୋଟିଏ ହେଲେ ଯୁଦ୍ଧ ପାଇଁ ଯଥାର୍ଥ କାରଣ କ'ଣ, ତାହା ଏଯାବତ୍ ସ୍ପଷ୍ଟ ନୁହେଁ। ସେ ଯାହାହେଉ, ପଶ୍ଚିମ ଏସିଆରେ ଏକ ସମ୍ପ୍ରସାରିତ ଯୁଦ୍ଧର ଅର୍ଥ ହେଉଛି ସମଗ୍ର ବିଶ୍ୱ ସଂକଟର ବ୍ୟୁହ ଭିତରକୁ ଠେଲିହୋଇ ଯିବା। ଏହାର ତତ୍କାଳ ପ୍ରଭାବ ପଡ଼ିବ ତୈଳ ଦର ଉପରେ। ଏହି ପଥରେ ଯାତାୟାତ କରୁଥିବା ଜଳ ଜାହାଜଗୁଡ଼ିକ ଆକ୍ରମଣର ଶିକାର ହୋଇ ପାରନ୍ତି, ଯାହା ବିଶ୍ୱ ବାଣିଜ୍ୟ କାରବାରକୁ ପ୍ରଭୂତ ମାତ୍ରାରେ ପ୍ରଭାବିତ କରିବ। ସିଆ ମୁସଲମାନମାନଙ୍କ ସୁରକ୍ଷା ପ୍ରଦାନକାରୀ ମୁରବୀ ଭାବରେ ଖ୍ୟାତ ଇରାନ୍‌ରେ ଯୁଦ୍ଧର ଘନଘଟା ଅବଶ୍ୟ ଏହାର ରାଷ୍ଟ୍ରୀୟ ସୀମା ବାହାରେ ପ୍ରତିକ୍ରିୟା ସୃଷ୍ଟି କରିବ। ଏହି ଅଞ୍ଚଳରେ ଇରାନୀ ସାମରିକ ଶକ୍ତିର ପ୍ରକ୍ସି ହେଜବୋଲ୍ଲା, ହମାସ୍ ଏବଂ ହାଉଥିମାନେ ଏ ପର୍ଯ୍ୟନ୍ତ ନିରବ ରହିଛନ୍ତି, କିନ୍ତୁ ସେମାନେ ସମ୍ପୃକ୍ତ ଅଞ୍ଚଳରେ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ସ୍ୱାର୍ଥରେ ବ୍ୟାଘାତ ସୃଷ୍ଟି କରିବା ସହିତ ଅସ୍ଥିରତା ସୃଷ୍ଟି କରିବାର ସାମର୍ଥ୍ୟ ମଧ୍ୟ ବହନ କରନ୍ତି। ନିଜକୁ ନିଜେ ଶାନ୍ତିର ଦୂତ କହି ବୁଲୁଥିବା ଜଣେ ବ୍ୟକ୍ତି ଏକ ସମ୍ବେଦନଶୀଳ ଅଞ୍ଚଳରେ ଯୁଦ୍ଧର ବିଗୁଲ ବାଦକରେ ପରିଣତ ହେବା ଶାନ୍ତିର ସମସ୍ତ ଆଶାକୁ ଧୂଳିସାତ୍ କରିବା ଭଳି ମନେହୁଏ, ଯାହା ସମଗ୍ର ବିଶ୍ୱବାସୀଙ୍କ ମଙ୍ଗଳ ନିମନ୍ତେ ତୁରନ୍ତ ପୃଥିବୀକୁ ଫେରି ଆସିବା ଆବଶ୍ୟକ।❒

# ମିତ୍ରତା ହେଉ ବିଶ୍ୱବ୍ୟାପି

ଦୁଇ ଅପରିଚିତ ପରିଚିତ ହୁଅନ୍ତି। ପରସ୍ପରଙ୍କ ମନ ମିଶେ। ତା'ପରେ ଆସେ ମୈତ୍ରୀ ଭାବ। ମୈତ୍ରୀ ଭାବରୁ କରୁଣା ଜନ୍ମ ନିଏ। କେହି କାହା ପ୍ରତି ନିଷ୍ଠୁର ହୋଇ ପାରନ୍ତିନି। ବେଳେବେଳେ ଦେଖାଯାଏ, କୁକୁର ମାଙ୍କଡ଼ ଏକାଠି ରୁହନ୍ତି। ଯଦିଓ ସେମାନେ ପରସ୍ପରର ଶତ୍ରୁ, ତଥାପି ମିତ୍ରତା ହେତୁ ଏକାଠି କାରବାର କରନ୍ତି। ଆମେ ପରିବାର ଭିତରେ ମିତ୍ର ଭାବକୁ ଆଚରଣ କରୁଛୁ। ହେଲେ ସେହି ଭାବଟି ସାହି ପଡ଼ିଶାଙ୍କ ପ୍ରତି ଆସି ପାରୁନି।

ଆମ ଶାସ୍ତ୍ର କୁହନ୍ତି ସମସ୍ତେ ଅମୃତ ସନ୍ତାନ। କେହି ବିଷରୁ ଜନ୍ମ ହୋଇ ନାହାନ୍ତି। ବିଷୟରେ ସିନା ଶତ୍ରୁତା ଥାଏ, ଅମୃତରେ ଶତ୍ରୁତା ଆସିବ କୁଆଡୁ ? ମିତ୍ର ଭାବଟି ପ୍ରଥମେ ପରିବାରରୁ ଆରମ୍ଭ କରିବାକୁ ହୁଏ। ଯେମିତି ଭାଇ, ଭଉଣୀଙ୍କ ପ୍ରତି ସ୍ନେହ ଭାବ ଥାଏ, ସେମିତି ଆମକୁ ବିଚାର କରିବାକୁ ହେବ ଯେ ଆମେ ସମସ୍ତେ ଈଶ୍ୱରଙ୍କ ଅଂଶ। ତାଙ୍କ ସନ୍ତାନ। ଯଦି ସମସ୍ତଙ୍କ ପିତା-ମାତା ଈଶ୍ୱର, ତେବେ ସମସ୍ତେ ଭାଇ-ଭଉଣୀ ସମ୍ବନ୍ଧରେ ବାନ୍ଧିହେବା। ଏହି ଭାବନାରୁ ହିଁ ମୈତ୍ରୀ ଭାବ ସୃଷ୍ଟି ହୁଏ। ପରସ୍ପର ପ୍ରତି ଭଲ ପାଇବା ବଢ଼ିଯାଏ। ବିଦ୍ୱେଷ ଲୋପ ପାଇଯାଏ। ମିତ୍ରତା ଆସିବା ପାଇଁ ପ୍ରଥମେ ଚିତ୍ତରୁ ଅଳିଆ ହଟିବା ଦରକାର। ତେବେ ଚିତ୍ତ ଶୁଦ୍ଧି ପାଇଁ ପାତଞ୍ଜଳି ଯୋଗ ଦର୍ଶନରେ ଚାରୋଟି ଉପାୟ କୁହାଯାଇଛି। ସେଗୁଡ଼ିକ ହେଲା- ସୁଖୀମାନଙ୍କ ପ୍ରତି ମୈତ୍ରୀ, ଦୁଃଖୀମାନଙ୍କ ପ୍ରତି କରୁଣା, ପୁଣ୍ୟାତ୍ମାମାନଙ୍କ ପ୍ରତି ପ୍ରସନ୍ନତା ଏବଂ ପାପାତ୍ମାମାନଙ୍କ ପ୍ରତି ଉପେକ୍ଷା ଭାବ ରଖିବାକୁ ହୁଏ। ତେବେ ଚିତ୍ତ ଶୁଦ୍ଧିର ପ୍ରଥମ ପର୍ଯ୍ୟାୟ ହେଲା ମୈତ୍ରୀ ଭାବ। ମିତ୍ର ଭାବ କଥା କହିବା ସହଜ, ମାତ୍ର ଆଚରଣ କରିବା ଭାରି କଷ୍ଟ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଲେ ଏ ଭାବ ଆସେ। ମୈତ୍ରୀ ଭାବରେ ସମସ୍ତେ ଆପଣାର। ସେଠାରେ ଅନ୍ୟାୟ, ଦୁରାଚାର ଓ ଭ୍ରଷ୍ଟାଚାର ଇତ୍ୟାଦି ନଥାଏ।

ଏହାର ଏକ ଉଦାହରଣ। ଗୋଟିଏ ପିଲାର ହାତକୁ ନରମ ସୂତାରେ ତା'ର ପିଠିପଟେ ବାନ୍ଧିଦିଅ, ଯେମିତି ସେ ନିଜ ମୁହଁକୁ ଛୁଇଁ ପାରିବନି। ପିଲାଟି ବୁଲୁଥାଉ। ହାତ ଫିଟେଇବାକୁ ମନା କରିଥିବ। ହଠାତ୍ ପିଲାର ଆଖିରେ ପୋକଟିଏ ପଡ଼ିଗଲା। ଆଖିକୁ ସୁରକ୍ଷା ଦେବାକୁ ପିଲାଟି ହାତ ଭିଡ଼ିକରି ଖୋଲିଦେବ। ସେ ନିୟମ କାନୁନ୍ ମାନିବନି। କାରଣ ଆଖି ସହିତ ହାତର ମିତ୍ରତା ଅଛି। କେବେ ହାତରେ ମାଡ଼ ହେଲେ ଆଖିରୁ ଲୁହ ଝରେ ତ କେବେ ଆଖିକୁ ପୀଡ଼ା ହେଲେ ହାତ ଆଉଁସି ଦିଏ। ଆଖି ଓ ହାତ ପରସ୍ପରକୁ ଈର୍ଷା କରନ୍ତିନି। ହାତ ଭୁଲ୍‌ରେ ଆଖିକୁ ଆଘାତ ଦେଲେ ଆଖି ହାତକୁ ଅସହଯୋଗ କରେନା। ଶରୀରର ପ୍ରତ୍ୟେକ ଅଙ୍ଗ-ପ୍ରତ୍ୟଙ୍ଗ ପରସ୍ପରକୁ ନିଃସର୍ତ୍ତ ସହଯୋଗ କରନ୍ତି। ସ୍ୱାର୍ଥ, ଲାଳସା ରଖନ୍ତିନି। କେହି କାହା ଉପରେ ପ୍ରଭାବ ବିସ୍ତାର କରନ୍ତିନି କି ବଡ଼ ବୋଲି ଅହଙ୍କାର ରଖନ୍ତିନି। ସେମିତି ମୈତ୍ରୀ ଭାବରେ ଅନ୍ୟକୁ ସହଯୋଗର ହାତ ବଢ଼େଇବାକୁ ହୁଏ। ପ୍ରଥମେ ନିଜଠାରୁ ମୈତ୍ରୀ ଭାବ ଆରମ୍ଭ ହୁଏ। ଯେମିତି ନିଜର ଦୋଷକୁ ଆମେ କେବେ ଦେଖୁନା, ସେମିତି ଅନ୍ୟର ଦୋଷ ଦେଖିବା ନାହିଁ। ଏହା କ୍ରମେ ପରିବାରରୁ ପଡ଼ିଶା, ସାହି, ଅଞ୍ଚଳରୁ ବିଶ୍ୱକୁ ପରିବ୍ୟାପ୍ତ ହୁଏ। ସମସ୍ତଙ୍କୁ ଆତ୍ମବତ୍ ଦେଖିବାକୁ ହୁଏ।❒

ପଦାରବିନ୍ଦ

# ବିଡିଓଙ୍କ ମନମୁଖୀ କାର୍ଯ୍ୟ ନେଇ ଧାରଣା

**ଭାପୁର,୨୩।୬/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡାଙ୍କ ଦ୍ୱାରା ବ୍ଲକ୍‌ରେ ମନମୁଖୀ କାର୍ଯ୍ୟକୁ ବିରୋଧକରି ଆଜି ସକାଳ ୯ଘଟିକା ସମୟରୁ ବ୍ଲକ ପରିସରରେ ୧୪ଜଣ ସମିତି ସଭ୍ୟ ଓ ୧୨ଜଣ ସରପଞ୍ଚଙ୍କ ଉପସ୍ଥିତିରେ ଧାରଣା ଦିଆଯାଇଥିଲା। ମୁଖ୍ୟତଃ ବିଡ଼ିଓ ଅନ୍ତୋଃଦୟ ଗୃହ ଯୋଜନାରେ ମନମୁଖୀ ଚୟନ, ଥିଲାବାଲାଙ୍କୁ ଗୃହ ପ୍ରଦାନ, ଗୃହ ଚୟନରେ ଲାଞ୍ଚ କାରବାର, ଗୃହ ପ୍ରଦାନରେ ପକ୍ଷପାତିତା, ଜନପ୍ରତିନିଧିଙ୍କୁ ଗୁରୁତ୍ୱ ନ ଦେବା ଜନପ୍ରତିନିଧିଙ୍କୁ ଧମକାଇବା, ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଚାର ପ୍ରସାର କରିବା ଇତ୍ୟାଦି ନେଇ ଧାରଣା ଦିଆଯାଇଥିଲା। ଏଥିରେ ଭାପୁର ବ୍ଲକ ଅଧକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସରପଞ୍ଚ ଭାବେ ରମେଶ ପ୍ରସାଦ ରାଉତ, ରଶ୍ମିତା ପ୍ରଧାନ, ଶୁଭସ୍ୱପ୍ନା ବିଶ୍ୱାଳ, ସୁଧାଂଶୁ ଭୂଷଣ ସ୍ୱାଇଁ, ଶିବାନୀ ଦାଶ, ଅଜୟ କୁମାର ମଲ୍ଲିକ, ସୋମ୍ୟ ରଞ୍ଜନ ସାହୁ, ଇନ୍ଦୁମତୀ ସାହୁ, ସୋନାଲିକା ଦାସ, ସନ୍ତୋଷିନୀ ବେହେରା, ପ୍ରଫୁଲ୍ଲ କୁମାର ଗୋଛି ସାମିଲ ହୋଇଥିଲେ। ସମିତିସଭ୍ୟ ତପନ କୁମାର ମହାପାତ୍ର, ବାଳଗୋପାଳ ଷଡ଼ଙ୍ଗୀ, ଦମୟନ୍ତୀ ଖଟେଇ, ଭାଗ୍ୟଶ୍ରୀ ମହାପାତ୍ର, ଜୟନ୍ତୀ ବେହେରା, ପ୍ରଜ୍ଞାପରମିତା ସେଠି, ବଂଶୀଧର ସୁବୁଦ୍ଧି, ପ୍ରାଣକୃଷ୍ଣ ନାୟକ, ରମାମଣୀ ଦାସ, ପୁଷ୍ପାଞ୍ଜଳି ସେଠ, ଶାନ୍ତିଲତା ପ୍ରଧାନ, ସୁଜାତା ନାୟକ, କାହ୍ନୁ ଚରଣ ପ୍ରଧାନ ପ୍ରମୁଖ ଯୋଗଦେବା ସହ ଅନ୍ୟାନ୍ୟ ବ୍ଲକସ୍ତରୀୟ କର୍ମକର୍ତ୍ତା ଭାପୁର ବ୍ଲକ ପୂର୍ବତନ ଅଧକ୍ଷ ଶିବ ପ୍ରସାଦ ଷଡ଼ଙ୍ଗୀ, ଜିଲ୍ଲାପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ପୂର୍ବତନ ଜିଲ୍ଲାପରିଷଦ ବସନ୍ତ କୁମାର ମାଝୀ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ନାଥ ସାହୁ, ପ୍ରସନ କୁମାର ନାୟକ, ନବକିଶୋର ସାହୁ, ମହିଳା ନେତ୍ରୀ କବିତା ମହାରଣା, ବରିଷ୍ଠ ନେତା ସନ୍ତୋଷ ତ୍ରିପାଠୀ, ବସନ୍ତ ନାୟକ, ବୃନ୍ଦାବନ ପଣ୍ଡା, ପୂର୍ବତନ ସମିତିସଭ୍ୟ କହ୍ନେଇ ସ୍ୱାଇଁ, ପ୍ରତାପ ସାହୁ, ଯୁବନେତା ଦେବୀ ପ୍ରସାଦ ଦାସ, ଅଜିତ ପାଇକରାୟ, ଅର୍ଜିତ ମହାନ୍ତି, ଦିପୁନା ପଣ୍ଡା, ଅନିଲ କୁମାର ବୈରୀଗଞ୍ଜନ, ଅମୁଲ୍ୟ ପରମଗୁରୁ, ଗୋବର୍ଦ୍ଧନ ପ୍ରଧାନ, ସନାତନ ପ୍ରଧାନ, ରମେଶ ଚନ୍ଦ୍ର ବରାଡ଼ଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହିଥିଲେ। ଅପରାହ୍ନ ସମୟରେ ନୟାଗଡ଼ ସବ୍ କଲେକ୍ଟର୍ କର୍ଣ୍ଣଦେବ ସମଡ଼ା ଘଟଣାସ୍ଥଳରେ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ସହ ଏହାର ସମାଧାନ ଶୀଘ୍ର କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।



# ସେବାୟତ ପୁଅ ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ ଭାରତ ପାଇଁ ଆଣିଲେ ସ୍ୱର୍ଣ୍ଣପଦକ



**ପୁରୀ,୨୩।୬/ଏନ୍‌ଏନ୍‌ଏସ୍:** ବହୁ ବର୍ଷର ପ୍ରତୀକ୍ଷା ଓ ଅକ୍ଳାନ୍ତ ପରିଶ୍ରମ ପରେ ପ୍ରଥମଥର ଏସିଆନ ଚାମ୍ପିଅନ୍‌ଶିପ୍‌ରେ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି ପୁରୀର ସେବାୟତ ପୁଅ। ଗତ ୧୪ରୁ ୧୮ତାରିଖ ମଧ୍ୟରେ ୟୁ.ଏ.ଇ.ର ଅଜମାନ ସହରରେ ଅନୁଷ୍ଠିତ ହୋଇଥିଲା ୫୮ତମ ଆଇଏଫ୍‌ବିବି ଏସିଆନ୍ ଚାମ୍ପିଅନ୍‌ଶିପ୍। ଉକ୍ତ ଚାମ୍ପିଅନ୍‌ଶିପ୍‌ର କ୍ଲାସିକ ବଡିବିଲ୍‌ଡିଂର ୮୫କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ପୁରୀର ସେବାୟତ ପୁଅ ବିଶ୍ୱଜିତ ପ୍ରତିହାରୀ।

ଏହି ବର୍ଗ ରେ ବିଭିନ୍ନ ଦେଶରୁ ମୋଟ ୨୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କିନ୍ତୁ ସବୁ ଦେଶ କୁ ପଛରେ ପକାଇ ପୁରୀର ସେବାୟତ ପୁଅ ବିଶ୍ୱଜିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବାୟତ କୁଳରୁ ପ୍ରଥମ ଥର ପାଇଁ ବିଶ୍ୱଜିତ ଏସିଆନ ସ୍ୱର୍ଣ୍ଣ ପଦକ ବିଜେତା ହୋଇଛନ୍ତି। ତେବେ ସେ ଭାରତୀୟ ଡାକ ବିଭାଗରେ କାର୍ଯ୍ୟରତ ଥାଇ ମଧ୍ୟ ଦେଶ ତଥା ପୁରୀ ର ଗର୍ବ ଓ ଗୌରବ ବଢ଼ାଇଛନ୍ତି। ଏହା ଆଗାମୀ ପିଢ଼ି ପାଇଁ ପ୍ରେରଣାଦାୟୀ ହେବ। ଏଥିସହ ପୂର୍ବରୁ ଶିରିଡିରେ ଅନୁଷ୍ଠିତ ୬୫ତମ ଆଇବିବିଏଫ୍‌ଏଫ୍ ସାଇ ବାବା ବରିଷ୍ଠ ଜାତୀୟ ଏବଂ ୬୨ତମ କନିଷ୍ଠ ଜାତୀୟ ମାଷ୍ଟର ଓ ଫିଜିକାଲ ଚ୍ୟାଲେଞ୍ଜ ଆଣ୍ଡ ଫିଟ୍ ନେସ ଚମ୍ପିୟାନସିପରେ ଓଡ଼ିଶାରୁ ୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମେନ୍ସ କ୍ଲାସିକ୍ ଫିଜିକ୍ ବା ମିଷ୍ଟର ଇଣ୍ଡିଆ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ ବିଶ୍ୱଜିତ୍ ପ୍ରତିହାରୀ। ମହାପ୍ରଭୁଙ୍କ ବାହୁବଳୀ ସେବାୟତ ଭାବେ ପରିଚିତ ଅନିଲ ଗୋଛିକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ଏହି ସଫଳତା ହାସଲ କରିଥିବା ପ୍ରକାଶ କରିଥିଲେ। ଅନ୍ୟପଟେ ଆଗକୁ ବିଶ୍ୱଜିତ ଆସନ୍ତା ସେପ୍ଟେମ୍ବର ମାସ ୪ ରୁ ୭ ତାରିଖ ମଧ୍ୟରେ ୟୁ.ଏ.ଇ ର ଫୁଜାଇରାହା ସହରରେ ଆୟୋଜିତ ହେବାକୁ ଥିବା ମିଷ୍ଟର ଓ୍ୱାର୍ଲଡରେ ଅଂଶଗ୍ରହଣ କରିବେ ଓ ସେଠାରୁ ମଧ୍ୟ ସେ ସଫଳତା ହାସଲ କରିବେ ବୋଲି ଦୃଢ଼ ବିଶ୍ୱାସ ରଖିଥିବା କହିଛନ୍ତି।

# ନିଶା ନିବାରଣ ସଚେତନତା

**ଖଣ୍ଡପଡ଼ା,୨୩।୬/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ଅବକାରୀ ବିଭାଗ ପକ୍ଷରୁ ନିଶା ନିବାରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଅବକାରୀ ଏସଆଇ ଦୀପକ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ ସିଡିପିଓ କେ କୋଟେଶ୍ୱରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ନିଶାଦ୍ରବ୍ୟର କୁପରିଣାମ ସଂପର୍କରେ ସର୍ବସାଧାରଣଙ୍କୁ ସଚେତନ କରିବା, ନିଶାଦ୍ରବ୍ୟର ସେବନ ବନ୍ଦ ସହ ନିଶାଦ୍ରବ୍ୟକୁ ପୁରା ବର୍ଜନ କରି ଏକ ସୁସ୍ଥ ସମାଜ ଗଠନରେ ସମସ୍ତେ ସହଯୋଗର ହାତ ବଢ଼ାଇବା ନେଇ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ମହିଳା ଓ ପଞ୍ଚାୟତ ଲୋକପ୍ରତିନିଧିମାନଙ୍କୁ ସଚେତନ କରାଯାଇଥିଲା। ପୁନଶ୍ଚ ଏ ଅବସରରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପ୍ରକାଶଥାଉ କି ଓଡ଼ିଶାକୁ ସଂପୂର୍ଣ୍ଣ ରୂପେ ନିଶାମୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅବକାରୀ ବିଭାଗ ଜରିଆରେ ଏଭଳି କାର୍ଯ୍ୟକ୍ରମ ଲଗାତର ଭାବେ ଚାଲୁ ରହିଥିବା ଜଣାପଡିଛି। କାର୍ଯ୍ୟକ୍ରମ ପରିଚାଳନାରେ ଅବକାରୀ କର୍ମଚାରୀ ଓ ବ୍ଲକ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

# ୨୦୦୬ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଖୋର୍ଦ୍ଧା,୨୩।୬/ଏନ୍‌ଏନ୍‌ଏସ୍:** ଲୋକନାଥ ଦେବ ବିଦ୍ୟାପୀଠ, କୁମାରବସ୍ତର ୨୦୦୬ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମା' ବରୁଣେଇଙ୍କ ପୀଠ ଖୋର୍ଦ୍ଧାଠାରେ ଅନୁଷ୍ଠିତ ହୋଇଯାଇଛି। ଆଶିଷ ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୨୦୦୬ ମସିହା ମାଟ୍ରିକ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଛାତ୍ରଛାତ୍ରୀମାନେ ଏମ.ଇ. ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ବାଣୀ ବୋଷ, ଭିକାରି ଚରଣ ବେହେରା, ବିଶ୍ୱରଞ୍ଜନ ମିଶ୍ର, ଭାଗିରଥି ଜେନା, ମମତା ପ୍ରହରାଜ, କ୍ଷୀରାବ୍ଧି ସିହ୍ନା, ଅନୁସୟା ସାହୁ, ଲକ୍ଷ୍ମୀପ୍ରିୟା ଜେନା, ମଞ୍ଜୁବାଳା ଦାସ, କୃପାସିନ୍ଧୁ ପରିଡା, ଝୁନାରାଣୀ ବେହେରା, ଆଶାମଣି ଦେଇ, ସୁଲୋଚନା ଦେଇ ପ୍ରମୁଖଙ୍କୁ ଗୁରୁପୂଜା କରି ସମ୍ବର୍ଦ୍ଧିତ କରିଥିଲେ।

# ନୂତନ ଅଧକ୍ଷାଙ୍କୁ ଏବିଭିପିର ଶୁଭେଚ୍ଛା

**କଣ୍ଟିଲୋ,୨୩।୬/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଜୁନ ୪ ତାରିଖରେ ନୂତନ ଅଧକ୍ଷା ଭାବେ ଯୋଗଦେଇଥିବା ଡ. ନନ୍ଦିତା ବାରିକଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ର ରାଜ୍ୟ କାର୍ଯ୍ୟାଳୟ ତରଫରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏବିଭିପିର ରାଜ୍ୟ ସମ୍ପାଦକ ବୃନ୍ଦାବନ ପ୍ରଧାନ, ନୟାଗଡ଼ ଜିଲ୍ଲା ସଂଯୋଜକ ମଙ୍ଗୁଲି ବେହେରା, ମିଳନ ପ୍ରଧାନ, ଅମିତାଂଶୁ ମହାରଣା ଓ ମୁନା ନାୟକ ପ୍ରମୁଖ ଅଧକ୍ଷାଙ୍କୁ ସାକ୍ଷାତକରି ପୁଷ୍ପଗୁଚ୍ଛ, ଉପଢୌକନ ଓ ଲୋକମାତା ରାଣୀ ଅହଲ୍ୟା ବାଇ ହୋଲକରଙ୍କ ପୁସ୍ତିକା ଅର୍ପଣ କରି ଶୁଭେଚ୍ଛା ଜଣାଇଥିଲେ। ମହାବିଦ୍ୟାଳୟକୁ ନୂତନ ଦିଗଦର୍ଶନ, ଉନ୍ନତି, ଗୁଣବତ୍ତା ଓ ସାମାଜିକ ସଚେତନତାର ସହିତ ଗଢ଼ି ଉଠାଇବା ପାଇଁ ଆଲୋଚନା କରିଥିବା ସମ୍ପର୍କେ ରାଜ୍ୟ ସମ୍ପାଦକ ବୃନ୍ଦାବନ ପ୍ରଧାନଙ୍କଠାରୁ ସୂଚନା ମିଳିଛି।



# ଐତିହାସିକ ମାଘମେଳା ପଡ଼ିଆକୁ ପାର୍କିଂ ନିଲାମ ଦାବି

**କଣ୍ଟିଲୋ,୨୩।୬/ଏନ୍‌ଏନ୍‌ଏସ୍:** କେଉଁ ଆବାହମାନ କାଳରୁ ଏ ଅଞ୍ଚଳର ମହାମନିଷୀ ପୂର୍ବସୁରିମାନେ ପ୍ରତ୍ୟେକ ବର୍ଷ ମାଘ ମାସ ଶୁକ୍ଳପକ୍ଷ ବଡ଼ ଏକାଦଶୀ ଦିନଠାରୁ ମାଘ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ନାମେ ଭୈମୀ ଏକାଦଶୀ ମାଘମେଳା ବର୍ତ୍ତମାନର ଗାଡି ପାର୍କିଂ ସ୍ଥାନରେ ଅନୁଷ୍ଠିତ କରୁଥିଲେ। କିନ୍ତୁ ଦୁଃଖର ବିଷୟ ଗତ ବିଜେଡି ସରକାର ଏ ଅଞ୍ଚଳର ଲକ୍ଷ ଲକ୍ଷ ସାଧାରଣ ଲୋକ, ବ୍ୟବସାୟୀ, ଛାତ୍ର ଛାତ୍ରୀ, ବୃଦ୍ଧ ବୃଦ୍ଧାଙ୍କ ଭାବାବେଗ, ଭକ୍ତି, ଆଗ୍ରହକୁ ଧୂଳିସାତ କରିବା ସହିତ ନିଜର ମନମାନୀ ଓ ମେରୀ ରାୟ ନୀତି ଅନୁସାରେ ଗତ ଦୁଇବର୍ଷ ହେଲା ମେଳାପଡ଼ିଆକୁ ଗାଡି ପାର୍କିଂରେ ପରିଣତ କରିଥିବାରୁ, ଆଉ ଏହି ଐତିହାସିକ, ପ୍ରାଚୀନ, ପୁରାତନ ମାଘ ମେଳା ଏଠି ନ ହୋଇ ପଲ୍ଲନପଡ଼ିଆରେ ହେଉଛି। ଏହି ପଡ଼ିଆରେ ଖରାରୁ ରକ୍ଷା ପାଇବା ପାଇଁ କୌଣସି ଗଛ ଛାଇ ନଥିବା, ପାନୀୟ ଜଳ ନଥିବା, ପାଖରେ ମେଡିକାଲ ନଥିବା, ବିଦ୍ୟୁତ୍ ନଥିବା ଫଳରେ ହଜାର ହଜାର ଦୋକାନୀ, ବ୍ୟବସାୟୀ, ମେଳା ଉପଭୋଗ କରିବାକୁ ଆସୁଥିବା ଲକ୍ଷ ଲକ୍ଷ ସାଧାରଣ ଜନତା ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଖରାବେଳେ କିଛି କିଛି ଅଘଟଣ ଘଟିଥିବା ନଜିର ଅଛି। ଦ୍ୱିତୀୟତଃ ପ୍ରଭୁ ଶ୍ରୀ ନୀଳମାଧବଙ୍କ ବାର ମାସେ ତେର ଯାତ୍ରା ଭଳି ଏହି ଭୈମୀ ଏକାଦଶୀ ମାଘ ମେଳା ମଧ୍ୟ ଗୋଟିଏ ପର୍ବ। ଦୁଃଖର ବିଷୟ ୨୦୨୫ ମାଘ ମେଳାର ୬ ମାସ ପୂର୍ବରୁ ଏହି ଐତିହାସିକ ମାଘମେଳା ମୂଳ ପଡିଆରେ ଅନୁଷ୍ଠିତ କରିବା ପାଇଁ ସ୍ଥାନୀୟ ବିଧାୟକ ଓ ତହସିଲଦାରଙ୍କୁ ମୌଖିକ ଭାବେ ଅବଗତ କରିବା ସହିତ ବିଭିନ୍ନ ଖବର କାଗଜରେ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ ପାର୍କିଂ ନିଲାମ ନେଇଥିବା ବ୍ୟକ୍ତିଙ୍କ ଚାପରେ ମୂଳ ପଡ଼ିଆ କୁ ଛାଡ଼ି ପଲ୍ଲନ ପଡ଼ିଆରେ ଓଳିକିଆ ମେଳା ହୋଇଥିଲା। ସୂଚନାଯୋଗ୍ୟ ଯେ, ଏବେ ଗାଡି ପାର୍କିଂ ପାଇଁ ଟେଣ୍ଡର ପକାଇବାର ଶେଷ ହେଉଛି ଜୁନ ୨୪ ତାରିଖ। ନିଶ୍ଚିତ ଭାବେ ଟେଣ୍ଡର ଖୋଲାଯିବ ଜୁନ୍ ୨୫ରେ। ତେଣୁ ଆସନ୍ତାବର୍ଷ ପାଇଁ ଯେଉଁ ବ୍ୟକ୍ତି ପାର୍କିଂ ନେବେ ସେମାନେ ନିଶ୍ଚିତ ଭାବେ ଶ୍ରୀଜିଉଙ୍କ ମାଘମେଳା ଭୈମୀ ଏକାଦଶୀ ଯାତ୍ରା ପାଇଁ ସରସ୍ୱତୀ ପୂଜାଠାରୁ ଅତି କମରେ ୨୦ଦିନ ପର୍ଯ୍ୟନ୍ତ ଖେଳପଡ଼ିଆରେ ପାର୍କିଂ କରିବା ପାଇଁ ତାଙ୍କ ସହ ଚୁକ୍ତିବଦ୍ଧ କରନ୍ତୁ କିମ୍ବା ମାଘମେଳା ପାଇଁ ଆବଶ୍ୟକୀୟ ଗୋଟିଏ ମାସ ପାଇଁ ନିଲାମ କରନ୍ତୁ ନାହିଁ। ଯେହେତୁ ପାର୍କିଂ ପ୍ଲେସ୍‌ରେ ଆଉ କିଛି କାର୍ଯ୍ୟ କରିବାର ନାହିଁ, ତେଣୁ ଆସନ୍ତା ୨୦୨୬ ମାଘମେଳା ତା'ର ପୈତୃକ ମୂଳ ପଡ଼ିଆରେ ନିଶ୍ଚିତ ଭାବେ ଅନୁଷ୍ଠିତ କରିବା ପାଇଁ ସ୍ଥାନୀୟ ବିଧାୟକ, ତହସିଲଦାର ଖଣ୍ଡପଡ଼ା ଓ ଜିଲ୍ଲାପାଳ ନୟାଗଡ଼ ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଏ ଅଞ୍ଚଳର ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।



# ବିଦ୍ୟାପୀଠରେ ସୁରକ୍ଷା ସପ୍ତାହ

**ଓଡ଼ଗାଁ,୨୩।୬/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରାହାସ ବିଦ୍ୟାପୀଠ ସାକେରୀରେ ସୋମବାର ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଗୀତାଞ୍ଜଳି ଦେବତା, ବିଜ୍ଞାନ ଶିକ୍ଷୟିତ୍ରୀ ରେଣୁବାଳା ସାହୁ, ଶିକ୍ଷୟିତ୍ରୀ ସୁନୀତା ଜେନା ଓ ଶିକ୍ଷକ ରଞ୍ଜନ କୁମାର ପାତ୍ର ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ବିଭିର୍ନ୍ନ ଆକସ୍ମିତ ବିପତ୍ତ ସମ୍ପର୍କରେ ସଚେତନ କରିବାସହ ସେଥିରୁ ରକ୍ଷାପାଇବା କୌଶଳ ବିଷୟରେ ସଚେତନ କରାଇଥିଲେ। କ୍ରୀଡାଶିକ୍ଷକ ରିଙ୍କୁ ଦଳେଇ ଅଗ୍ନିନିର୍ବାପକ ଯନ୍ତ୍ରର ବ୍ୟବହାର ଶିଖାଇବାସହ ବିଦ୍ୟାଳୟରେ ଲାଗିଥିବା ବୈଦ୍ୟୁତିକ ଉପକରଣଗୁଡିକର ସଠିକ ବ୍ୟବହାର ସମ୍ପର୍କରେ ଜଣାଇଥିଲେ। କାର୍ଯ୍ୟାଳୟ ସହକାରୀ ଅଶୋକ କୁମାର ଦାସ ଓ ଅନ୍ୟକର୍ମଚାରୀ ମାନେ ସହଯୋଗ କରିଥିଲେ।



# କୋଠଘରେ ଚାଲିଛି ଅଙ୍ଗନବାଡ଼ି କେନ୍ଦ୍ର

**ନୟାହାଟ,୨୩।୬/ଏନ୍‌ଏନ୍‌ଏସ୍:** ରାଜ୍ୟ ସରକାର ପ୍ରତି ଗ୍ରାମରେ ଅଙ୍ଗନୱାଡ଼ି କେନ୍ଦ୍ର ନୂତନ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଦେଉଥିବା ବେଳେ ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତ ପେଣ୍ଡଳ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ଏକ ଅଣଓସାରି ଓ ବିପଦ ସଙ୍କୁଳ ଘରେ ଚାଲୁଥିବା ଦେଖିବାକୁ ମିଳିଛି। ସେହି ଘରେ ରୋଷେଇ କରାଯାଏ କୁନି କୁନି ପିଲାମାନେ କାଠ ଧୂଆଁରେ ପାଠ ପଢ଼ନ୍ତି ଓ ବାରଣ୍ଡାରେ ବସି ମଧ୍ୟାହ୍ନଭୋଜନ ଖାଇଥାନ୍ତି। ସରକାରୀ ଜାଗା ଥାଇ ମଧ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇପାରୁ ନାହିଁ। ଏ ଦିଗରେ ଦେସ୍ଥଳୀ ସରପଞ୍ଚ ରିଶ୍ମା ସ୍ୱାଇଁଙ୍କୁ ପଚାରିବାରେ ସେ କୁହନ୍ତି ଆର୍‌ଆଇ ଓ ସିଡିପିଓ ଶନିବାର ଆସିଥିଲେ ଓ ଘଟଣାର ତଦନ୍ତ କରିଥିଲେ। ସେହି କୋଠଘର ଭଙ୍ଗାଯାଇ ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରାଯିବ ବୋଲି ଶ୍ରୀମତୀ ସ୍ୱାଇଁ ପ୍ରକାଶ କରିଥିଲେ।

# ଅନୁଦାନ ସତ୍ତ୍ୱେ ନିର୍ମାଣ ହୋଇପାରୁନି ଅଙ୍ଗନବାଡ଼ି କେନ୍ଦ୍ର

**ସାଲେପୁର,୨୩।୬/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ସୌରୀ ପଞ୍ଚାୟତ ଓଷଦ ଗ୍ରାମରେ ଏକ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ କଟକ ଜିଲ୍ଲାପାଳଙ୍କ ଚିଠି ନଂ ୧୬୪/୧୨.୧.୨୦୨୧ରେ ମଞ୍ଜୁରି ତଥା ଅନୁମୋଦନ ପାଇଥିଲେ ମଧ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ସୁଦ୍ଧା ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଅଦ୍ୟାବଧି ନିର୍ମାଣ ହୋଇପାରି ନାହିଁ। ଏ ବିଷୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦୀର୍ଘ ତିନିବର୍ଷରୁ ଉର୍ଦ୍ଧ୍ୱ ହେବ ଜଣାଇବା ସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ବିହିତ ପଦକ୍ଷେପ ନିଆଯାଇ ନାହିଁ। ସର୍ବଶେଷରେ ଗତ ୩ ଫେବୃଆରୀରେ କଟକ ଜିଲ୍ଲାପାଳଙ୍କ

**କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବେଖାତିର ଅଭିଯୋଗ**

ସାଲେପୁର ବ୍ଲକରେ ହୋଇଥିବା ଅଭିଯୋଗ ପ୍ରକୋଷ୍ଠରେ ଦରଖାସ୍ତ ଦ୍ୱାରା ଅବଗତି ଓ ପ୍ରାର୍ଥନା କରାଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ତିଆରି କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି କେନ୍ଦ୍ରର ନିଜସ୍ୱ ଗୃହ ନଥିବାରୁ କୋମଳମତି ପିଲାମାନେ ସମୟ ସମୟରେ ଗ୍ରାମର ଦେବୀ ମେଳାରେ ଥିବା ଘରେ ପଢୁଛନ୍ତି। ଆଗକୁ ବର୍ଷାଋତୁ ଆସୁଥିବାରୁ ପିଲାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେବେ। ଏଣୁ ରାଜ୍ୟ ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ବିଷୟକୁ ଦୃଷ୍ଟିଦେଇ ଯଥାଶୀଘ୍ର ଉକ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜିଲ୍ଲାପାଳଙ୍କ ନିରୁପିତ ସ୍ଥାନରେ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି। ଏଥିରେ ବିଳମ୍ବ ଘଟିଲେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୃଷ୍ଟି ଆକର୍ଷଣ କରିବେ ବୋଲି ବରିଷ୍ଠ ନାଗରିକ ଅବତନ ଷଡ଼ଙ୍ଗୀ କହିଛନ୍ତି।

# ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଓ, ଦେଶ ବଞ୍ଚାଓ

**ଖୋର୍ଦ୍ଧା,୨୩।୬/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ତରଫରୁ ସଭାପତି ରାଜୀବ ପଟ୍ଟନାୟକଙ୍କ ସଭାପତିତ୍ୱରେ ସମ୍ବିଧାନ ବଞ୍ଚାଓ, ଦେଶ ବଞ୍ଚାଓ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଖୋର୍ଦ୍ଧା ଜୟୀରାଜଗୁରୁ ଭବନ ଟାଉନହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ବିଜେପି ସରକାରର ଏକ ବର୍ଷ ପୂର୍ତ୍ତିର ବିଫଳତା ପ୍ରଦେଶ କଂଗ୍ରେସ ତରଫରୁ ସାମ୍ବାଦିକ ସମ୍ମିଳନୀ ଜରିଆରେ ରାଜ୍ୟବାସୀଙ୍କୁ ଅବଗତ କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଭାରୀ ପିସିସିର ଉପସଭାପତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ବାସୁଦେବପୁର ବିଧାୟକ, ପ୍ରଦେଶ କଂଗ୍ରେସର ସାଧାରଣ ସମ୍ପାଦକ ଅଶୋକ ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ୟାସିର୍ ନବାଜଙ୍କ ସମେତ ଜିଲ୍ଲାର ସମସ୍ତ ବିଧାୟକ ପାର୍ଥି, ବ୍ଲକ୍, ନଗର କଂଗ୍ରେସ ସଭାପତି, ରାଜ୍ୟ, ଜିଲ୍ଲାସ୍ତରୀୟ ନେତୃମଣ୍ଡଳୀ ଓ କର୍ମୀମାନେ ଅଂଶଗ୍ରହଣ କରିଥିଲେ।

# ବିଦ୍ୟାପୀଠରେ ଗୋପବନ୍ଧୁ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା



**ଚାରିଛକ,୨୩।୬/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଚାରିଛକଠାରେ ଥିବା ଅନ୍ନପୂର୍ଣ୍ଣା ସରକାରୀ ବିଦ୍ୟାପୀଠ ପରିସରରେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୭ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମାଜ ପକ୍ଷରୁ ଆୟୋଜିତ ଗୋପବନ୍ଧୁ ସ୍ମାରକ ବକ୍ତୃତା ବ୍ଲକ ସ୍ତରୀୟ ପ୍ରତିଯୋଗିତା 'ଗୋପବନ୍ଧୁଙ୍କ ସ୍ୱପ୍ନର ଓଡିଶା' ଉପରେ ବିଷୟବସ୍ତୁ ଆଧାରିତ ରହିଥିଲା। ଏହି ପ୍ରତିଯୋଗିତାରେ ନିମାପଡା ବ୍ଲକ ଅଞ୍ଚଳରୁ ୨୨ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟର ୫୨ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପ୍ରାରମ୍ଭରୁ ଚାରିଛକ ବଜାରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହିତ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ୫୨ଜଣ ଛାତ୍ରଛାତ୍ରୀଙ୍କୁ ବକ୍ତୃତା ପ୍ରଦାନ ନିମନ୍ତେ ପ୍ରତ୍ୟେକଙ୍କୁ ୫ମିନିଟ୍ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ଆୟୋଜିତ ପ୍ରତିଯୋଗିତାରେ ସାଇଲୋ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶାସ୍ୱତୀ ଖୁଣ୍ଟିଆ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନିମାପଡା ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ ବାରିକ ଦ୍ୱିତୀୟ ଓ ନିମାପଡା ଡିଏଭି ସ୍କୁଲର ଛାତ୍ରୀ ଇପ୍ସିତା ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ସତ୍ୟଜିତ ବାନାର୍ଜୀ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ କର ଓ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜ ନିଷ୍ଠାର ସହିତ ନିଜ ନିଜର ଦାୟିତ୍ୱ ତୁଲାଇଥିଲେ। ଅନ୍ନପୂର୍ଣ୍ଣା ବିଦ୍ୟାପୀଠର ପ୍ରଧାନଶିକ୍ଷକ ମନସ୍ୱନୀ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ସମାଜସେବୀ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଶିକ୍ଷାବିତ୍ ପ୍ରଫେସର ଗୋପିନାଥ କର, ରାମଚନ୍ଦ୍ର ଜେନା, ଚାରିଛକ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର ପ୍ରମୁଖ ଯୋଗଦେଇ ପଣ୍ଡିତ ସ୍ୱର୍ଗତ ଦାସଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଗରିବ, ଖଟିଖିଆ, ଅସହାୟ ମଣିଷଙ୍କ ପାଇଁ ଗୋପବନ୍ଧୁଙ୍କ ତ୍ୟାଗ ଓ ନିଷ୍ଠାକୁ କେବେ ଭୁଲିହେବନି ବୋଲି ଅତିଥିମାନେ କହିବା ସହିତ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଚାଲିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ଛାତ୍ରୀଙ୍କୁ ଟ୍ରଫି, ସାର୍ଟିଫିକେଟ ଓ ଅର୍ଥ ରାଶି ପୁରସ୍କାର ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କୃଷକନେତା କୃଷ୍ଣଚନ୍ଦ୍ର ରାଉତ, ଅଧୀନ ପାତ୍ର, ରାକେଶ ମହାପାତ୍ର, ଶିଶିର ନାୟକ, ବିନ୍ ସାହୁ, ସାମ୍ବାଦିକ ବସନ୍ତ ଦାସ, ଶିଶିର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ବସନ୍ତ କୁମାର ମଲ୍ଲ, ବିଜୟ ବେହେରା, ଶିକ୍ଷକ ପ୍ରଦୀପ୍ତ ଚନ୍ଦ୍ର ସାହୁ, ଶିକ୍ଷୟିତ୍ରୀ କ୍ରିଷ୍ଣା ମହାପାତ୍ର,ଅଦ୍ୟାଶା ପ୍ରିୟଦର୍ଶିନୀ, ରାନୀ ବସ୍ତିଆ, ଶିକ୍ଷକ ବିଭୁ ପ୍ରସନ୍ନ ଦାସ, ଶିବବ୍ରତ ମଲ୍ଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନିମାପଡାର ସମାଜ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପରିଶେଷରେ ଶିକ୍ଷକ ପ୍ରଦୀପ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର



**ସାକ୍ଷୀଗୋପାଳ,୨୩।୬/ଏନ୍‌ଏନ୍‌ଏସ୍:** ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ସହଯୋଗରେ ଜନକଲ୍ୟାଣ ଔଷଧାଳୟ ଆନୁକୂଲ୍ୟରେ ସତ୍ୟବାଦୀ ବ୍ଲକ ଛକ ମହାବୀର କଲୋନୀରେ ଅବସ୍ଥିତ ଜନକଲ୍ୟାଣ ଔଷଧାଳୟ ପରିସରରେ ଗତ ରବିବାର ଦିନ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଭାରତ ବିକାଶ ପରିଷଦ, ପୂର୍ବାଞ୍ଚଳ ପୃଷ୍ଠପୋଷକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ। ମେଡ଼ିସିନ ଓ ଡାଇବେଟିସ ବିଶେଷଜ୍ଞ ଡାକ୍ତର ସମ୍ମିତ ସ୍ୱାଇଁ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ମନ୍ମଥ କୁମାର ଦାଶ ଏବଂ ଭେଷଜ ବିଶେଷଜ୍ଞ ଡାକ୍ତର ସ୍ୱପ୍ନା ଦାସ ଉପସ୍ଥିତ ରହି ଶତାଧିକ ରୋଗୀଙ୍କୁ ଚିକିତ୍ସା ସହ ପରାମର୍ଶ ଦେଇଥିଲେ। ଏଠାରେ ଚକ୍ଷୁ ପରୀକ୍ଷା ସହ ମାଗଣାରେ ବିଭିନ୍ନ ପ୍ରକାର ରକ୍ତ ପରୀକ୍ଷା ମଧ୍ୟ କରାଯାଇଥିଲା। ଭାରତ ବିକାଶ ପରିଷଦ ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାସ, ସତ୍ୟବାଦୀ ଶାଖା ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ନିହାର ରଞ୍ଜନ ସ୍ୱାଇଁ, ସଚିବ ବିଜୟ କୁମାର ପରିଡା, ସମ୍ପର୍କ ସଚିବ ନବଘନ ସତଅଥୀ, ଅର୍ଥ ସଚିବ ପ୍ରଫୁଲ୍ଲ କୁମାର ପଣ୍ଡା, ସେବା ସଚିବ ବିଭୁପ୍ରସାଦ ମହାପାତ୍ର, ସଂସ୍କାର ସଚିବ ସୁନୀଲ କୁମାର ବେହେରା, ପର୍ଯ୍ୟାବରଣ ସଚିବ ଦେବରାଜ ନାୟକ, ସ୍ୱାସ୍ଥ୍ୟ ସଚିବ ଅମୀୟ କୁମାର ସ୍ୱାଇଁ, ମହିଳା ସହଭାଗିତା ସଚିବ ରିତା ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବରାଳ, ରଞ୍ଜନ କୁମାର ବରାଳ, ପେଣ୍ଠପଡା ସରପଞ୍ଚ ଚିନ୍ମୟ ରାଉତ, ଲିଙ୍ଗରାଜ ସାହୁ, ବିଶ୍ୱଜିତ ଶତପଥି, ହୃଷିକେଶ ମିଶ୍ର, ଜିତେନ୍ଦ୍ର ପ୍ରସାଦ ମିଶ୍ର, ବ୍ରହ୍ମାନନ୍ଦ ମହାରଣା, ସମର ଶେଖର ପ୍ରଧାନ, ଫାର୍ମାସିଷ୍ଟ ସ୍ୱାଧୀନ କୁମାର ଶତପଥୀ, ବିକାଶ ମହାନ୍ତି, ଦେବାଶିଷ ବରାଳ, ଭୀମସେନ ମହାପାତ୍ର, ବନ୍ଦନା ଦାସ, ସଂଯୁକ୍ତା ମିଶ୍ର, ସରୋଜିନୀ ସ୍ୱାଇଁ, ପଙ୍କଜିନୀ ମିଶ୍ର, ବସନ୍ତ କୁମାର ମିଶ୍ର, ଜିତେନ୍ଦ୍ର କୁମାର ପଣ୍ଡା, ରବିନ୍ଦ୍ରନାଥ ଶତପଥି, ପ୍ରଫୁଲ୍ଲ କୁମାର ପ୍ରଧାନ ଓ ସଂଗ୍ରାମ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**ବାରଙ୍ଗ,୨୩।୬/ଏନ୍ଏନ୍ଏସ୍:** ବାରଙ୍ଗ ଥାନା ଅର୍ନ୍ତଗତ ପଞ୍ଚୁପାଳ ଗ୍ରାମର ପରିକ୍ଷିତ ବେହେରାଙ୍କ ଘରୁ ୧ ସୁନାଚେନ୍, ହଳେ କାନଫୁଲ, ୪ପଟ ବାହୁଟି, ସୁନା ମୁଦି ୪ଟା, ୧ ମଙ୍ଗଳସୂତ୍ର ଓ ନଗଦ ୧୭ଶହ ଟଙ୍କା ଚୋରି ହୋଇଛି । ସ୍ତ୍ରୀ, ପୁଅ, ବୋହୂ ଓ ନାତି, ନାତୁଣୀ ଉପର ଘରେ ଶୋଇଥିବା ଅବସ୍ଥାରେ ବାହାରୁ କବାଟ କିଳିଥିଲେ ଲୁଟେରା । ଏ ନେଇ ପରୀକ୍ଷିତ ବେହେରା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ବାଇପାସ୍ ରାସ୍ତାରୁ ନଦୀକୁ ଖସିପଡ଼ିଲା ହିଟାଚି ମେସିନ୍

**ଖଣ୍ଡପଡ଼ା,୨୩।୬/ଏନ୍ଏନ୍ଏସ୍:** ଖଣ୍ଡପଡ଼ାରୁ ଖଳିସାହି ଦେଇ ଆଡକଟା ଛକକୁ ସଂଯୋଗ କରୁଥିବା ରାସ୍ତାରେ ଅବସ୍ଥିତ ଭଗ୍ନ କୁଆଁରିଆ ସେତୁ ପାର୍ଶ୍ୱସ୍ଥ ବାଇପାସ ରାସ୍ତା ଦେଇ ଏକ ଟ୍ରକ ଯୋଗେ ନିଆଯାଉଥିବା ହିଟାଚି ମେସିନଟି କୁଆଁରିଆ ନଦୀ ମଧ୍ୟକୁ ଖସିପଡିଥିବା ଜଣାପଡ଼ିଛି । ଉକ୍ତ ଟ୍ରକଟି ହିଟାଚି ମେସିନକୁ ନେଇ ଦଶପଲ୍ଲାରୁ ଖଣ୍ଡପଡ଼ା ଅଭିମୁଖେ ସୋମବାର ଦିବା ୧୨ଘଣ୍ଟା ସମୟରେ ଯାଉଥିବା ବେଳେ ବାଇପାସ ରାସ୍ତା ଦବିଯିବାରୁ ଏଭଳି ଅଘଟଣ ଘଟିଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି । ସୌଭାଗ୍ୟବଶତଃ ଟ୍ରକଟି ଅଘଟଣରୁ ବର୍ତ୍ତିଯାଇଥିଲେ ହେଁ ହିଟାଚି ମେସିନଟି ନଦୀ ଭିତରେ ପଡିରହିଛି । ହିଟାଚି ମେସିନଟିକୁ ନଦୀ ମଧ୍ୟରୁ ଉଦ୍ଧାର କରିବା ପାଇଁ ଆଉ ଏକ ହିଟାଚି ମେସିନର ସହାୟତା ନିଆଯାଇଥିବା ଜଣାପଡିଛି । ପ୍ରକାଶଥାଉକି ରବିବାର ରାତିରେ ପ୍ରବଳ ବର୍ଷା ହେବା ଯୋଗୁଁ ଖରସ୍ରୋତା କୁଆଁରିଆ ନଦୀର ପାଣି ଦୁଇକୂଳ ଖାଇ ପ୍ରବାହିତ ହେଉଛି । ଫଳରେ ଖଣ୍ଡପଡ଼ା ପୂର୍ତ୍ତବିଭାଗ ପକ୍ଷରୁ ଭଗ୍ନ କୁଆଁରିଆ ସେତୁ ପାର୍ଶ୍ୱରେ ୧୫ ଲକ୍ଷରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବାଇପାସ ରାସ୍ତା ବର୍ଷାଋତୁରେ ନଷ୍ଟ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି । ଏହି ଘଟଣା ପରେ ଭଗ୍ନ କୁଆଁରିଆ ସେତୁ ପାର୍ଶ୍ୱସ୍ଥ ବାଇପାସ ରାସ୍ତା ଦେଇ ଯାତାୟାତ ନିମନ୍ତେ ଯାନବାହାନ ଚାଳକମାନେ ନିଜକୁ ଅସୁରକ୍ଷିତ ମଣୁଥିବା ସାଧାରଣରେ ଆଲୋଚନା ହେଉଛି । ଅପରପକ୍ଷେ ବିପଦଶଙ୍କୁଳ ଅବସ୍ଥାରେ ଅବସ୍ଥିତ ବାଇପାସ ରାସ୍ତାଟି ନଦୀର ପ୍ରଖର ସ୍ରୋତରେ ନଷ୍ଟ ହୋଇଗଲେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ବାବଦରେ ବ୍ୟୟ ହୋଇଥିବା ୧୫ ଲକ୍ଷ ଟଙ୍କା ପାଣିରେ ପଡିବା ସାର ହେବ ବୋଲି ଜଣାପଡିଛି ।




## ମଠ ଜାଗା ଚଞ୍ଚକତାକରି ବିକ୍ରି ଅଭିଯୋଗ

**ଟାଙ୍ଗୀ,୨୩।୬/ଏନ୍ଏନ୍ଏସ୍:** ସରକାର ମଠମନ୍ଦିର ଉନ୍ନତିକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କିଛି ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ମଠ ଜମିକୁ ଚଞ୍ଚକତା କରି ନିଜ ନାମକୁ ପରିବର୍ତ୍ତନ କରି ବିକ୍ରି କରିବାକୁ ବସିଥିବା ବେଳେ ଆର୍ଆଇ ତହସିଲଦାରଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଭଳି ଅଭିଯୋଗ ଆସିଛି ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେପୁର ପଞ୍ଚାୟତରେ ଥିବା ମାଳିକା ବର୍ଣ୍ଣିତ କନକଗିରି ପୀଠକୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ବିକ୍ରି କରିଥିବା ନେଇ କନକଗିରୀ ଚାରିଟେବୁଲ ଟ୍ରଷ୍ଟ ଓ ସିଦ୍ଧ ପୀଠ କନକଗିରୀ ବିକାଶ ଓ ସୁରକ୍ଷା ମଞ୍ଚ ପକ୍ଷରୁ କନକଗିରୀ ପୀଠରେ ମହାପଞ୍ଚାୟତ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବକାଳରୁ ହିନ୍ଦୁମାନଙ୍କର ଏ ପୀଠକୁ କିଏ ନେଇପାରିବେ ନାହିଁ ସେଥିପାଇଁ ଯାହା ଆଇନ ଅନୁସାରେ କରିବାକୁ ପଡ଼ିବ ତାହା ଆମେ କରିବୁ ବୋଲି ଏହି ମହାବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି । ଏଥିରେ ସରପଞ୍ଚ ଭରତ ବେହେରା, ସ୍ଥାନୀୟ ବାସିନ୍ଦା ଦୟାନିଧି ସାହୁ, ସରୋଜ କୁମାର ଷଡ଼ଙ୍ଗୀ, ସମେତ ଶତାଧିକ ପଞ୍ଚାୟତ ବାସୀ ଉପସ୍ଥିତ ରହିଥିଲେ ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, NAYAGARH

O-330

* * * * * *

E-Mail:- nayagarhrw2@yahoo.in

"e" Procurement Notice for Building works

Identification No. Online Tender / 02 / RWD – II / 2025-26

| | | | |
|---|---|---|---|
| 1. | Name of the work | : | Building works. |
| 2. | Total Number of works | : | 3 Nos |
| 3. | Approx. Estimated cost | : | Rs. 7.10 lakh to Rs. 40.00 lakhs |
| 4. | Class of Contractor | : | D, C & B Class of Contractor |
| 5. | Period of Completion | : | Sl. No. 1 & 2 = 4 Months<br>Sl. No. 3 = 1 month |

6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-II, Nayagarh | Online Tender / 02/RWD-II/ 2025-26 | Dt. 26.06.2025 at 11.00 A.M. | Dt. 14.07.2025 upto 5.00 P.M. | Dt. 14.07.2025 upto 1.00 P.M | Dt. 15.07.2025 at 11.00 A.M. |

Further details can be seen from the website www.tendersodisha.gov.in

Sd/- Superintending Engineer
R.W. Division-II, Nayagarh

OIPR-25144/11/0015/2526


# ଭାରତ ବିକାଶ ପରିଷଦ ତରଫରୁ ଅଗ୍ନି ବିପନ୍ନଙ୍କୁ ସହାୟତା

**ସାକ୍ଷୀଗୋପାଳ,୨୩।୬/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମଧୁବନ ପଞ୍ଚାୟତର ସିଂଘାକୁଦା ଗ୍ରାମରେ କିଛି ଦିନ ତଳେ କିଛି ଲୋକଙ୍କ ଘରେ ନିଆଁ ଲାଗି ସବୁକିଛି ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା । ଏହି ଦୁଃଖଦ ଖବର ପାଇବା ପରେ ଗତ ରବିବାର ଦିନ ଅପରାହ୍ନରେ ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ତରଫରୁ ଘର ପୋଡି ଯାଇଥିବା ସିଂଘାକୁଦା ଗ୍ରାମରେ ଅଗ୍ନି ବିପନ୍ନ ଲୋକମାନଙ୍କୁ କିଛି ଶୁଖିଲା ଖାଦ୍ୟ ଓ ରାସନ ସାମଗ୍ରୀ ଏବଂ ସ୍ତ୍ରୀ ଲୋକଙ୍କୁ ଲୁଗା ଓ ପୁରୁଷ ଲୋକଙ୍କୁ ଲୁଙ୍ଗି, ଗାମୁଛା ଆଦି ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟରେ ଭାରତ ବିକାଶ ପରିଷଦର ପୂର୍ବପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ, ସତ୍ୟବାଦୀ ଶାଖାର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ନିହାର ରଞ୍ଜନ ସ୍ୱାଇଁ, ଉପଦେଷ୍ଟା ଜୟଶ୍ରୀ ମହାପାତ୍ର, ସଚିବ ବିଜୟ କୁମାର ପରିଡା, ସମ୍ପର୍କ ସଚିବ ନବଘନ ଶତପଥି, ସେବା ସଚିବ ବିଭୁପ୍ରସାଦ ମହାପାତ୍ର, ସଂସ୍କାର ସଚିବ ସୁନୀଲ ବେହେରା, ପର୍ଯ୍ୟାବରଣ ସଚିବ ଦେବରାଜ ନାୟକ, ମହିଳା ସହଭାଗିତା ସଚିବ ରିତା ତ୍ରିପାଠୀ, ସ୍ୱାସ୍ଥ୍ୟ ସଚିବ ଅମୀୟ କୁମାର ସ୍ୱାଇଁ, ଲିଙ୍ଗରାଜ ସାହୁ, ବସନ୍ତ କୁମାର ମିଶ୍ର, ସମର ଶେଖର ପ୍ରଧାନ, ପ୍ରଦ୍ୟୁମ୍ନ କୁମାର କର, ଜିତେନ୍ଦ୍ର ପ୍ରସାଦ ମିଶ୍ର, ବିକ୍ରମ ପରିଡା, ବିପିନ ମହାନ୍ତି ଓ ଶାଖାର ସମସ୍ତ ସଦସ୍ୟମାନେ ସହୃଦୟତାର ସହ ସାହାଯ୍ୟ କରି ଅଗ୍ନି ବିପର୍ଣ୍ଣ ପରିବାର ର ଲୋକମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ । ସିଂଘାକୁଦା ଅଗ୍ନି ବିପନ୍ନ ପରିବାରବର୍ଗଙ୍କ ଅସମୟରେ ସେମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ସହଯୋଗ କରିଥିବାରୁ ଅଞ୍ଚଳବାସୀ ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖାର ଏହି ମହନୀୟ କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଥିଲେ ।

# ଦ୍ୱାଦଶ କରାଟେ ବେଲ୍ଟ ଗ୍ରେଡିଙ୍ଗ୍




**ଖୋର୍ଦ୍ଧା,୨୩।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଗୀତ ଭବନଠାରେ ଅପଏଓ୍ୱନ ଏକାଡେମୀ ପକ୍ଷରୁ ଦ୍ୱାଦଶ କରାଟେ ବେଲ୍ଟ ଗ୍ରେଡିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟ ପ୍ରଶାସନିକ ସେବା ପ୍ରଶିକ୍ଷଣ କେନ୍ଦ୍ରର ଉପ-ନିର୍ଦ୍ଦେଶକ ସୋମ୍ୟକାନ୍ତ ଷୋମ୍ୟଦର୍ଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ବରିଷ୍ଠ ଅଧିବକ୍ତା ତଥା ଉତ୍କଳ ସମ୍ମିଳନୀର ସଭାପତି ଶକ୍ତିଶଙ୍କର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ ଯୋଗଦେଇ ମାର୍ଶାଲ ଆର୍ଟ ଛାତ୍ର ଛାତ୍ରୀଙ୍କ ନିମନ୍ତେ ନିହାତି ଆବଶ୍ୟକ ରହିଛି ବୋଲି କହିବା ସହିତ ଛାତ୍ରଛାତ୍ରୀମାନେ ପାଠ ସହିତ ଛାଟକୁ ମଧ୍ୟ ଅଧିକ ଗୁରୁତ୍ୱ ଦେବା ଉଚିତ । ଆଜିକାଲି ପିଲାଙ୍କ ଅଭିଭାବକ ମାନେ ପିଲାଙ୍କୁ ଛାଟରୁ ବଞ୍ଚିତ ରଖୁଛନ୍ତି । କେବଳ ପାଠ ପଢା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯାହାଫଳରେ ଛାତ୍ରଛାତ୍ରୀମାନେ ନିଜକୁ ରକ୍ଷା କରିବା କୌଶଳରୁ ବଂଚିତ ରହୁଛନ୍ତି । ମାର୍ଶାଲ ଆର୍ଟ ଏକ ବିଦ୍ୟା ଯାହାକୁ ଶିକ୍ଷା କଲେ ଭବିଷ୍ୟତରେ ନିଜକୁ ନିଜେ ରକ୍ଷା କରିପାରିବାର ଏକ ଶିକ୍ଷା । ଯାହାକି ଜାଣିଥିଲେ ଭବିଷ୍ୟତରେ କୌଣସି ଅସୁବିଧାର ସମୁଖୀନ ହେଲେ ନିଜେ ବଞ୍ଚିପାରିବ ବୋଲି କହି ଛାତ୍ର ଛାତ୍ରୀଙ୍କ ମନରେ ଉତ୍ସବ ଓ ଦୃଢ଼ତା ବୃଦ୍ଧି କରିଥିବା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ କରାଟେ ପ୍ରଶିକ୍ଷଣର ଏକ ପୁସ୍ତକ ଉନ୍ମୋଚନ କରାଯାଇଥିବା ବେଳେ ଯେଉଁ ଛାତ୍ରଛାତ୍ରୀ ବ୍ଲାକ୍ ବେଲ୍ଟରେ ଉତ୍ତୀର୍ଣ୍ଣ ହୋଇଥିଲେ ସେହି ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିବା ସହିତ ବ୍ଲାକ ବେଲ୍ଟ ଉପହାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଅପ୍ଏଓ୍ୱନ୍ ଏକାଡେମିର ନିର୍ଦ୍ଦେଶିକା ମୂର୍ଚ୍ଛନା ସୁବୁଧି ପରିଚାଳନା କରିଥିବା ବେଳେ ପଶ୍ଚିମବଙ୍ଗରୁ ପରୀକ୍ଷା ଅଧୀକ୍ଷକ ରାଜାଦେ ଅଜିତ କୁମାର ପାଲ, ଲଲାଟ ପରିଡା, ବଳରାମ ନାୟକ ପ୍ରମୁଖ ସହଯୋଗର ହାତ ବଢ଼ାଇଥିବା ଜଣାପଡ଼ିଛି ।


OFFICE OF THE SUPERINTENDING ENGINEER,
RWS&S DIVISION, BHUBANESWAR.

O-326

E-Mail: eebbsrrwss@gmail.com

*******

QUOTATION CALL NOTICE No. 10 of 2025-26

Executive Engineer, RWS&S Division, Bhubaneswar on behalf of the Governor of Odisha invites quotations in sealed covers for the following work as stated below from authorised Dealer / Distributor / supplier under following terms and conditions

| | | |
|---|---|---|
| 1 | Nature of work | Repair of Instruments & Accessories installed in the State Water Testing Laboratory, Bhubaneswar (Online UPS-2 KVA, Replacement of Battery of Online UPS) |
| 2 | No. of Item: | 02 (TWO) |
| 3 | Time for completion | 15 (fifteen) days |
| 4 | Cost of bidding document : | Rs.2000.00 |
| 5 | The quotation document will be available in O/o the Superintending Engineer, RWS&S Division, Bhubaneswar | From Dt. 24.06.2025 (10.00 AM) to dt. 04.07.2025 (1.00 PM) |
| 6 | Last date and time for submission Quotation Papers in the quotation box kept in the O/o the Superintending Engineer, RWS&S Division, Bhubaneswar | Dt.04.07.2025 up to 4.00 P.M |
| 7 | Date & time of opening of Quotation: | Dt.05.07.2025. at 11.00 A.M in Office of the Superintending Engineer, RWS&S Division, Bhubaneswar |

Subsequent corrigendum if any shall be appear in office notice board of the undersigned.

Sd/- Superintending Engineer
RWS&S Division, Bhubaneswar

OIPR-25011/11/0020/2526


# ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀ

**ବାଲିଅନ୍ତା,୨୩।୬/ଏନ୍ଏନ୍ଏସ୍:** ବାଲିଅନ୍ତା ବ୍ଲକ ଅନନ୍ତପୁରସ୍ଥିତ ବିଶ୍ୱଶାନ୍ତି ସରୋବର ପରିସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ରାଜଯୋଗ ଦ୍ୱାରା ବିଶ୍ୱ ଏକତା ଓ ବିଶ୍ୱାସ ଶୀର୍ଷକ ରାଜ୍ୟ ସ୍ତରୀୟ ଆଧ୍ୟାତ୍ମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବ୍ରହ୍ମାକୁମାରୀ କଟକ ସବ୍-ଜୋନ୍ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡକ୍ଟର କମଲେଶ ଦିଦି ଆଧାତ୍ମିକ ଜ୍ଞାନ ଦ୍ୱାରା ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଏକତା ଏବଂ ବିଶ୍ୱାସ ଭାବ ସୃଷ୍ଟି ହୋଇଥାଏ ବୋଲି କହିଥିଲେ । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ରାଷ୍ଟ୍ରୀୟ ମାନବ ଅଧିକାର ଆୟୋଗର ସଭ୍ୟ ନ୍ୟାୟମୂର୍ତ୍ତି ଡକ୍ଟର ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ଯୋଗଦେଇ ମହାଭାରତ ସମୟରେ ଯୁଦ୍ଧରେ ଯେପରି ଅର୍ଜ୍ଜୁନ ନିଜ ଭିତରେ ଆତ୍ମବିଶ୍ୱାସ ହରାଇ ବିଷାଦଗ୍ରସ୍ତ ହୋଇ ଅସ୍ତ୍ରଧାରଣରୁ ବିରତ ହୋଇଥିଲେ ଠିକ୍ ସେହିଭଳି ପ୍ରତ୍ୟେକ ମନୁଷ୍ୟ ନିଜ ଭିତରେ ଥିବା ଆତ୍ମବିଶ୍ୱାସକୁ ହରାଇବା ସହ ମନୁଷ୍ୟ ମନୁଷ୍ୟ ମଧ୍ୟରେ ଏକତାର ଅଭାବ ଦେଖାଦେଇଛି ; ମହାଭାରତରେ ଶ୍ରୀକୃଷ୍ଣ ବିଷାଦଗ୍ରସ୍ତ ଅର୍ଜ୍ଜୁନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କଲାଭଳି ବର୍ତ୍ତମାନ ମନୁଷ୍ୟ ମନରେ ଏକତା ଓ ବିଶ୍ୱାସର ପୁନଃସ୍ଥାପନ ପାଇଁ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉଦ୍ୟମ ଜାରି ରଖିଛି । ସମ୍ମାନନୀୟ ଅତିଥି ଭାବରେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ ଯୋଗଦେଇ ବର୍ତ୍ତମାନ ପରିବାର ମଧ୍ୟରେ ଏକତା ନାହିଁ, ଯୌଥ ପରିବାର ଐକିକ ପରିବାରରେ ପରିଣତ ହୋଇଛି । ଏହି ପରିପ୍ରେକ୍ଷୀରେ ରାଜଯୋଗ ଦ୍ୱାରା ବିଶ୍ୱରେ ଏକତା ଓ ବିଶ୍ୱାସ ସ୍ଥାପନ ସମ୍ଭବ ଯାହାକି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କରିଆସୁଛି ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନସରର ମୁଖ୍ୟ ପ୍ରଶାସନିକ ଅଧିକାରୀ ବ୍ରହ୍ମାକୁମାରୀ ପ୍ରତିଭା ପୃଷ୍ଟି ରାଜଯୋଗର ଅଭ୍ୟାସ କରାଇଥିଲେ; ବ୍ରହ୍ମାକୁମାର ଡକ୍ଟର ନଥମଲ ଭାଇ ବିଷୟବସ୍ତୁ ସଂପର୍କରେ ଆଲୋକପାତ କରିଥିଲେ । ବ୍ରହ୍ମାକୁମାରୀ ଦେବସ୍ମିତା ଦିଦି ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଦିଦି ଉକ୍ତ ସମ୍ମିଳନୀର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । କୁମାରୀ ଲିସା ସ୍ୱାଗତ ନୃତ୍ୟ ପରିବେଷଣ କରିବା ସହିତ ଦୃଷ୍ଟି ବାଧିତ କୁମାରୀ ଆଶା ସଂଗୀତ ପରିବେଷଣ କରିଥିଲେ । ଅଞ୍ଚଳର ବାଳିକାମାନେ ଯୋଗାସନ ସହ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ । ବ୍ରହ୍ମାକୁମାର ସଚ୍ଚି ଭାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# କୋଣାର୍କ-ପୁରୀ ସଂଯୋଗ ରାସ୍ତାର ଅବସ୍ଥା ଶୋଚନୀୟ

**ଅସ୍ତରଙ୍ଗ,୨୩।୬/ଏନ୍ଏନ୍ଏସ୍:** କାକଟପୁର ବ୍ଲକ ପାଟପୁର ଓ ଆଖୁରିଆ ମହାନ୍ତିସାହି ଦେଇ ଯାଇଥିବା କାକଟପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅନ୍ତର୍ଗତ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି । ଦୀର୍ଘ ୧୦ବର୍ଷ ତଳେ ନିର୍ମାଣ କରାଯାଇଥିବା ଏହି ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନାଧିନ ରାସ୍ତାଟିର ରକ୍ଷଣାବେକ୍ଷଣ ଅଭାବରୁ ଗମନାଗମନ ପାଇଁ ଅନୁପଯୁକ୍ତ ହୋଇ ପ୍ରଶାସନିକ ବିଫଳତାକୁ ଦର୍ଶାଉଛି । କୁଣ୍ଢେଇ, ଓଥକା କାକଟପୁର, କଣ୍ଟପଡ଼ା, ସୁହାଣପୁର, ସୋରବା ଗ୍ରାମପଞ୍ଚାୟତର ଲୋକମାନଙ୍କର ଏହି ରାସ୍ତାଟି ଏକରକମ ଜୀବନରେଖା ପାଲଟିଥିଲା । ପୁରୀ ଯିବା ପାଇଁ ଏହି ଅଞ୍ଚଳର ଜନସାଧାରଣଙ୍କ ପାଇଁ ଏହା ସଟ୍କଟ୍ ରାସ୍ତା ଥିବାରୁ ପ୍ରତ୍ୟହ ବହୁ ଗାଡ଼ି ଚାଳକ ଇନ୍ଧନ ବଞ୍ଚାଇବା ପାଇଁ ଏହି ରାସ୍ତାରେ ଯାତାୟାତ କରିଥାଆନ୍ତି । ଗ୍ରାମାଞ୍ଚଳର ଅର୍ଥନୈତିକ ଉନ୍ନତି ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳ ସହ ସହରକୁ ସଂଯୋଗ କରିବା ପ୍ରକ୍ରିୟା ଜାରି ରଖିଥିବା ବେଳେ ଏପରି ଏକ ଜନଗହଳିପୂର୍ଣ୍ଣ ରାସ୍ତା ପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧିପାଉଛି । ତୁରନ୍ତ ଏହି ରାସ୍ତାର ନବୀକରଣ କରାଯିବା ପାଇଁ ସାଧାରଣରେ ଦାବି ହୋଇଛି ।


GOVERNMENT OF ODISHA
ST & SC DEVELOPMENT, MINORITIES & BACKWARD CLASSES
WELFARE DEPARTMENT, ODISHA
OFFICE OF THE PROJECT ADMINISTRATOR,
INTEGRATED TRIBAL DEVELOPMENT AGENCY, RAIRANGPUR
e- Procurement Notice

CAD-880

Bid Identification No. 02 / ITDA (RRP) 2025-26

No. 2301 //2025-ITDA, RRP Dated, 23.06.2025

Bid documents consisting of works, Tender Value, Cost of Tender paper, Bid Security, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e "www.tendersodisha.gov.in"

| | | | |
|---|---|---|---|
| 01. | Name of the work | : | Civil Works as mentioned in DTCN |
| 02. | No. of Works | : | 47 (Forty Seven) Numbers only |
| 03. | Estimated Cost | : | Rs. 8.00 Lakhs to Rs. 58.00 Lakhs |
| 04. | Period of completion | : | 6 (Six ) Calendar Months as per work category |
| 05. | Date & Time of availability of bid document in the portal | : | 24.06.2025 at 10.00 A.M. to 14.07.2025 05.30 hours |
| 06. | Last date for receipt of bids in the portal | : | 14.07.2025 till 5.30 hours |
| 07. | Bid received Online shall be opened on | : | 15.07.2025 at 11.00 hours onwards |
| 08. | Name and address of the officer inviting Bid | : | Project Administrator, I.T.D.A. Rairangpur |

Further details can be seen from the "www.tendersodisha.gov.in"

Project Administrator,
I.T.D.A., Rairangpur

OIPR-26041/11/0002/2526


# ବିଶିଷ୍ଟ ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି

**କୁଆଁପାଳ,୨୩।୬/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ହଳଦିଆ ପଞ୍ଚାୟତ ଅଧୀନସ୍ଥ ବାଏନପୁର ଗ୍ରାମର ବିଶିଷ୍ଟ ସମାଜସେବୀ ତଥା କୃଷିବିଭାଗର ଅବସରପ୍ରାପ୍ତ ବରିଷ୍ଠ କିରାଣୀ ସ୍ୱର୍ଗତ ବସନ୍ତ କୁମାର ସ୍ୱାଇଁଙ୍କ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ମହିମା ଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ବସନ୍ତ କୁମାରସ୍ୱାଇଁ ଫଟୋଚିତ୍ରରେ ପୁଷ୍ପ ଓ ଧୂପ ଅର୍ପଣ କରିଥିଲେ । ସ୍ମୃତିଚାରଣ ସଭାରେ ଦ୍ୱିତୀୟଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଂପାଦକ ଗୌତମ ଚରଣ ଜେନା, ଶିକ୍ଷାବିତ୍ ଡଃ ଜୟରାମ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସନ୍ତ କୁମାର ସ୍ୱାଇଁଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ । କବି ପ୍ରଫୁଲ୍ଲ କୁମାର ସାହୁ, ସାମ୍ବାଦିକ ବିଜୟ କୁଅଁର ଓ କବି ପ୍ରଫୁଲ୍ଲ କୁମାର ସିଂ ସ୍ୱରଚିତ କବିତା ପାଠ କରିଥିଲେ । ଏହିଅବସରରେ ବେଦପାଠ ଓ ଗୀତାପାଠ କରାଯାଇଥିଲା । ସ୍ୱର୍ଗତ ସ୍ୱାଇଁଙ୍କ ପୁତ୍ରର ଇଂ. ଅଶୋକ କୁମାର ରାଉତ କୃତଜ୍ଞତା ଅର୍ପଣ କରିଥିଲେ । ଏହି ଅବସରରେ ହରିବନ୍ଧୁ ରାଉତ, ଅକ୍ଷୟରାୟ ଚୌଧୁରୀ, ମୁରଲୀଧର ପ୍ରଧାନ, କୁଳମଣି ରାଉତ, ଇଂ. ଗଣେଶ୍ୱର ସ୍ୱାଇଁ, ଇଂ. ଶରତ କୁମାର ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।


ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ୍
ଆପ୍‌କି ଉମ୍ମିଦ୍ କା ଖାତା
(ଏକ ସୂଚୀବଦ୍ଧ ବାଣିଜ୍ୟିକ ବ୍ୟାଙ୍କ)

କୋନାଲ୍ ଅଫିସ: ୨ୟ ଫ୍ଲୋର, ୧୩୪ (ଏ), ପାଟଳିପୁତ୍ର କଲୋନୀ, ପଲିଟେକ୍ନିକ୍ ଲେନ୍ ସାମ୍ନା, ପାଟନା-୮୦୦୦୧୩
ପଞ୍ଜିକୃତ କାର୍ଯ୍ୟାଳୟ: ଉତ୍କର୍ଷ ଟାୱାର, ଏନ୍‌ଏଚ୍-୩୧ (ଏୟାରପୋର୍ଟ ରୋଡ), ସେହମଲପୁର, କାଜି ସରାଇ, ହରହୁଆ, ବାରାଣସୀ, ୟୁପି-୨୨୧ ୧୦୫

## ସ୍ଥାବର ସମ୍ପତ୍ତି ଦଖଲ ନୋଟିସ୍

ଏତଦ୍ୱାରା ସୂଚୀତ କରାଯାଉଅଛି କି, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି (ସୁରକ୍ଷା) ଇଣ୍ଟରେଷ୍ଟ ଆଇନ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମ, ୨୦୦୨ର ଧାରା ୧୩ (୧୨) ସହିତ ପଠିତ ନିୟମ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର ପୂର୍ବକ ଅଧିକୃତ ଅଧିକାରୀ ନିମ୍ନଲିଖିତ ପ୍ରତ୍ୟେକ ଋଣ ଆକାଉଣ୍ଟ ବିରୋଧରେ ଉଲ୍ଲିଖିତ ତାରିଖଗୁଡ଼ିକରେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହା ଅନୁଯାୟୀ ଋଣଗ୍ରହୀତାଙ୍କୁ ଉକ୍ତ ନୋଟିସ୍ ପ୍ରାପ୍ତ ହେବାର ୬୦ ଦିନ ମଧ୍ୟରେ ଋଣ ଅର୍ଥ ସହ ସୁଧ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଆଦିକୁ ମିଶାଇ ସମୁଦାୟ ରାଶି ପରିଶୋଧ କରିବାକୁ ପଡିବ ବୋଲି ଦର୍ଶାଯାଇଥିଲା । କିନ୍ତୁ ଋଣଗ୍ରହୀତାମାନେ ନିର୍ଦ୍ଧାରିତ ତାରିଖ ଅତିବାହିତ ହେବା ପରେ ମଧ୍ୟ ଏହି ରାଶି ପରିଶୋଧ କରିବାରେ ବିଫଳ ହୋଇଛନ୍ତି । ସୁତରାଂ ଏହି ସମ୍ପତ୍ତି ଦଖଲ ନୋଟିସ୍ ଜରିଆରେ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସାଧାରଣ ଜନତାଙ୍କୁ ଅବଗତ କରାଇ ଦିଆଯାଉଅଛି କି, ଉକ୍ତ ଆଇନର ଧାରା ୧୩(୪) ସହିତ ପଠିତ ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି, ପ୍ରତ୍ୟେକ ଆକାଉଣ୍ଟ ବିରୋଧରେ ତଥା ଉଲ୍ଲିଖିତ ତାରିଖରେ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଉତ୍କର୍ଷ ସ୍ମଲ ଫାଇନାନ୍ସ କର୍ତ୍ତୃପକ୍ଷ ନିଜ ଦଖଲକୁ ନେଇଛନ୍ତି । **ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍** ପକ୍ଷରୁ ନିମ୍ନଲିଖିତ ପ୍ରତ୍ୟେକ ଆକାଉଣ୍ଟ ବିରୁଦ୍ଧରେ ଉଲ୍ଲିଖିତ ଋଣ ପରିମାଣ ଏବଂ ତତ୍ ପରବର୍ତ୍ତୀ ସୁଧ ପାଇଁ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କର ସୁରକ୍ଷା ସମ୍ପତ୍ତିର ନବୀକରଣ ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ଆଇନ୍ ଧାରା ୧୩ ର ଉପ-ଧାରା (୮) ର ବ୍ୟବସ୍ଥା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି ।

| କ୍ର. ନଂ | ଶାଖାର ନାମ | ଋଣ ଖାତା ନଂ | ଋଣଗ୍ରହୀତାଙ୍କ ନାମ/ ଗ୍ୟାରେଣ୍ଟର (ସମ୍ପତ୍ତି ମାଲିକ) | ଡିମାଣ୍ଡ ନୋଟିସ୍ ଜାରି ତାରିଖ | ସମ୍ପତ୍ତି ଅଧିଗ୍ରହଣ ତାରିଖ | ଡିମାଣ୍ଡ ନୋଟିସ୍ ଜାରି ତାରିଖ ସୁଦ୍ଧା ମୋଟ୍ ବକେୟା ରାଶି |
|---|---|---|---|---|---|---|
| ୧ | ଭୁବନେଶ୍ୱର | ୧୫୩୭୦୫୦୦ ୦୦୦୦୬୦୩୪ | ୧. ମନୋଜ କୁମାର ଚକ୍ର, ପିତା- ପ୍ରଭାତ କୁମାର ଚକ୍ର (ଋଣଗ୍ରହୀତା ତଥା ବନ୍ଧକ ଦାତା) ୨. ପ୍ରଭାତ କୁମାର ଚକ୍ର, ପିତା- ଗଙ୍ଗାଧର ଚକ୍ର (ସହ ଋଣଗ୍ରହୀତା ତଥା ବନ୍ଧକ ଦାତା) | ୦୨.୦୧.୨୦୨୫ | ୨୦/୦୬/୨୦୨୫ | ୧୩୮୫୮୬୯/- |
| ସମ୍ପତ୍ତି/ ସମ୍ପତ୍ତିଗୁଡିକର ବିବରଣୀ: ସମ୍ପତ୍ତିର ଅଂଶିକ ଭୂଖଣ୍ଡ ଏହି ପ୍ରକାରେ ସ୍ଥିତି ରହିଛି । ମୌଜା-ଗନ୍ଧୁରିଆଳ, ତହସିଲ-ଧର୍ମଶାଳା, ଥାନା-ଧର୍ମଶାଳା, ଖାତା ନଂ-୩୧/୮, ପ୍ଲଟ୍ ନଂ-୧୩/୮୦, ହରିଦାସପୁର ଷ୍ଟେସନ ପାଖ, ଜିଲ୍ଲା-ଯାଜପୁର, ରାଜ୍ୟ- ଓଡ଼ିଶା, ଭାରତ, ପିନ୍ କୋଡ୍-୭୫୫୦୪୪, ଡିଡ୍ ନଂ-୧୦୮୧୨୧୦୦୬୯୪, ତାରିଖ- ୦୧/୦୩/୨୦୨୧, କ୍ଷେତ୍ରଫଳ ୧୦୬୬ ବର୍ଗଫୁଟ୍ କିମ୍ବା ଅଧିକ କମ୍ ସମ୍ବଳିତ ସମ୍ପତ୍ତି । ଏହି ଭୂଖଣ୍ଡ ସମ୍ପତ୍ତି ପୂର୍ବରେ: ଜମିର ଅବଶିଷ୍ଟ ଅଂଶ (ଖାଲି ପଡ଼ିଆ), ପଶ୍ଚିମରେ: ଜମିର ଅବଶିଷ୍ଟ ଅଂଶ (ଖାଲି ପଡ଼ିଆ), ଉତ୍ତରରେ: ରାସ୍ତା, ଏବଂ ଦକ୍ଷିଣରେ ଜମିର ଅବଶିଷ୍ଟ ଅଂଶ (ଖାଲି ପଡ଼ିଆ) ସୀମାରେଖା ଦ୍ୱାରା ପରିବେଷ୍ଟିତ ରହିଛି । | | | | | | |
| ୨ | ଭୁବନେଶ୍ୱର | ୧୫୩୭୦୬୦୦ ୦୦୦୦୦୦୧୭ | ୧. ଉମେଶ ଚନ୍ଦ୍ର ନାୟକ ପିତା- ନିଶାମଣି ନାୟକ (ଋଣଗ୍ରହୀତା ତଥା ବନ୍ଧକ ଦାତା) ୨. ନିରୁପମା ନାୟକ, ସ୍ୱାମୀ- ନିଶାମଣି ନାୟକ (ସହ ଋଣଗ୍ରହୀତା) | ୧୧.୦୩.୨୦୨୫ | ୨୦/୦୬/୨୦୨୫ | ୯୮୫୮୯୬/- |
| ସମ୍ପତ୍ତି/ ସମ୍ପତ୍ତିଗୁଡିକର ବିବରଣୀ: ସମ୍ପତ୍ତିର ଅଂଶିକ ଭୂଖଣ୍ଡ ଏହି ପ୍ରକାରେ ସ୍ଥିତି ରହିଛି । ମୌଜା -ଶିଖୁଆ, ତହସିଲ- ସାଲେପୁର, ଥାନା-ସାଲେପୁର, ଖାତା ନଂ- ୨୨୫/୮୩, ପ୍ଲଟ୍ ନଂ-୧୪୪/୭୮୩, ଜିଲ୍ଲା - କଟକ, ରାଜ୍ୟ - ଓଡ଼ିଶା, ଭାରତ, ପିନ୍ କୋଡ୍- ୭୫୪୨୦୨, ଡିଡ୍ ନଂ-୯୧୬ (୧୯୯୯ ମସିହା ପାଇଁ), କ୍ଷେତ୍ରଫଳ ୩୪୮୪ ବର୍ଗଫୁଟରୁ ଅଧିକ କିମ୍ବା କମ୍ ସମ୍ବଳିତ ସମ୍ପତ୍ତି । ଭୂଖଣ୍ଡ ସମ୍ପତ୍ତି ପୂର୍ବରେ ଜମି ବିକ୍ରେତାଙ୍କ ଦ୍ୱାରା ଖାଲିପଡ଼ିଥିବା ଏକ ଜମି, ପଶ୍ଚିମରେ ବିକ୍ରେତାଙ୍କ ଦ୍ୱାରା (ବାସଉପଯୋଗୀ ଘର), ଉତ୍ତରରେ ମୌଜା ସପନପୁର ଏବଂ ଦକ୍ଷିଣରେ ରାସ୍ତା ଦ୍ୱାରା ପରିବେଷ୍ଟିତ ରହିଛି । | | | | | | |

ତାରିଖ: ୨୪/୦୬/୨୦୨୫
ସ୍ଥାନ: ଭୁବନେଶ୍ୱର

ସ୍ୱାକ୍ଷର
ଅଧିକାରପ୍ରାପ୍ତ ଅଧିକାରୀ
ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଲିମିଟେଡ୍


# ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ହଇଜା ନିରାକରଣ ସଚେତନତା



**ଓଡ଼ଗାଁ,୨୩।୬/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ହରିହରପୁର ପଞ୍ଚାୟତ ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଡପୁଟ ପକ୍ଷରୁ ସୋମବାର ହଇଜା ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ରଶ୍ମିରାଣୀ ସାହୁ, ସି.ଏଚ.ଓ. ସୁଶ୍ରୀସୁସ୍ମିତା ପ୍ରଧାନ ଓ ଆଶାକର୍ମୀ ଶୁଭଶ୍ରୀ ପଟ୍ଟନାୟକ ଯୋଗଦେଇ ହଇଜା ନିରାକରଣ ସମ୍ପର୍କେ ଛାତ୍ରଛାତ୍ରୀଙ୍କୁ ଆଲୋକପାତ କରିଥିଲେ । ଖାଇବା ପୂର୍ବରୁ ହାତଧୋଇବା,ବାସିଖାଦ୍ୟ ନଖାଇବା, ପରିବେଶ ପରିଷ୍କାର ରଖିବା, କୌଣସି ସ୍ଥାନରେ ପାଣି ଜମିବାକୁ ନଦେବା,ନିୟମିତ ଫୁଟାପାଣି ପିଇବା ଓ ମାଛି ବସିଥିବା ଖାଦ୍ୟକୁ କେହି ନଖାଇବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ତା'ପରେ ୫୫ଜଣ ପିଲାଙ୍କ ଲୋହିତ ରକ୍ତ କଣିକା ପରୀକ୍ଷା କରାଯାଇ ୪୮ ଜଣ ପିଲା ଠିକ୍ ଥିବା ବେଳେ ଅବଶିଷ୍ଟ ୭ଜଣଙ୍କ ଲୋହିତ ରକ୍ତ କଣିକା କମ୍ ଥିବା ଜଣା ପଡ଼ିଥିଲା । ସେମାନଙ୍କୁ ସ୍ୱାସ୍ଥ୍ୟ କର୍ମୀ ଔଷଧ ଦେଇ ନିୟମିତ ସେବନ କରିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟତ୍ରୀ ସୁଲୋଚନା ଦାସ ଓ ଅନୁସୟା ପ୍ରଧାନ ସହଯୋଗ କରିଥିବା ଜଣାପଡ଼ିଛି ।

## ପ୍ରଥମ ପୃଷ୍ଠାରୁ

### ନିଜଆଡୁ ହସ୍ତକ୍ଷେପ କଲେ ...

ପାଇଁ ଅନୁରୋଧ କରିଛନ୍ତି। ଗତ ଜୁନ ୧୫ରେ ଗୋପାଳପୁର ବେଳାଭୂମିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଥିଲା। ଯୁବତୀ ପୁରୁଷବନ୍ଧୁଙ୍କ ସହ ବେଳାଭୂମିରେ ସମୟ ଅତିବାହିତ କରୁଥିବା ବେଳେ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ପୁଲିସ ଏହି ଘଟଣାରେ ୧୦ ଜଣଙ୍କୁ ଗିରଫ କରିଛି। ଏହି ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ।

### ବଜ୍ରମାଡ଼ରେ ଦଧିନଉତି ...

ହୋଇଥିଲା। ବଲ୍କଳଧାରୀ ମହିମା ସମାଜ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ମୁଖ୍ୟମନ୍ଦିର ଆର୍ଥିଙ୍ଗ କରାଯାଇଥିଲା। ପୁନଶ୍ଚ ଦୁଇବର୍ଷ ପରେ ଗାଦି ମନ୍ଦିରର ପଶ୍ଚିମ ମୁଖ୍ୟ ଦ୍ୱାର ମୁଖଶାଳାର ଦଧିନଉତି ଆଂଶିକ କ୍ଷତି ହୋଇଥିଲା। ତେବେ ମହିମାଗାଦିର ଛୋଟ ଛୋଟ ମନ୍ଦିର ଓ ମୁଖଶାଳାଗୁଡ଼ିକୁ ସରକାରଙ୍କ ପକ୍ଷରୁ ଆର୍ଥିଙ୍ଗ ବ୍ୟବସ୍ଥା କରାଯିବା ପାଇଁ ମହିମା ଧର୍ମ ଧାମ ବିକାଶ ପରିଷଦ, ମହିମା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଯୋଗାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି।

### ଯୁବକଙ୍କୁ ୫ ରାଉଣ୍ଡ ...

ଚଳାଇଥିଲେ। ତେବେ ଟଙ୍କା ବ୍ୟାଗ ଛଡ଼ାଇବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ସେମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନେ ବଙ୍ଗଳାରେ କଥାବାର୍ତ୍ତା ହେଉଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଯୁବ ବର୍ଗ ପାଇଁ ଅସୀମ ...

ଅର୍ଥ ପାଇପାରିବେ। ଆମ ସରକାର ରାଜ୍ୟରେ ଖେଳକୁଦ ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି, ତେଣୁ ଯୁବ ସମାଜ ଏହାର ସୁବିଧା ନେଇ ନିଜ ପ୍ରତିଭାକୁ ବ୍ୟବହାର କରି ସେ କ୍ରୀଡାକୁ କ୍ୟାରିଅର କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟର ଶିଳ୍ପାୟନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ଆମେ ଗୋଟିଏ ବି ମୁହୂର୍ତ୍ତ ନଷ୍ଟ କରିନାହୁଁ। ମାତ୍ର ୧୫୦ ଦିନ ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛୁ। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ମିଳିବା ନିଶ୍ଚିତ ହୋଇଛି। ଏକବର୍ଷ ମଧ୍ୟରେ ୨୮ ହାଜର ୩୪୬ ସରକାରୀ ନିଯୁକ୍ତି ଦେଇଛୁ। ଯୁବ ବର୍ଗଙ୍କ ପାଇଁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ। ଯୁବ ବର୍ଗଙ୍କୁ ଉତ୍ସାହିତ କରି ସେ କହିଥିଲେ ଆପଣ ମାନେ ନିଜ ନିଜର ପ୍ରତିଭାକୁ ଜାଣନ୍ତୁ ଏବଂ ତାର ବିକାଶ ପାଇଁ କାମ କରନ୍ତୁ। ନିଜର ଚିନ୍ତାଧାରାକୁ ବିଶ୍ୱସ୍ତରୀୟ କରନ୍ତୁ। ସବୁବେଳେ ଭାବନ୍ତୁ ଯେ 'ଆଇ ମାଷ୍ଟ ବି ଦି ବେଷ୍ଟ'। ତାହେଲେ ଆପଣ ସବୁ କରିପାରିବେ। ଆପଣ ନିଜେ ସଫଳ ହେବେ ଏବଂ ଆପଣଙ୍କ ଯୋଗୁ ସାରା ଓଡ଼ିଶା ସଫଳ ହେବ। ଦେଢ଼ କୋଟିରୁ ଅଧିକ ଯୁବ ବର୍ଗ ଯେତେବେଳେ ସଫଳ ହେବେ, ସେତେବେଳେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ବରପୁତ୍ର ମାନଙ୍କ ସହିତ ମହାନ ଜନନେତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା 'ତୃଣମୂଳରୁ ଶୀର୍ଷ ସୋପାନ' ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ବ୍ରହ୍ମପୁର ବିଧାୟକ କେ.ଅନିଲ୍ କୁମାର, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସମେତ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ। ଆସ୍କା ସାଂସଦ ଅନିତା ଶୁଭଦର୍ଶୀନି ସ୍ୱାଗତ ଭାଷଣ ଦେଇଥିବାବେଳେ ଆସ୍କା ବିଧାୟକ ସରୋଜ କୁମାର ପାଢ଼ୀ ଧନ୍ୟବାଦ୍ ଦେଇଥିଲେ।

### ୭୫୨୯ ମନୋନୀତ ...

ବେଳେ ୬୨୩୨୧ଜଣ ଆବେଦନ କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରେ ୨୨୨୨୬ଜଣ ମନୋନୀତ ହୋଇଥିବା ବେଳେ ସେଥିରୁ ୭୮୭୪ଜଣ ନାମ ଲେଖାଇଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟ ତଥା ଶେଷ ପର୍ଯ୍ୟାୟ ମେଧା ତାଲିକା ଜୁଲାଇ ୩ତାରିଖ ଅପରାହ୍ଣ ୪ଟାରେ ପ୍ରକାଶ ପାଇବ। ଏହାର ନାମଲେଖା ପ୍ରକ୍ରିୟା ଜୁଲାଇ ୪ରୁ ୮ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଛୁଟି ଦିନ ବ୍ୟତୀତ ଚାଲିବ। ଜୁଲାଇ ୧୦ରୁ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି।

### ଓଡ଼ିଶାରେ ଦିଲ୍ଲୀ ଯୁବତୀଙ୍କୁ ...

ତପସ୍ୱିନୀ ତାଙ୍କୁ ସାଙ୍ଗରେ ଧରି ବିରଜା ମନ୍ଦିର ବୁଲିବାକୁ ଆସିଥିଲେ। ବିରଜା ଦର୍ଶନ ସାରି ଉଭୟ [illegible] ... ଅଭିଯୁକ୍ତ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

### ବଢ଼ିବ ବର୍ଷା, ଅରେଞ୍ଜ ...

କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ନୟାଗଡ଼, ଓ କେନ୍ଦ୍ରାପଡ଼ା ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। [illegible] ... ଏବଂ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଖଳି ଲାଗି, ଖଡ଼ିପ୍ରସାଦ ନୀତି ସମ୍ପାଦିତ

**ପୁରୀ,୨୩ା୬/ଏନ୍ଏନ୍ଏସ୍:** ଆଜି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ବା ଅଣସର ତ୍ରୟୋଦଶୀ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଆଜି ଘଣା ଲାଗି, ଖଳି ଲାଗି ସହ ଖଡ଼ି ପ୍ରସାଦ ନୀତି ସମ୍ପାଦିତ କରାଯାଉଛି। ଘଣ୍ଟ, ଛତ୍ରୀ ଏବଂ କାହାଳୀ ସହ ସୁଦ୍ଧ ସୁଆରଙ୍କ ଘର ଠାରୁ ଖଳି ପ୍ରସାଦ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ସେପଟେ ଆଉ ମାତ୍ର ତିନି ଦିନ ପରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏଥିପାଇଁ ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ କ୍ରମେ ଭୋଇ ସେବକ ମାନେ ତିନି ରଥରେ କଳସ, ଓଲଟଶୁଆ ସ୍ଥାପନ କରିବା ପରେ ରଥ ଉପରେ ବିଶ୍ୱକର୍ମା ମାନେ ସିଂହାସନ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ରଥଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲ୍ଲାପାଳ କହିଥିଲେ।



## ଆଜି ଘଣା ଲାଗି

ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ କରି ଜ୍ୱରରେ ପୀଡିତ ଥିବା ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ଗତକାଲି ଅଣସରର ଦ୍ୱାଦଶୀ ତିଥିରେ ଦଇତା ଓ ପତିମହାପାତ୍ର ସେବାୟତ ମହାପ୍ରଭୁଙ୍କ ସୁସ୍ଥତାର ଖବର ଗଜପତି ମହାରାଜାଙ୍କୁ ପ୍ରଦାନ କରିଥିଲେ। ଏହାସହ ରଥଯାତ୍ରାର ସୁପରିଚାଳନା ନେଇ ମଧ୍ୟ ଆଲୋଚନା କରିଥିଲେ। ତେବେ ଆଜି ଅଣସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଘଣା ଲାଗି ଓ ଶ୍ରୀପୟର ମୁଦ ଉପଲକ୍ଷେ ପାଟ ଡୋର, ଖଳି ପ୍ରସାଦ ଓ ଖଡ଼ି ପ୍ରସାଦ ଲାଗି ହୋଇଥାଏ। ଅଣସର ଗୃହରେ ସମ୍ପୂର୍ଣ୍ଣ ଗୋପନୀୟ ଭାବେ ଶ୍ରୀଜୀଉମାନଙ୍କୁ ଘଣାଲାଗି ପରେ ଖଳି ଲାଗି ଓ ତତ୍ପରେ ଖଡ଼ି ଲାଗି ହୋଇଥାଏ। ଘଣ୍ଟ , ଛତ୍ରୀ, କାହାଳୀ ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘର ଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୂପା ପିଙ୍ଗଣରେ ରଖି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏଥିସହ ଶ୍ରୀଜୀଉଙ୍କୁ ରକ୍ତବସ୍ତ୍ର ଆବରଣ କରି ସପ୍ତାବରଣ ଶେଷ ହୋଇଛି। ଜୁନ୍ ୨୭ରେ ଅର୍ଥାତ୍ ଆଉ ମାତ୍ର ତିନି ଦିନ ପରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଭାଇ ଭଉଣୀଙ୍କୁ ସାଙ୍ଗରେ ଧରି ଶ୍ରୀମନ୍ଦିର ଛାଡ଼ି ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ମାନବୀୟ ଲୀଳା କରିବେ ମହାପ୍ରଭୁ। ଏଥିପାଇଁ ତିନି ରଥର ନିର୍ମାଣ କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। ରଥର ଦୁଆର ଘଡାକୁ ମଜବୁତ୍ କରିବା ପାଇଁ ଧ୍ୱଜାବତା ଲଗାଯାଇଛି। ଏଥିରେ ମହାପ୍ରଭୁଙ୍କ ଆଜ୍ଞାମାଳ ସ୍ଥାପନ ହେବ। ଏଥିସହ ରଥରେ ମଣ୍ଡଣୀ ବତା ମଧ୍ୟ ଲଗାଯାଇଛି। ଗତକାଲି ମୁଖ୍ୟ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶ କ୍ରମେ ଭୋଇ ସେବକମାନେ ରଥର ? ଶୀର୍ଷ ଭାଗରେ କଳସ ସହ ଓଲଟଶୁଆ ସ୍ଥାପନ କରିଛନ୍ତି। ? ରୂପକାର ମାନେ ପ୍ରଭାରେ କିର୍ତ୍ତିମୁଖ ଓ ଉଭୟ ପାର୍ଶ୍ୱରେ ମଗରମୁଣ୍ଡ କାର୍ଯ୍ୟ ଶେଷ କରିଥିବା ବେଳେ ଚିତ୍ରକର ମାନେ ଏହାକୁ ଚିତ୍ରିତ କରୁଛନ୍ତି। ସେହିପରି ତିନି ରଥର ? ଚିତ୍ରକର ସେବକମାନେ ରଥର ବିଭିନ୍ନ ଅଂଶକୁ ରଙ୍ଗ ଦେଇ ସୌନ୍ଦର୍ଯ୍ୟପୂର୍ଣ୍ଣ କରୁଛନ୍ତି। ଶ୍ରୀମନ୍ଦିର କାର୍ଯ୍ୟାଳୟ ରେ ଦରଜୀ ସେବକମାନେ ରଥ କନାମଣ୍ଡଣି କାର୍ଯ୍ୟ ଆଗେଇ ନେଉଛନ୍ତି। ସେହିପରି ତିନି ରଥର ବ୍ରେକ୍ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ସେପଟେ ରଥଯାତ୍ରା ପାଇଁ ତିନି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା, ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା, ଟ୍ରାଫିକ, ପାର୍କିଂ ବ୍ୟବସ୍ଥା ସହ ଅନ୍ୟାନ୍ୟ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭିଡ଼ ସୁପରିଚାଳନା ପାଇଁ ବିଭିନ୍ନ ସ୍ଥାନରେ ଇଓ କ୍ୟାମେରା ଲଗାଯାଇଛି। ଡ୍ରୋନ୍ ସାହାଯ୍ୟରେ ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ସହିତ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଥିଲେ। ସେପଟେ ମହାପ୍ରଭୁ ଗୁଣ୍ଡିଚା ମନ୍ଦିରକୁ ଯିବା ପରେ କୋଠ ଭୋଗରେ ଜୈବିକ ଚାଉଳ ତଥା ଅମୃତ ଅନ୍ନ ବ୍ୟବହାର କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି। ତେବେ ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିଛି ସୁଆର ମହାସୁଆର ନିଯୋଗ। ପ୍ରତ୍ୟେକ ଦିନ କୋଠ ଭୋଗରେ ପ୍ରାୟ ୮୦ କିଲୋ ଚାଉଳ ମହାପ୍ରସାଦ ଓ ଅନ୍ୟାନ୍ୟ ପିଠା ପାଇଁ ମଧ୍ୟ ଚାଉଳ ବ୍ୟବହାର ହୋଇଥାଏ। ଆଡପ ମଣ୍ଡପରେ ପ୍ରାୟ ୫ ଦିନ ମହାପ୍ରସାଦ ଭୋଗ ଲାଗିବାକୁ ଥିବା ବେଳେ ଏନେଇ କୋରାପୁଟର ପ୍ରଗତି ନାମକ ସଂସ୍ଥା ବାସୁଭୋଗ, କଳାଜିରା, ମଲ୍ଲି, ବାସନ୍ତୀ, ଚୁଡି, ହଳଦୀ ଚୁଡ଼ି, ବିରୋଧୋନ ଚାଉଳର ସାମ୍ପଲ ଯୋଗାଇଛି। ତେବେ କଳାଜିରା ଚାଉଳରେ ମହାପ୍ରଭୁଙ୍କ କୋଠ ଭୋଗ ପ୍ରସ୍ତୁତି ହେବ ବୋଲି ନିଷ୍ପତ୍ତି ହୋଇଥିବା ସୁଆର ମହାସୁଆର ନିଯୋଗ ସମ୍ପାଦକ ନାରାୟଣ ମହାସୁଆର କହିଥିଲେ। ମହାପ୍ରଭୁଙ୍କ ସୁସ୍ଥତା ଖବର ଗଜପତିଙ୍କ ପାଖରେ ପହଞ୍ଚିବା ପରେ ଏହାକୁ ନେଇ ବେଶ୍ ଆନନ୍ଦିତ ହୋଇପଡିଛନ୍ତି ଭକ୍ତ ଓ ସେବାୟତ। ସେପଟେ ରଥଯାତ୍ରା ପାଇଁ ତିନି ରଥର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୬ ତାରିଖରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ରଥ ଆଜ୍ଞାମାଳ ବିଜେ ନୀତି ରହିଛି। ମହାପ୍ରଭୁଙ୍କୁ ନବଯୌବନ ରୂପରେ ଦର୍ଶନ କରିବା ପାଇଁ ସମସ୍ତ ଭକ୍ତ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

# ପୁରୀରେ ରଥଯାତ୍ରା ପାଇଁ ମକ୍ ଡ୍ରିଲ୍

**ପୁରୀ,୨୩ା୬/ଏନ୍ଏନ୍ଏସ୍:** ଆଗାମୀ ରଥଯାତ୍ରା କୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ସମ୍ପର୍ଣ୍ଣ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ ଡ୍ରିଲ ଆଜି ଟାଉନ ଥାନା ପରିସରର ସମନ୍ୱିତ ନିୟନ୍ତ୍ରଣ କକ୍ଷ ବା ଇଣ୍ଟିଗ୍ରେଟେଡ କମାଣ୍ଡ ଓ କଣ୍ଟ୍ରୋଲ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଚଳିତ ରଥଯାତ୍ରାକୁ ଦୁର୍ଘଟଣା ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




ପୂର୍ବ ବର୍ଷ ତୁଳନାରେ ଅଧିକ ଚଳିତବର୍ଷ ଅଧିକ ଜନ ଗହଳି ଆଶା କରାଯାଉଛି। ତେଣୁ ଆମକୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମସ୍ତ କାର୍ଯ୍ୟ କୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି। ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧ୍ୟାନ ପାଇଁ ଆଜିର ମକ ଡ୍ରିଲର ପରିକଳ୍ପନା। ପୂର୍ବରୁ ଏହା ମଧ୍ୟ କରାଯାଇଥିଲା। ଏହି ମକଡ୍ରିଲ ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବରେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ। ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟ ବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟ ରେ ଏହି ମକଡ୍ରିଲ ବେଶ ସହାୟକ ହେବ। ରଥଯାତ୍ରାରେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସିବେ ଓ ଏକ ସୁଖଦ ଅନୁଭୂତି ନେଇ ଫେରନ୍ତୁ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ଏନ୍‌ଡିଆର୍ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନବୀନ ଏସ ରାଣା, ସିଡିଏମଓ ଡା. ଅକ୍ଷୟ ଶତପଥୀ କହିଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଓସଡାମାର ଡିଜିଏମ ସୁନିଲ କୁମାର ସାହୁ ମାର୍ଗଦର୍ଶିକା ଅନୁସାରେ ମକଡ୍ରିଲ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସହକାରୀ କଲେକ୍ଟର ପଞ୍ଚାନନ ପରିଜା ପ୍ରମୁଖ ଯୋଗଦେଇଥିଲେ। ମୁଣ୍ଡୁଲୀ ଏନଡିଆରଏଫ ଥାର୍ଡ ବାଟାଲିୟନର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭା, ଅନ୍ୟାନ୍ୟ ବିଭାଗ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ପ୍ରମୁଖ ମକଡ୍ରିଲ ପରିଚାଳନା କରିଥିଲେ। ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବରେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା। ଜିଲ୍ଲା ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ, ଆଦିତ୍ୟ କୁମାର ବରାଳ, ରାମକୃଷ୍ଣ ବଡଜେନା, ରଞ୍ଜନ କୁମାର ବେହେରା, ଅଶୋକ କୁମାର ମଲ୍ଲିକ, ରୂପଶ୍ରୀ ପଣ୍ଡା, ସୁଶ୍ରୀ ସଂଗୀତା ମହାପାତ୍ର, ମମତା ବାରିକ, ସଞ୍ଜୟ ମହାପାତ୍ର, ସୁମନ ମହାପାତ୍ର, ବିଶ୍ୱ ଭୂଷଣ ଦାଶ, ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀରେ ରଥଯାତ୍ରା ପ୍ରସ୍ତୁତି

# ଅଧିକାରୀଙ୍କ ପାଇଁ ରଥ ଡ୍ୟୁଟି ମୋବାଇଲ୍ ଆପ୍

**ପୁରୀ,୨୩ା୬/ଏନ୍ଏନ୍ଏସ୍:** ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆସନ୍ତା ୨୭ ଜୁନ ୨୦୨୫ ତାରିଖରେ ଅନୁଷ୍ଠିତ ହେବ। ଏହି ବିଶ୍ୱ ପ୍ରସିଦ୍ଧ ଯାତ୍ରାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଲକ୍ଷାଧିକ ଭକ୍ତ ଓ ଦର୍ଶନାର୍ଥୀଙ୍କ ଆଗମନର ଅନୁମାନ ଅଛି। ଏହି ଦୃର୍ଦ୍ଦଶ୍ୟ ଓ ବୃହତ ମାନବ ସମାବେଶକୁ ଦୃଷ୍ଟିରେ ରଖି ପୁରୀ ପୋଲିସ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରତିବର୍ଷ ନିୟମିତ ଡିୟୁଟି ନିୟୋଜନ ପ୍ରଣାଳୀକୁ ଉନ୍ନତ କରି, ଚଳିତ ଥର ଏଥିପାଇଁ ଏକ ଡିଜିଟାଲ୍ ମୋବାଇଲ ଆପ୍ ବିକଶିତ କରାଯାଇଛି 'ପୁରୀ ପୁଲିସ ରଥଯାତ୍ରା ଆପ୍। ଏହି ଆପ୍ ଦ୍ୱାରା ଓଡ଼ିଶାର ଅନେକ ଜିଲ୍ଲାରୁ ନିୟୋଜିତ ହେଉଥିବା ଅଧିକାରୀମାନେ ନିଜ ଡିୟୁଟି ସ୍ଥାନ, ଡିୟୁଟି ସମୟ ଓ ଅଧୀନସ୍ଥ ଅଧିକାରୀ ମାନଙ୍କ ଅବସ୍ଥାନ ସମ୍ପର୍କରେ ସହଜରେ ଅବଗତ ହେବେ। ତେବେ ଏହି ଆପ୍ ର ବିଶେଷତା ହେଉଛି ଡିୟୁଟି ଚେକିଂ ଏବଂ ଲୋକେସନ ଟ୍ରାକିଂ: ଏହି ଆପ୍ ଦ୍ୱାରା ଅଧିକାରୀ ନିଜ ଡିୟୁଟି ସ୍ଥାନ, ଡିୟୁଟି ଏରିଆ ଓ ଅନ୍ୟ ଅଧିକାରୀଙ୍କ ଲୋକେସନ ଦେଖିପାରିବେ। ବୃହତ ମାନିଟରିଂ ଆଧାରରେ ଅପ୍ରିତିକର ଅବସ୍ଥାରେ ଡିପ୍ଲୟମେଣ୍ଟ ପୁନଃ ନିର୍ଦ୍ଦେଶ ହେବ। ରିଅଲ୍ ଟାଇମ୍ ଅପଡେଟ୍: ସମସ୍ତ ଟିମ୍ ଲିଡ୍, ଡିଉଟି ଅଫିସର୍ ଓ ସିନିୟର ଅଧିକାରୀ ତାଙ୍କ ଅଧୀନସ୍ଥଙ୍କ ଉପସ୍ଥିତି ଓ ଅବସ୍ଥାନ ଅନ୍‌ଲାଇନ୍ ଦେଖିପାରିବେ। ଗୁଗୁଲ୍ କ୍ଲାଉଡ୍ ଉପରେ ଆଧାରିତ ଏହି ଆପ୍ ଗୁଗୁଲ୍ କ୍ଲାଉଡ ଉପରେ ହୋଷ୍ଟ ହୋଇଥିବାରୁ ଯେକୌଣସି ମୋବାଇଲ୍ ରେ ଖୋଲି ଉପଲବ୍ଧ ହେବା ସହଜ। ଡାଟା ଲାଇଭ୍ ରହିଥାଏ ଓ ଅପଡେଟ୍ ହୁଏ। ଏସ୍‌ଓପି ଅନୁସାରେ ଗାଇଡ଼ଲାଇନ୍ ଆପ୍ ମାଧ୍ୟମରେ ଡିୟୁଟି ନିର୍ଦ୍ଦେଶନା, ରୁଟ୍ ମ୍ୟାପ୍, ବ୍ଲକିଂ ପଏଣ୍ଟ ଉପରେ ଏକ ଡିଜିଟାଲ୍ ହ୍ୟାଣ୍ଡବୁକ୍ ମିଳିଥାଏ। ତେବେ ପୁରୀ ପୋଲିସ ତରଫରୁ ପ୍ରଥମ ଥର ପାଇଁ ଏହି ଡିଜିଟାଲ୍ ଉଦ୍ୟମ ପାଇଁ ସମସ୍ତ ଅଧିକାରୀଙ୍କୁ ଅନୁରୋଧ କରାଯାଉଛି ଯେ, ଏହି ଆପ୍ ରେ ନିଜର ଡିୟୁଟି ସ୍ଥାନ ଯାଞ୍ଚ କରି ଲାଗିନ୍ କରନ୍ତୁ ଓ ସିନିୟର ସହ ସମନ୍ୱୟ ରଖନ୍ତୁ। ଏହି ଆଧୁନିକ ବ୍ୟବସ୍ଥାରେ ଏକ ନୂତନ ପଦକ୍ଷେପ ରୂପେ ପୁରୀ ପୋଲିସ ଓଡିଶାରେ ଏକ ଆଦର୍ଶ ତଥା ଯୁଗପଯୋଗୀ ପ୍ରଯୁକ୍ତି ପରିଚାଳନା ରୂପେ ସ୍ଥାପିତ ହେବ।

# ରାସ୍ତାରୁ ମୃତଦେହ ଉଦ୍ଧାର

**ଓଡ଼ଗାଁ,୨୩ା୬/ଏନ୍ଏନ୍ଏସ୍:** ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାଣ୍ଡେରିପଡା ପଞ୍ଚାୟତ ମଦନପୁର-କଇଥପଲ୍ଲୀ ରାସ୍ତାରେ ଜନୈକ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଲୋକେ ଜାଣିବାକୁ ପାଇବା ପରେ କିଛି ଲୋକଙ୍କ ସହାୟତାରେ ତାଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମିଳିଥିବା ଖବର ଅନୁଯାୟୀ, ଆଜି ରାତି ୮ଟା ସମୟରେ ପାଣ୍ଡେରୀପଡ଼ା ପଞ୍ଚାୟତ ମଦନପୁର ଗ୍ରାମର ନକୁଳ ସାହୁଙ୍କ ପୁଅ ପବିତ୍ର ସାହୁ(୪୮) ଓଡ଼ଗାଁରୁ ଘରକୁ ଫେରୁଥିବା ସମୟରେ ମଦନପୁର–କଇଥପଲ୍ଲୀ ରାସ୍ତା ଉପରେ ପଡ଼ିଥିଲେ। ନିର୍ଜନିଆ ରାସ୍ତାରେ ପଡ଼ିଥିବାରୁ କିଛିଲୋକ ତାଙ୍କୁ ଉଦ୍ଧାରକରି ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପବିତ୍ର ନିଜ ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛନ୍ତି କି ତାଙ୍କୁ କିଏ ମାରି ରାସ୍ତାରେ ଫିଙ୍ଗିଦେଇଛି ତାହା ଏବେ ତଦନ୍ତ ସାପେକ୍ଷ ହୋଇପଡ଼ିଛି।

# ଉପମୁଖ୍ୟମନ୍ତ୍ରୀ ଦ୍ୱାରା ରାସ୍ତା ପ୍ରଶସ୍ତିକରଣର ଭିତ୍ତିପ୍ରସ୍ତର

**ବଳଙ୍ଗା,୨୩ା୬/ଏନ୍ଏନ୍ଏସ୍:** ଆଜି ନିମାପଡ଼ା ବ୍ଲକରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟ ମନ୍ତ୍ରୀ ୩ କୋଟି ୪୭ ଲକ୍ଷ ଟଙ୍କାର ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଶୁଭ ଭୀତିପ୍ରସ୍ତର ସ୍ଥାପନ ହୋଇଯାଇଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ଗୋପିନାଥପୁର ରୁ ବଳଙ୍ଗା ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ୨କିଲୋମିଟର ୬୭୦ ମିଟର ପର୍ଯ୍ୟନ୍ତ ଯାହାର ଅଟକଳ ମୁଲ୍ୟ ୩କୋଟି ୪୭ ଲକ୍ଷ ଟଙ୍କା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅଧିକାରୀ ଧନଞ୍ଜୟ ବଡ଼ଜେନା, ଯନ୍ତ୍ରୀ ସ୍ମୃତିରଞ୍ଜନ କାନୁନଗୋ, ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ପ୍ରସନ୍ନ କୁମାର ଦାସ, ପ୍ରଭାକର ନାୟକ, ସରୋଜ ସାହୁ, ସାଂସଦ ପ୍ରତିନିଧି ମିନଲତା ମହାନ୍ତି ପ୍ରମୁଖ ସହ ସମସ୍ତ ପ୍ରଶାସନିକ ଅଧିକାରୀ ଓ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ।



### କେନ୍ଦ୍ରୀୟ ଯୋଜନା ବିଷୟରେ ...

ପାଇଁ କାର୍ଯ୍ୟକାରୀ ହେଉଛି। ଏହି ଯୋଜନାଗୁଡ଼ିକ ମଧ୍ୟରୁ ବିଶେଷକରି ବୀମା, ପେନସନ ଏବଂ ଆର୍ଥିକ ସୁରକ୍ଷା ସହିତ ଜଡ଼ିତ। ଯେଉଁଥିରେ ସ୍ୱଳ୍ପ ଅର୍ଥ ଖର୍ଚ୍ଚ କରି ସାମାଜିକ ସୁରକ୍ଷାର ଲାଭ ନେଇହେବ। କିନ୍ତୁ ସେମାନେ ଏବିଷୟରେ ଜାଣିନାହାନ୍ତି। ବିଭିନ୍ନ ଜିଲ୍ଲାରେ ହୋଇଥିବା ସମୀକ୍ଷା ବୈଠକରେ କେନ୍ଦ୍ରୀୟ କଲ୍ୟାଣକାରୀ ଯୋଜନା ବିଷୟରେ ପଚରାଯିବା ସମୟରେ ଅଧିକାଂଶ ଅଧିକାରୀ ମଧ୍ୟ ଉତ୍ତର ଦେଇପାରିନାହାନ୍ତି। ଏଥିରୁ ଜଣାପଡୁଛି ଦୁର୍ବଳ ସଚେତନତା ଏବଂ ପ୍ରଚାର ଯୋଗୁ, ଯୋଗ୍ୟ ହିତାଧିକାରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତ। ଓଡ଼ିଶାରେ ସଚେତନତା ଅଭାବରୁ ବହୁ ସଂଖ୍ୟକ ଯୋଗ୍ୟ ଲୋକ ଏହି ସୁବିଧା ପାଇପାରୁନାହାନ୍ତି। ଏପରିକି ଶିକ୍ଷିତ ଓ ଉଚ୍ଚବର୍ଗର ଲୋକମାନଙ୍କ ମଧ୍ୟରେ ଯୋଜନା ସମ୍ପର୍କରେ ଜ୍ଞାନ ଥିବା ସତ୍ତ୍ୱେ ଉଦାସୀନତା କାରଣରୁ ବିଭିନ୍ନ ଯୋଜନାରୁ ବଞ୍ଚିତ ଅଛନ୍ତି ବୋଲି ରାଜ୍ୟପାଳ କହିବା ସହିତ ଉଦାହରଣ ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ମନରେ ଆଗ୍ରହ ସୃଷ୍ଟି କରି ଉତ୍ସାହିତ କରିବା ପାଇଁ ରାଜଭବନରୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ। ରାଜଭବନର ସମସ୍ତ କର୍ମଚାରୀଙ୍କୁ ଯୋଗ୍ୟ ସାମାଜିକ କଲ୍ୟାଣ ଯୋଜନାରେ ପଞ୍ଜିକୃତ କରାଯିବ। ଏହା ରାଜ୍ୟର ଲୋକମାନଙ୍କୁ ବିଭିନ୍ନ ଯୋଜନାରେ ସେମାନଙ୍କର ହକ୍ ପାଇବା ପାଇଁ ପ୍ରେରଣାଦାୟକ ହେବ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ଅଟଳ ପେନ୍‌ସନ ଯୋଜନା ଇତ୍ୟାଦି ଯୋଜନା ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରି ଏ ଦିଗରେ ସଚେତନ ହେଲେ ଯୋଗ୍ୟ ହିତାଧିକାରୀଙ୍କର ଅଶେଷ କଲ୍ୟାଣ ସାଧନ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ସଚେତନତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି ସଚେତନତା ଅଭିଯାନ ଶୁଭାରମ୍ଭର ପ୍ରତୀକସ୍ୱରୂପ ରାଜ୍ୟପାଳ ରାଜଭବନରେ ୧୦୧ ଜଣ କର୍ମଚାରୀଙ୍କ ଆବେଦନ ପତ୍ର ଷ୍ଟେଟ ବ୍ୟାଙ୍କ, ରାଜଭବନ ଶାଖାର ବ୍ରାଞ୍ଚ ମ୍ୟାନେଜରଙ୍କୁ ସେମାନଙ୍କ ନାମ ପଞ୍ଜିକରଣ ପାଇଁ ପ୍ରଦାନ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ରାଜଭବନ ବ୍ରାଞ୍ଚର ମ୍ୟାନେଜର ସୁନୀତା ବେହେରା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ଡି.ଆଇ.ଜି ଏସ୍.ଟି.ଏଫ୍. ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ରାଜଭବନର ଅଧିକାରୀ ଓ କର୍ମଚାରୀ ଏହି ସଚେତନତା ଅଭିଯାନରେ ସାମିଲ ହୋଇଥିଲେ।

### ଧରାପଡ଼ିଲେ ଲାଞ୍ଚୁଆ ...

ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଦୁଇ ଲାଞ୍ଚୁଆଙ୍କୁ କାବୁ କରି ନେଇଥିଲା। ସେମାନଙ୍କଠାରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରି ଦୁହିଁଙ୍କ ନାମରେ ଭିଜିଲାନ୍ସ ମାମଲା ରୁଜୁ କରିଛି ।

### ୟୁଏସ୍ ଏୟାରବେସ୍ ଉପରେ ...

କତାର ସ୍ଥିତ ୟୁଏସ ଏୟାରବେସ୍ ଉପରେ ୪ରୁ ୫ଟି ମିସାଇଲ୍ ମାଡ଼ କରାଯାଇଥିବା ଜଣାପଡିଛି। ତେବେ ଏହି ଆକ୍ରମଣରେ ଆମେରିକା ବାୟୁସେନାର କ୍ଷତି ସମ୍ପର୍କୀତ ରିପୋର୍ଟ ସାମ୍ନାକୁ ଆସିନାହିଁ। କିନ୍ତୁ ମିଡିଲ୍ ଇଷ୍ଟ (ମଧ୍ୟପ୍ରାଚ୍ୟ)ରେ ଅଲ୍ ଉଦିଦ୍ ସ୍ଥିତ ଆମେରିକାର ଏୟାର ମିଲିଟାରୀ ବେସ୍‌କୁ ସର୍ବବୃହତ୍ ବାୟୁସେନା ଘାଟି ଭାବେ ବିବେଚନା କରାଯାଏ। ଏଠାରେ ପ୍ରାୟ ୮ହଜାରରୁ ୧୦ ହଜାର ୟୁଏସ୍ ସୈନିକ ମୁତୟନ ରହିଥାନ୍ତି। ତେବେ ଇରାନ୍ ଏସବୁ ଆକ୍ରମଣ ସେତେବେଳେ କରିଛି ଯେତେବେଳେ କି କତାର ନିଜ ବାୟୁସୀମା (ଏୟାରସ୍ପେଶ୍)କୁ ସାମୟିକ ଭାବେ ବନ୍ଦ କରିବା ନେଇ ଘୋଷଣା କରିଛି। କତାର ସରକାର ରାଜଧାନୀ ଦୋହା ସହରରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରିଥିବା ଜଣାପଡିଛି। ଇରାନ-ଇସ୍ରାଏଲ୍ ଯୁଦ୍ଧରେ ଆମେରିକା ଏପ୍ରକାର ଅଚାନକ ଡେଇଁବାକୁ ନେଇ ବିଶ୍ୱସ୍ତରରେ ଏକ ବୃହତ୍ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶ୍ୱ ସମୁଦାୟ ଯେଉଁଠି ଯୁଦ୍ଧକୁ ପ୍ରଶମିତ କରିବା ଦିଗରେ କାର୍ଯ୍ୟ କରୁଛି ସେତେବଳେ ଆମେରିକାର ଏପ୍ରକାର ଆଚରଣ ପଛର କାରଣ ଖୋଜା ଚାଲିଛି। ତେବେ ଇରାନ-ଇସ୍ରାଏଲ୍ ଯୁଦ୍ଧରେ ଆମେରିକାର ପ୍ରବେଶ ଏବଂ ଇରାନ୍ ଉପରେ ଘାତକ ଆକ୍ରମଣ ପଛରେ ଏକ ବଡ଼ କାରଣ ରହିଥିବା କୁହାଯାଉଛି। ଆମେରିକା ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ହ୍ୱାଇଟ୍ ହାଉସ୍ ପକ୍ଷରୁ ଦର୍ଶାଯାଇଛି ଯେ, ଜି-୭ ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଗସ୍ତରେ ଯାଇଥିବା ବେଳେ ଇରାନ୍ ପକ୍ଷରୁ ଆମେରିକା ମାଟିରେ ଏପର୍ଯ୍ୟନ୍ତ ନିଷ୍କ୍ରିୟ ଥିବା ନିଜ ସ୍ଲିପର ସେଲ୍‌କୁ ଆକ୍ଟିଭେଟ୍ କରାଯିବ ଏବଂ ଟ୍ରମ୍ପଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଥିଲା। ତେବେ ଇରାନ୍ ଏହି ଧମକ ଯୁଦ୍ଧରେ ଆମେରିକାର ପ୍ରବେଶ ଆଶଙ୍କା ଦୃଷ୍ଟିକୋଣରୁ ଦେଇଥିଲା। ତେବେ ଇରାନ୍‌ର ଏପ୍ରକାର ଧମକ ପରେ ଟ୍ରମ୍ପ ନିଜ ସଂଯମତା ହରାଇଥିଲେ ଏବଂ ଇରାନ୍ ଉପରେ ଆକ୍ରମଣ କରିବାକୁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିବା ହ୍ୱାଇଟ୍ ହାଉସ୍ ଦର୍ଶାଇଛି। ଶନିବାର ରାତିରେ, ଟ୍ରମ୍ପ ଇରାନର ପରମାଣୁ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ ପାଇଁ ସବୁଜ ସଙ୍କେତ ଦେଇଥିଲେ। ଏହାପରେ ଆମେରିକା ସେନା ଇରାନ୍‌ର ୩ଟି ଆଣବିକ କେନ୍ଦ୍ର (ଫୋର୍ଡୋଓ, ନାଟାଞ୍ଜ ଏବଂ ଇସ୍ଫାହାନ୍)ଗୁଡ଼ିକ ଉପରେ ପ୍ରଚଣ୍ଡ ଆକ୍ରମଣ କରିଥିଲା। ପରେ ଟ୍ରମ୍ପ ନିଜ ସେନାର 'ଅପରେସନ ମିଡନାଇଟ୍ ହାମର' ନାମକ ଏହି ସାମରିକ ମିଶନକୁ 'ମହାନ ସାମରିକ ସଫଳତା' ଭାବରେ ବର୍ଣ୍ଣନା କରିଥିଲେ। ଅନ୍ୟପକ୍ଷେ ଆମେରିକାର ଏପ୍ରକାର ଯୁଦ୍ଧ ପ୍ରବେଶକୁ ନେଇ ରୁଷ୍, ଚୀନ୍ ଏବଂ ଉତ୍ତରକୋରିଆ ସାମ୍ନାକୁ ଆସି ନିନ୍ଦା କରିଛନ୍ତି। ଇରାନ୍‌ର ଅନୁରୋଧ କ୍ରମେ ମିଳିତ ଜାତିସଂଘର ସୁରକ୍ଷା ପରିଷଦ ବୈଠକରେ ଆମେରିକାର ଆକ୍ରମଣକୁ ଯୁଦ୍ଧ ଅପରାଧ ଭାବେ ଏହି ୩ ଦେଶ ବିବେଚନା କରିଛନ୍ତି।

ନମସ୍କାର
ମଙ୍ଗଳବାର, ୨୪ ଜୁନ୍ ,୨୦୨୫
୬
ନିତିଦିନ NITIDIN

# ଆଜିର ଇତିହାସ

- ୧୯୬୧-ଭାରତର ପ୍ରଥମ ସ୍ୱଦେଶୀ ଏଚ୍ଏଫ୍-୨୪ ସୁପରସୋନିକ୍ ଲଢ଼ାକୁ ବିମାନ ଉଡ଼ାଣ ଭରିଥିଲା।
- ୧୯୬୬-ଏୟାର୍ ଇଣ୍ଡିଆର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।
- ୧୯୭୪-ଟେଷ୍ଟ କ୍ରିକେଟ୍‌ରେ ଭାରତ ନ୍ୟୁନତମ ସ୍କୋର କରିଥିଲା।
- ୧୯୮୬-ଭାରତ ସରକାର ଅବିବାହିତ ମହିଳାମାନଙ୍କର ମାତୃତ୍ୱ ଲାଭକୁ ମଞ୍ଜୁରୀ ଦେଇଥିଲେ।
- ୧୯୯୦-ପ୍ରଥମ ତୃତୀୟ ପିଢ଼ିର ଟ୍ୟାଙ୍କରୋଧୀ ମିସାଇଲ୍ 'ନାଗ୍'ର ସଫଳ ପରୀକ୍ଷଣ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା,ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଧନର ଆଗମନ ହେବ କିନ୍ତୁ ଖର୍ଚ୍ଚ ବି ବଢ଼ିବ। ଦିନଟି ରୋମାଣ୍ଟିକ ରହିବ। କୌଣସି ଜିନିଷର ନେଣଦେଣ କରିବା ସମୟରେ ସାବଧାନ ରୁହନ୍ତୁ। ସୁସ୍ଥ ଡାଏଟ୍ ଗ୍ରହଣ କରିବେ। ନିଜ ଫିଲିଂସ୍‌କୁ ପାର୍ଟନର୍ ସହିତ ସେୟାର୍ କରିପାରନ୍ତି।

**ବୃଷ** - ଆଜି ପଜିଟିଭ୍ ରହିବା ପାଇଁ ପରାମର୍ଶ ଦିଆଯାଉଛି। କୌଣସି ବିଶେଷ ଲୋକଙ୍କ ସହିତ ସିଙ୍ଗଲ୍ ଜାତକର ସାକ୍ଷାତ ହୋଇପାରେ। କାମର ଚାପ ରହିବ। ବ୍ରେକ୍ ନେଇପାରନ୍ତି। ଶୀଘ୍ରତା କାରଣରୁ ଖର୍ଚ୍ଚ ନକଲେ ଭଲ।

**ମିଥୁନ** - ସଚ୍ଚୋଟତା ବଜାୟ ରଖନ୍ତୁ। ଭୁଲ୍ ବୁଝାମଣା ହୋଇପାରେ। ଚାପ ଦୂର କରିବା ପାଇଁ ସଂଗୀତ ଶୁଣିପାରନ୍ତି। ଅଫିସ୍ ଚାପ ଘରକୁ ନ ଆଣିଲେ ଭଲ। ନିବେଶ ଲାଭଦାୟକ ରହିବ ନାହିଁ।

**କର୍କଟ** - କାମ ଉପରେ ଫୋକସ୍ କରିବେ। ଆଜି ନିଜ ଏନର୍ଜିକୁ ଅନୁଭବ କରିବେ। ସ୍ୱପ୍ନ ଆଡ଼କୁ ଆଗକୁ ବଢ଼ିବା ପାଇଁ ପ୍ରସ୍ତୁତ ରୁହନ୍ତୁ। ଫିଟ୍ ଓ ସୁସ୍ଥ ଶରୀର ପାଇଁ ବ୍ୟାୟାମ କରିବା ଜରୁରୀ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ।

**ସିଂହ** - ଆର୍ଥିକ ଦୃଷ୍ଟିରୁ ନୂଆ ଦାୟିତ୍ୱ ମିଳିବ। ଦିନଟି ଠିକ୍‌ଠାକ୍ ରହିବ। କ୍ୟାରିୟର୍ ଲାଇଫ୍‌ରେ ଗଡ଼ବଡ଼ି ହୋଇପାରେ। ନିବେଶ ସମୟରେ ସାବଧାନ ରହିବା ବହୁତ ଜରୁରୀ। ପେସାଗତ ଜୀବନରେ ସନ୍ତୁଳନ ବଜାୟ ରଖନ୍ତୁ।

**କନ୍ୟା** - ଆଜି ମୋଟିଭେଟେଡ୍ ଫିଲ୍ କରିବେ। ଜୀବନରେ ବାଦବିବାଦରୁ ଦୂରରେ ରହିଲେ ନିଜ ପାଇଁ ଭଲ। ଆହ୍ୱାନଗୁଡ଼ିକୁ ଆନନ୍ଦର ସହିତ ଅତିକ୍ରମ କରିବେ। ନିଜକୁ ହାଇଡ୍ରେଟ୍ ରଖିବା ଜରୁରୀ।

**ତୁଳା** - ପ୍ରେମ ଜୀବନ ପାଇଁ ଦିନଟି ଉତ୍ତମ। ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ପ୍ରଡକ୍ଟିଭିଟି ଅନୁଭବ କରିପାରନ୍ତି। ଜୀବନରେ ଅଳ୍ପ-ବହୁତ ହଲ୍‌ଚଲ୍ ହେବ। କୌଣସି ଖୁସି ଖବର ପାଇବେ। ଆର୍ଥିକ ସ୍ଥିତି ଖୁବ୍ ଭଲ ରହିବ।

**ବିଛା** - କ୍ୟାରିୟରରେ ଷ୍ଟ୍ରାଟେଜି ସହିତ ଆଗକୁ ବଢ଼ିବେ। ଆର୍ଥିକ ସ୍ଥିତି ମଜଭୁତ ରହିବ। ଦିନଟି ଆପଣଙ୍କ ପାଇଁ ବେଶ୍ ଭାଗ୍ୟଶାଳୀ। ଧନ ବୃଦ୍ଧି ଯୋଗ ରହିଛି। ବ୍ୟବସାୟୀମାନେ ଭାଗ୍ୟର ସାଥ୍ ପାଇବେ।


**ଧନୁ** - ଖର୍ଚ୍ଚ କରିବା ସମୟରେ ସାବଧାନ ରହିବେ। ଅଧିକ ଚାପ ନେଲେ କ୍ଷତି ସହିବେ। ଅଳ୍ପ ଇମୋସନାଲ୍ ହେବେ। ସ୍ୱାସ୍ଥ୍ୟ ଉପରେ ଅଧିକ ଦୃଷ୍ଟି ରହିବ। ହବି ପାଇଁ ସମୟ ଦିଅନ୍ତୁ। ନିଜ ପ୍ରତି ଯତ୍ନଶୀଳ ହେବା ଉଚିତ।

**ମକର** - କ୍ୟାରିୟର୍‌କୁ ନେଇ ମୋଟିଭେଟେଡ୍ ଓ ପ୍ରଡକ୍ଟିଭିଟି ଅନୁଭବ କରିବେ। ମାତାପିତାଙ୍କ ସହିତ ସମୟ ଅତିବାହିତ କରିପାରନ୍ତି। ଆର୍ଥିକ ସ୍ଥିତିରେ ଉତ୍ଥାନ-ପତନ ଦେଖାଦେବ। ମନ ଭିତରେ ପରିସ୍ଥିତିକୁ ଅତିକ୍ରମ କରିବା ପାଇଁ କ୍ଷମତା ପାଇବେ।

**କୁମ୍ଭ** - ଆର୍ଥିକ ସ୍ଥିତି ଉତ୍କୃଷ୍ଟ ରହିବ। ଚାପରୁ ରକ୍ଷା ପାଇବା ପାଇଁ ସ୍କିନ୍ କେୟାର୍ କରନ୍ତୁ। ମାନସିକ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେବେ। କାମରୁ ବ୍ରେକ୍ ନେବା ଜରୁରୀ। ବସ୍‌ଙ୍କ ସହିତ କାମକୁ ଆଗକୁ ବଢ଼େଇବେ।

**ମୀନ** - ପାର୍ଟନର ସହିତ ରୋମାଣ୍ଟିକ୍ ଡିନର୍‌ରେ ଯାଇପାରନ୍ତି। ଆଜି ଅଳ୍ପ ବ୍ୟସ୍ତ ରହିବେ। ଫିଟ୍‌ନେସ୍ ଉପରେ ଧ୍ୟାନ ଦିଅନ୍ତୁ। କାର୍ଯ୍ୟକ୍ଷେତ୍ରରେ ଦାୟିତ୍ୱପୂର୍ଣ୍ଣ କାମ ମିଳିପାରେ। ସନ୍ତାନ ସହିତ ବାଦବିବାଦ ହୋଇପାରେ।

# ଶ୍ରୀମଦ୍ ଭଗବଦ୍‌ଗୀତା



**ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ।**
**ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ। (୧୦/୨୦)**

ହେ ଅର୍ଜୁନ ! ମୁଁ ସମସ୍ତ ଭୂତଙ୍କ ହୃଦୟରେ ଅବସ୍ଥିତ ଆତ୍ମା। ଏବଂ ସର୍ବ ଭୂତର ଉତ୍ପତ୍ତି ସ୍ଥିତି ଓ ବିନାଶ ସ୍ୱରୂପ। ଅର୍ଥାତ ଈଶ୍ୱର ସବୁ ଜୀବ ଓ ଅଜୀବ ସକଳ ବସ୍ତୁରେ ବିରାଜିତ। ସଚ୍ଚିଦାନନ୍ଦ ଶୁଦ୍ଧ ଚେତନାର ପ୍ରତିଫଳନ ସଭିଙ୍କୁ ଆଲୋକିତ କରୁଛି। ସେ ଅନ୍ତର୍ଯାମୀ ରୂପେ ସବୁ ଘଟରେ ବିଦ୍ୟମାନ। ଗୁଡାକେଶ ମାନେ ହେଉଛି ଯିଏ ନିଦ୍ରା ଉପରେ ଜୟଲାଭ କରିଥାଏ।
ଶ୍ରୀ ରାମକୃଷ୍ଣ କହନ୍ତି- ମୋ ଜଗନ୍ମାତା ହିଁ ଜଗତ ବା ବିଶ୍ୱବ୍ରହ୍ମାଣ୍ଡ ହେଇଛନ୍ତି। ସେ ସର୍ବଶକ୍ତିମାନ, ତେଣୁ ସେ ଜଗତ ସମେତ ଜୀବ ଜନ୍ତୁ ଇତ୍ୟାଦି ହେଇଛନ୍ତି। ସେ ନିଜକୁ ଦେହ, ବୁଦ୍ଧି, ଧର୍ମପଥ ଓ ଆଧ୍ୟାତ୍ମିକ ଜ୍ଞାନରେ ଅଭିବ୍ୟକ୍ତ କରନ୍ତି। ଶକ୍ତି ଓ ବ୍ରହ୍ମ ଏକ ଓ ଅଭିନ୍ନ। ବ୍ୟକ୍ତ ଅବସ୍ଥାରେ ସେ ଶକ୍ତି ଏବଂ ଅବ୍ୟକ୍ତ ପରମାର୍ଥିକ ଅବସ୍ଥାରେ ସେ ହିଁ ବ୍ରହ୍ମ।

## ବିଶିଷ୍ଟ ଜନନାୟକ

# ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ




ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ ନବକୃଷ୍ଣ ଚୌଧୁରୀ। ସ୍ୱାଧୀନତା ଆନ୍ଦୋଳନ, ସମାଜସେବା ଓ ରାଜନୀତି ସବୁ କ୍ଷେତ୍ରରେ ତାଙ୍କର ନିଷ୍ଠା ଓ ତ୍ୟାଗ ଦେଖିବାକୁ ମିଳିଯାଏ। ବଡ଼ଭାଇ ଗୋପବନ୍ଧୁ ଚୌଧୁରୀ, ଭାଉଜ ରମାଦେବୀ ଓ ସ୍ତ୍ରୀ ମାଳତୀ ଦେବୀ, ସ୍ୱାଧୀନତା ସଂଗ୍ରାମରେ ବେଶ୍ ସକ୍ରିୟ ଥିଲେ। ତେବେ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ବିରଳ ସଂଗ୍ରାମୀ। ସେ ଯାହା ଶପଥ କରୁଥିଲେ ତାହା କରି ଦେଖଉଥିଲେ। ତାଙ୍କର ଅନନ୍ୟ ବ୍ୟକ୍ତିତ୍ୱ, କୃତି, ବୈପ୍ଲବିକ ଚିନ୍ତା ଓ କର୍ମଯୋଜନାକୁ ଆକଳନ କରିବା ଅସମ୍ଭବ। ୨୩ ନଭେମ୍ବର, ୧୯୦୧ରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ବିପ୍ଳବୀ, ସର୍ବୋଦୟ ନେତା, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ। ଜନସାଧାରଣଙ୍କୁ ଶାସନର ସହଭାଗୀ କରିବା ନିମନ୍ତେ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବ୍ୟବହାର କରିବାକୁ ପ୍ରମୁଖ ଉଦ୍ୟମ କରିଥିବା ନବକୃଷ୍ଣ ଚୌଧୁରୀଙ୍କ କୃତି ଓ କୀର୍ତ୍ତିଗୁଡ଼ିକର କୌଣସି ପ୍ରଚାର, ପ୍ରସାରର ସଙ୍କେତ ସହଜରେ ଦୃଶ୍ୟମାନ ହୁଏ ନାହିଁ। ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ସେ ବିଧାନସଭାର ସଦସ୍ୟ ହୋଇ ୧୯୪୬-୪୮ ପର୍ଯ୍ୟନ୍ତ ରାଜସ୍ୱ, ଯୋଗାଣ, ପରିବହନ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ ପଦରେ ଓ ୧୯୫୦-୫୬ ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ରହି ରାଜ୍ୟ ପାଇଁ ସେବା ଦେଇଥିଲେ। ପ୍ରଚଳିତ ବ୍ୟବସ୍ଥାରେ କୃଷକ, ଶ୍ରମିକମାନଙ୍କୁ ଶୋଷଣରୁ ମୁକ୍ତ କରିବା ସମ୍ଭବ ନହେବାରୁ ୧୯୫୬ରେ ସେ ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରିଥିଲେ। ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ରୋଗଗ୍ରସ୍ତ ହୋଇ ୧୯୮୪ ମସିହାର ଆଜିର ଦିନରେ ଅନୁଗୁଳ ଆଶ୍ରମରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ଥିଲେ ଜଣେ ଅସାଧାରଣ କିନ୍ତୁ ଅତି ସାଧାରଣ ବ୍ୟକ୍ତିତ୍ୱ।



# ଚତୁର୍ଥ ରାଷ୍ଟ୍ରପତି : ଭିଭି ଗିରି

ଦେଶର ଚତୁର୍ଥ ରାଷ୍ଟ୍ରପତି ଭିଭି ଗିରି ୧୦ ଅଗଷ୍ଟ, ୧୮୯୪ରେ ବ୍ରହ୍ମପୁରର ଏକ ତେଲୁଗୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପ୍ରାରମ୍ଭିକ ଶିକ୍ଷା ବ୍ରହ୍ମପୁରରେ ସମାପ୍ତ ହେବା ପରେ ଡବଲିନ୍ ବିଶ୍ୱବିଦ୍ୟାଳୟରେ ଆଇନ ଶିକ୍ଷା ପ୍ରାପ୍ତ କରିବା ପାଇଁ ସେ ଆୟର୍ଲ୍ୟାଣ୍ଡ ଚାଲିଗଲେ। ସେଠାରେ ଡି ବଲେରାଙ୍କ ପରି ପ୍ରସିଦ୍ଧ ବ୍ରିଟିଶ ବିଦ୍ରୋହୀଙ୍କ ସମ୍ପର୍କରେ ଆସିବା ପରେ ସିନ୍ ଫିନ୍ ଆନ୍ଦୋଳନରେ ଜଡ଼ିତ ହୋଇଗଲେ ଓ ଏହାର ପରିଣାମସ୍ୱରୂପ ଆୟର୍ଲ୍ୟାଣ୍ଡରୁ ତାଙ୍କୁ ନିଷ୍କାସିତ କରାଗଲା। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ୧୯୧୬ରେ ଭିଭି ଗିରି ଦେଶକୁ ପ୍ରତ୍ୟାବର୍ତ୍ତନ କଲେ ଓ ତୁରନ୍ତ ଏଠାରେ ଶ୍ରମିକ ଆନ୍ଦୋଳନରେ ସାମିଲ ହୋଇଗଲେ। ଏହା ସହିତ ରେଳ କର୍ମଚାରୀଙ୍କ ହିତ ପାଇଁ ସେ ବଙ୍ଗ-ନାଗପୁର ରେଳ ଆସୋସିଏସନ୍ ସ୍ଥାପନା କରି ଅଖିଳ ଭାରତୀୟ ରେଳ କର୍ମଚାରୀ ସଂଘ ଓ ଅଖିଳ ଭାରତୀୟ ବ୍ୟାପାର ସଂଘ (କଂଗ୍ରେସ)ର ଅଧ୍ୟକ୍ଷ ମଧ୍ୟ ରହିଲେ। ଦେଶର ସ୍ୱାଧୀନତା ଆନ୍ଦୋଳନ ସହିତ ସାମିଲ ହୋଇ ସେ ସ୍ୱତନ୍ତ୍ରତା ପାଇଁ ପୂର୍ଣ୍ଣ ରୂପରେ ସକ୍ରିୟ ହୋଇଗଲେ। ୧୯୩୭ରେ ମାଡ୍ରାସ୍ ପ୍ରେସିଡେନ୍ସିରେ କଂଗ୍ରେସ ପାର୍ଟି ପାଇଁ ତିଆରି ଶ୍ରମ ଏବଂ ଉଦ୍ୟୋଗ ମନ୍ତ୍ରାଳୟରେ ମନ୍ତ୍ରୀ ନିଯୁକ୍ତ ହୋଇଥିଲେ। ଇଂରେଜମାନଙ୍କ ବିରୁଦ୍ଧରେ ଚାଲୁଥିବା ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିଥିବା ଯୋଗୁ ତାଙ୍କୁ ଜେଲ୍ ଦଣ୍ଡ ମିଳିଥିଲା। ଦେଶ ସ୍ୱାଧୀନ ହେବା ପରେ ପାଠାପଟନମ୍ ସିଟ୍‌ରୁ ଲୋକସଭାର ନିର୍ବାଚନ ଜିତି ସଂସଦ ପହଞ୍ଚିବା ପରେ ଶ୍ରମ ମନ୍ତ୍ରୀ ଭାବରେ ସେ ନିଜର ସେବା ଦେଇଥିଲେ। ଉତ୍ତରପ୍ରଦେଶ ଓ କେରଳର ରାଜ୍ୟପାଳ ରହିଥିବା ଭିଭି ଗିରି, ଜାକିର ହୁସେନଙ୍କ କାର୍ଯ୍ୟକାଳ ସମୟରେ ଉପ-ରାଷ୍ଟ୍ରପତି ପଦରେ ରହିସାରିଥିଲେ। ଏହାପରେ ଜାକିର ହୁସେନଙ୍କ ନିଧନ ପରେ ଭିଭି ଗିରି କାର୍ଯ୍ୟବାହକ ରାଷ୍ଟ୍ରପତି ଓ ପରେ ରାଷ୍ଟ୍ରପତି ନିର୍ବାଚନ ହେବା ପରେ ସେ ଇନ୍ଦିରା ଗାନ୍ଧୀଙ୍କ ସମର୍ଥନରେ ଦେଶର ଚତୁର୍ଥ ରାଷ୍ଟ୍ରପତି ପଦରେ ଆସୀନ ହେଲେ। ୧୯୮୦ର ଆଜିର ଦିନରେ ତାଙ୍କର ନିଧନ ହୋଇଥିଲା। ଦେଶର ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଭୂମିକା ପାଇଁ ସେ ଭାରତ ରତ୍ନ ଉପାଧିରେ ସମ୍ମାନିତ ହୋଇଥିଲେ।

# କାଳ୍ପନିକ ଚରିତ୍ର : ପରୀ



**ଆଜି ବିଶ୍ୱ ସ୍ତରରେ ପାଳନ କରାଯାଉଛି ପରୀ ଦିବସ। ମାନନ୍ତୁ ବା ନ ମାନନ୍ତୁ ଏହି କାଳ୍ପନିକ ପ୍ରାଣୀଟି ୟୁରୋପରୁ ଆରମ୍ଭ କରି ଏସିଆ ଓ ମଧ୍ୟ ଭାଗରେ ପୂରା ଦୁନିଆର କେତେକ ସଂସ୍କୃତିର ଅଂଶବିଶେଷ ହୋଇ ରହିଛି। ତେଣୁ ଆଜିର ଦିନରେ ପରୀ କଥା ବା କାହାଣୀ ସମ୍ପର୍କରେ କିଛି ଜାଣିବା।**



୧୩୦୦ ଦଶକ (ପ୍ରାରମ୍ଭିକ ପରୀକଥା)- ପରୀ କାହାଣୀର ପ୍ରଥମ ଉଲ୍ଲେଖ ଇଟାଲୀରେ ଦେଖିବାକୁ ମିଳେ ଯେଉଁଗୁଡ଼ିକ ପିଢ଼ି ପରେ ପିଢ଼ି ମୌଖିକ ଭାବରେ ଏବେ ମଧ୍ୟ ଶୁଣିବାକୁ ମିଳୁଛି।

୧୬୯୭- (ପ୍ରିଣ୍ଟରେ ପରୀକଥା)- ଫ୍ରାନ୍ସିସୀ ଲେଖକ ଚାର୍ଲସ୍ ପେରୌଲ୍ଟ ନିଜ କାହାଣୀଗୁଡ଼ିକରେ ଅନେକ ପରୀକଥା ବିଷୟରେ ବର୍ଣ୍ଣନା କରିଥିଲେ ଓ ଏହିଭଳି ଭାବରେ ଲିଖିତ ପରୀକଥାଗୁଡ଼ିକର ପରମ୍ପରା ଆରମ୍ଭ ହୋଇଥିଲା ଯାହା ଆଜି ବି ଜାରି ରହିଛି।

୧୮୨୫- (ପର୍ଯ୍ୟବେକ୍ଷକ ଭାବରେ ପରୀ)-ସ୍କଟିସ୍ ଲୋକ କଥାକାର ସାର୍ ଓ୍ୱାଲ୍ଟର ସ୍କଟ୍ 'ଡେମୋନୋଲୋଜି ଆଣ୍ଡ୍ ଓ୍ୱିଚ୍‌କ୍ରାଫ୍ଟ' ଲେଟର୍ସ ପ୍ରକାଶିତ କରିଥିଲେ, ଯେଉଁଥିରେ ସେ ମାନବ ଗତିବିଧିର ପର୍ଯ୍ୟବେକ୍ଷକ ଭାବରେ ପରୀମାନଙ୍କର କାହାଣୀଗୁଡ଼ିକୁ ବର୍ଣ୍ଣନା କରିଛନ୍ତି।

୧୯୧୩-(ପରୀ ଯାଞ୍ଚ ସୋସାଇଟି)-ବ୍ରିଟେନ୍‌ର ପରୀ ଓ ଅନ୍ୟ ମୌଳିକ ପ୍ରାଣୀମାନଙ୍କର ଅଧ୍ୟୟନରେ ରୁଚି ରଖୁଥିବା ବ୍ୟକ୍ତିମାନଙ୍କର ଏକ ସମୂହ ଫେୟରୀ ଇନ୍‌ଭେଷ୍ଟିଗେସନ୍ ସୋସାଇଟିର ସ୍ଥାପନା କରିଥିଲେ।




୧୯୨୭-(ପରୀକଥାର ବିସ୍ଫୋରଣ)- ଡେନ୍‌ମାର୍କର କମ୍ପାନୀ ଲେଗୋ ଯିଏ ନିଜର ଲୋକପ୍ରିୟ ଖେଳଣା ତିଆରି କରିବାରେ ପ୍ରସିଦ୍ଧି ହାସଲ କରିଥିଲା ତାହା ପରୀକଥାର ଥିମ୍ ଥିବା ସେଟ୍ ପେଶ୍ କରିବା ଆରମ୍ଭ କରିଥିଲା ଯେଉଁଥି ପାଇଁ ଏହି କାହାଣୀଗୁଡ଼ିକ ନୂଆ ପିଢ଼ିଙ୍କ ମଧ୍ୟରେ ଲୋକପ୍ରିୟ ହେଉଛି।

୧୯୯୮-(ଅନ୍ତଃରାଷ୍ଟ୍ରୀୟ ପରୀ ଦିବସର ସ୍ଥାପନା)-କଳାକାର ଜେସିକା ଗେଲ୍ ବ୍ରେଥ୍ ପରୀ ଓ ସାଂସ୍କୃତିକ ମହତ୍ତ୍ୱକୁ ସେଲିବ୍ରେଟ୍ କରିବା ପାଇଁ ୨୪ ଜୁନ୍ ଦିନ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ପରୀ ଦିବସର ସ୍ଥାପନା କରିଥିଲେ।

# ରଣବୀର ନା ଅଲ୍ଲୁ କିଏ ହେବେ 'ଶକ୍ତିମାନ' !



ବିଗତ କିଛି ସମୟ ହେଲା ଫିଲ୍ମ ଇଣ୍ଡଷ୍ଟ୍ରିରେ ଗୋଟିଏ ମୁଦ୍ଦା ଜୋର୍ ଧରି ଚାଲିଛି ଯେ କିଏ ଶକ୍ତିମାନ ଚରିତ୍ରରେ ଅଭିନୟ କରିବେ। ଅନେକ ଦିନରୁ ରଣବୀର ସିଂହଙ୍କ ନାମ ଶୁଣିବାକୁ ମିଳୁଛି। ତେବେ ଏହି କ୍ରମରେ ତେଲୁଗୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ନାମ ମଧ୍ୟ ଯୋଡ଼ି ହୋଇଯାଇଛି। ଏବେ ନିର୍ମାତାମାନେ ଫିଲ୍ମ ଉପରେ ଅପଡେଟ୍ ଦେଇଛନ୍ତି। ସୋନି ପିକ୍‌ଚର୍ସର ଫିଲ୍ମ 'ଶକ୍ତିମାନ'ରେ ରଣବୀର ସିଂହଙ୍କ ସ୍ଥାନରେ ଅଲ୍ଲୁ ଅର୍ଜୁନଙ୍କୁ କାଷ୍ଟ କରିଛନ୍ତି ବୋଲି ଘୋଷଣା କରିବା ପରେ ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ହେବାର ଦେଖିବାକୁ ମିଳିଥିଲା। କିନ୍ତୁ ଏବେ 'ଶକ୍ତିମାନ'ର ନିର୍ଦ୍ଦେଶକ ବେସିଲ୍ ଜୋସେଫ୍‌ଙ୍କ କହିବା ଅନୁସାରେ ତାଙ୍କ ଫିଲ୍ମ ରଣବୀରଙ୍କ ବିନା ନିର୍ମାଣ ହୋଇପାରିବ ନାହିଁ। ରଣବୀରଙ୍କ ବ୍ୟତୀତ ଆଉ କେହି ଫିଲ୍ମ ସହିତ ଜଡ଼ିତ ହେବେ ନାହିଁ। ଫିଲ୍ମ 'ଶକ୍ତିମାନ' କେବଳ ରଣବୀରଙ୍କୁ ନେଇ ନିର୍ମାଣ ହେବ। ଶକ୍ତିମାନ ଏପରି ଏକ ଚରିତ୍ର ଯାହା ନବେ ଦଶକରେ ପିଲାମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଥିଲା। ସେ ସମୟରେ ଏହି ଆଇକନିକ୍ ସୁପରହିରୋ ଭୂମିକାରେ ଅଭିନେତା ମୁକେଶ ଖାନ୍ନାଙ୍କୁ ଦେଖିବାକୁ ମିଳିଥିଲା। ଆଜି ମୁକେଶ ଖାନ୍ନା ରଣବୀରଙ୍କୁ ଶକ୍ତିମାନ ରୂପରେ ଦେଖିବାକୁ ଚାହୁଁ ନାହାନ୍ତି। କିନ୍ତୁ ଅଲ୍ଲୁ ଅର୍ଜୁନଙ୍କ ଭିତରେ ଶକ୍ତିମାନ ଚରିତ୍ର ନିଭେଇବାର ଯୋଗ୍ୟତା ରହିଛି ବୋଲି ସେ ପୂର୍ବରୁ କହିଥିଲେ। ଓ୍ୱର୍କ ଫ୍ରଣ୍ଟ ଦୃଷ୍ଟିରୁ ରଣବୀର ଏ ସମୟରେ ଫିଲ୍ମ 'ଧୂରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏହାପରେ ଫାରହାନ ଅଖତରଙ୍କ ବହୁପ୍ରତୀକ୍ଷିତ ଫିଲ୍ମ 'ଡନ୍-୩' ରହିଛି ଯାହାର ସୁଟିଂ ଆରମ୍ଭ ହେବ। ତେବେ ୨୦୨୨ରେ ସୋନି ପିକ୍‌ଚର୍ସ ଟିଭି ଧାରାବାହିକ 'ଶକ୍ତିମାନ'କୁ ଫିଲ୍ମ ଭାବରେ ନିର୍ମାଣ କରିବା ପାଇଁ ଘୋଷଣା କରିଥିଲେ।






# ବୀରାଙ୍ଗନା ରାଣୀ ଦୁର୍ଗାବତୀ



ଚନ୍ଦେଲ୍‌ର ଝିଅ ଓ ଗୋଣ୍ଡୱାନାର ରାଣୀ ଥିଲେ ଦୁର୍ଗାବତୀ। ଆକବରଙ୍କ ଜୁଲୁମ୍ ଆଗରେ ନଇଁବାକୁ ସେ ଚାହୁଁ ନଥିଲେ। ଏଥିପାଇଁ ୨୪ ଜୁନ୍, ୧୫୬୪ରେ ମୋଗଲମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ସମୟରେ ସେ ନିଜେ ନିଜର ତରବାରିରେ ଆତ୍ମହତ୍ୟା କରି ସହିଦ୍ ହୋଇଯାଇଥିଲେ। ସେଥିପାଇଁ ଆଜି ପାଳନ କରାଯାଉଛି ରାଣୀ ଦୁର୍ଗାବତୀ ବଳିଦାନ ଦିବସ। ଦେଶର ମହାନତମ ବୀରାଙ୍ଗନାଙ୍କ ମଧ୍ୟରେ ରାଣୀ ଦୁର୍ଗାବତୀଙ୍କ ନାମ ସର୍ବପ୍ରଥମେ ସ୍ମରଣ କରାଯାଏ। ସେ ମାତୃଭୂମି ଓ ଆତ୍ମସମ୍ମାନକୁ ରକ୍ଷା କରି ନିଜ ପ୍ରାଣର ବଳିଦାନ ଦେଇଛନ୍ତି। ରାଣୀ ଦୁର୍ଗାବତୀଙ୍କ ନାମ ବୀରାଙ୍ଗନାମାନଙ୍କର ଅଗ୍ରୀମ ପଂକ୍ତିରେ ସୂଚୀବଦ୍ଧ ହୋଇ ରହିଛି। ଶେଷ ପର୍ଯ୍ୟନ୍ତ ନିଜ ରାଜ୍ୟ ଉପରେ ମୋଗଲ ସେନା ଓ ଆକବରଙ୍କ ଲକ୍ଷ୍ୟକୁ ପୂରା ହେବାକୁ ଦେଇନଥିଲେ ରାଣୀ ଦୁର୍ଗାବତୀ। ଘୋଡ଼ା ସବାରୀ, ଧନୁତୀର ଚାଳନା, ତରବାରି ଚାଳନା ପରି ଯୁଦ୍ଧକଳାରେ ନିପୁଣ ଥିବା ଦୁର୍ଗାବତୀ ବନ୍ଧୁକ ଚାଳନା କଳାରେ ମଧ୍ୟ ମାହିର ଥିଲେ। ଗୋଣ୍ଡ ରାଜା ଦଳପତ ଶାହଙ୍କ ସହିତ ତାଙ୍କର ବିବାହ ହୋଇଥିଲା ଯାହାଙ୍କ ପାଖରେ ତାଙ୍କର ବଂଶଜଙ୍କର ଚାରିଟି ରାଜ୍ୟ- ଗଡ଼ମଣ୍ଡଳା, ଦେବଗଡ଼, ଚନ୍ଦା ଓ ଖେରଲା ମଧ୍ୟରୁ ଗଡ଼ମଣ୍ଡଳା ଉପରେ ତାଙ୍କର ଅଧିକାର ଥିଲା। ବିବାହର ସାତ ବର୍ଷ ପରେ ଯେତେବେଳେ ରାଜାଙ୍କର ମୃତ୍ୟୁ ହୋଇଗଲା ରାଣୀ ନିଜ ରାଜ୍ୟର ଶାସନ ସହିତ ପାଞ୍ଚ ବର୍ଷ ପୁତ୍ରର ଲାଳନ ପାଳନ କରିଥିଲେ। ଏହାପରେ ଗୋଣ୍ଡୱାନାର ଶାସନ ମଧ୍ୟ ସେ ନିଜ ହାତକୁ ନେଇଥିଲେ। ତାଙ୍କ ରାଜ୍ୟର କେନ୍ଦ୍ର ଥିଲା ବର୍ତ୍ତମାନର ଜବଲପୁର ଯେଉଁଠାରେ ରାଣୀ ପାଖାପାଖି ୧୬ ବର୍ଷ ଧରି ଶାସନ କରିଥିଲେ। ୫ ଅକ୍ଟୋବର, ୧୫୨୪ରେ କାଳିଞ୍ଜର (ବାନ୍ଦା, ଉତ୍ତରପ୍ରଦେଶ)ରେ ଜନ୍ମଗ୍ରହଣ କରିଥିଲେ ରାଣୀ ଦୁର୍ଗାବତୀ।

# ରଙ୍ଗର ସହର: ଚମ୍ବା



ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟ, ପ୍ରାଚୀନ ମନ୍ଦିର ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପାଇଁ ବେଶ୍ ଜଣାଶୁଣା। ରାଭି ନଦୀ କୂଳରେ ଅବସ୍ଥିତ ଚମ୍ବାକୁ ରଙ୍ଗର ସହର ବୋଲି କୁହାଯାଏ। ହିମାଚଳ ପ୍ରଦେଶର ଉତ୍ତର-ପଶ୍ଚିମରେ ସ୍ଥିତ ଚମ୍ବାରେ ପ୍ରାୟତଃ ପର୍ଯ୍ୟଟକମାନଙ୍କର ଭିଡ଼ ଦେଖିବାକୁ ମିଳୁଥିଲା। କିନ୍ତୁ ଏବେ ମନେହେଉଛି ଯେପରି ପର୍ଯ୍ୟଟକମାନେ ଚମ୍ବା ପ୍ରତି ମୁହଁ ମୋଡ଼ି ଦେଇଛନ୍ତି। ପୁରୁଣା ସହର ଚମ୍ବାଠାରେ ଧାର୍ମିକ ଓ ସାହସିକ ପର୍ଯ୍ୟଟନର ସମ୍ଭାବନାକୁ ନେଇ କୌଣସି ଠୋସ୍ ପଦକ୍ଷେପ ଏ ପର୍ଯ୍ୟନ୍ତ ଉଠାଯାଇ ନାହିଁ। ଏହା ଏକ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳ ଯେଉଁଠାରେ ଦେଖିବାକୁ ମିଳେ ଅନେକ ମନ୍ଦିର, ଘାଟି ଓ ପାହାଡ଼ୀ ଦୃଶ୍ୟ। ଚମ୍ବାର ମିଞ୍ଜର ମେଳା ଏକ ପ୍ରସିଦ୍ଧ ଉତ୍ସବ ଯାହାକୁ ପ୍ରତିବର୍ଷ ପାଳନ କରାଯାଏ। ଅନ୍ୟ ଆକର୍ଷଣଗୁଡ଼ିକ ମଧ୍ୟରେ ରହିଛି ଭୂରୀ ସିଂହ ସଂଗ୍ରହାଳୟ, ସୂର୍ଯ୍ୟମାତା ମନ୍ଦିର, କଳାଟୋପ ବନ୍ୟଜୀବ ଅଭୟାରଣ୍ୟ। ତେବେ ସେଠିକାର ସ୍ଥାନୀୟ ଲୋକମାନେ ଚମ୍ବୟାଲୀ ଭାଷାରେ କଥାବାର୍ତ୍ତା କରନ୍ତି। ସାତଟି ଉପମଣ୍ଡଳରେ ବିଭାଜିତ ହୋଇଥିବା ଚମ୍ବାରେ ଭ୍ରମଣଯୋଗ୍ୟ ଅନେକ ସ୍ଥାନ ରହିଛି। ଚମ୍ବା ନିଜର କଳା ଓ ଶିଳ୍ପ, ବିଶେଷ ଭାବରେ ପାହାଡ଼ୀ ପେଣ୍ଟିଂ ଯେଉଁଗୁଡ଼ିକ ସପ୍ତମ ଓ ଊନବିଂଶ ଶତାବ୍ଦୀ ମଧ୍ୟରେ ଉତ୍ତର ଭାରତର ପାହାଡ଼ୀ ରାଜ୍ୟରେ ତିଆରି ହୋଇଥିଲା ସେଥିପାଇଁ ବେଶ୍ ପ୍ରସିଦ୍ଧି ହାସଲ କରିଛି। ନିଜର ହସ୍ତଶିଳ୍ପ ଓ ବସ୍ତ୍ରଗୁଡ଼ିକ ପାଇଁ ମଧ୍ୟ ଚମ୍ବା ପ୍ରସିଦ୍ଧ। ଚମ୍ବାର ଖାଦ୍ୟପଦାର୍ଥ ମଧ୍ୟରେ ସବୁଠାରୁ ଅଧିକ ଲୋକପ୍ରିୟ ଖାଦ୍ୟ ରାଜମା ମଦାରା।

ନିତିଦିନ NITIDIN



### ରାଜଭବନରେ ନିଶା ନିବାରଣ ସମ୍ପର୍କିତ ସଚେତନତା ଅଭିଯାନ

## ଧୈର୍ଯ୍ୟ, ସାହସ ଏବଂ ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ: ରାଜ୍ୟପାଳ



**ଭୁବନେଶ୍ୱର,୨୩।୬/ଏନ୍‌ଏନ୍‌ଏସ୍:** ଧୈର୍ଯ୍ୟ, ସାହସ ଏବଂ ଉପଯୁକ୍ତ ମାର୍ଗଦର୍ଶନ ଦ୍ୱାରା ନିଶା ନିବାରଣ ସମ୍ଭବ ହୋଇପାରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ସୋମବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ନିଶା ନିବାରଣ ସଂପର୍କିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହା କହିଛନ୍ତି। ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ନିଶା ନିବାରଣ ଏକ ଶୀଘ୍ର ସମାଧାନର ପ୍ରସଙ୍ଗ ନୁହେଁ। ନିଶା ନିବାରଣ ପାଇଁ ସମୟ, ସାହସ, ପରିବାରର ଭୂମିକା, ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭରୁ ହସ୍ତକ୍ଷେପ ରହିଲେ ଲୋକମାନେ ନିଶାଠୁ ଦୂରେଇ ନିଜ ଜୀବନକୁ ପୁନଃ ନିର୍ମାଣ କରିପାରିବେ। ନିଶା ନିବାରଣ ସମସ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଚିନ୍ତା ପ୍ରକାଶ କରି ରାଜ୍ୟପାଳ କହିଛନ୍ତି ଯେ ଏହା କେବଳ ବ୍ୟକ୍ତିଙ୍କୁ ନୁହେଁ ବରଂ ସେମାନଙ୍କ ପରିବାର ଏବଂ ସମାଜକୁ ମଧ୍ୟ ପ୍ରଭାବିତ କରେ। ନିଶା ସ୍ୱାସ୍ଥ୍ୟକୁ କ୍ଷତି ପହଂଚାଏ, ସମ୍ପର୍କ ଭାଙ୍ଗେ ଏବଂ ସାମାଜିକ ଓ ଆଇନଗତ ସମସ୍ୟା ସୃଷ୍ଟି କରେ। ତଥାପି ସଠିକ ସାହାଯ୍ୟ ଏବଂ ଚିକିତ୍ସା ଦ୍ୱାରା ଆରୋଗ୍ୟ ସମ୍ଭବ। ରାଜ୍ୟପାଳ ପୁଣି କହିଛନ୍ତି ଯେ ଚାପ, ସାଙ୍ଗସାଥିଙ୍କ ଚାପ, ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା କିମ୍ବା କୌତୁହଳ ଯୋଗୁଁ ଲୋକମାନେ ନିଶାଗ୍ରସ୍ତ ହୋଇ ସମୟକ୍ରମେ ନିଶା ଉପରେ ନିର୍ଭରଶୀଳ ହୋଇଯାଆନ୍ତି ଏବଂ ନିଶା ଛାଡ଼ି ପାରନ୍ତି ନାହିଁ। ନିଶାଦ୍ରବ୍ୟ ଅପବ୍ୟବହାରର ଜାଲରେ ଯୁବପିଢ଼ିଙ୍କୁ ଫସିବାରୁ ରୋକିବା ପାଇଁ ପରିବାରର ଦୃଢ଼ ସମର୍ଥନ, ବ୍ୟାପକ ଗୋଷ୍ଠୀ ସଚେତନତା ଏବଂ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଆଇଜି, ଏସଟିଏଫ୍ ପିନାକ ମିଶ୍ର ନିଜ ବକ୍ତବ୍ୟରେ ବର୍ଦ୍ଧିତ ନିଶା ସମସ୍ୟା, ଏହାକୁ ହ୍ରାସ କରାଯିବା ନିମନ୍ତେ ସରକାରୀସ୍ତରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରୟାସ ଏବଂ ଏହାର ସମାଧାନର ଉପାୟ ଉପରେ ଆଲୋକପାତ କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଂଚ ବିନୟତୋଷ ମିଶ୍ର, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଓ ରାଜଭବନର ଅଧିକାରୀ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବଟର୍ ଫ୍ଲାଏ ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୃଷ୍ଟିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର,୨୩।୬/ଏନ୍‌ଏନ୍‌ଏସ୍:** ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ୨୦୨୫ର ୧୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ସୃଷ୍ଟି ଉପାଧ୍ୟାୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଳିଙ୍ଗ ଷ୍ଟାଡ଼ିୟମରେ ଆୟୋଜିତ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିୟନସିପ୍ ୨୦୨୫ ର ୧୦୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଅର୍ଜନ କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିଥିବା କ୍ରୀଡ଼ାବିତ୍ ସୃଷ୍ଟି ଉପାଧ୍ୟାୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଆପଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

## ଭୁବନେଶ୍ୱରରେ ହେବ ସାଇନ୍ସ ସିଟି

**ଭୁବନେଶ୍ୱର,୨୩।୬/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରରେ ହେବ ସାଇନ୍ସ ସିଟି। ସେଥିପାଇଁ ମୁଖ୍ୟମନ୍ତ୍ରୀ ୧୦୦ ଏକର ଜମି ମଞ୍ଜୁର କରିଛନ୍ତି। ସାଇନ୍ସ ସିଟି ପାଇଁ ଯାହା ଅର୍ଥ ଦରକାର ତାହା ଦିଆଯିବ। ସାଇନ୍ସ ସିଟିର ଆବଶ୍ୟକତା ଅଛି। ସାଇନ୍ସ ସିଟି ଦ୍ୱାରା ଛାତ୍ରଛାତ୍ରୀ ଓ ସାଧାରଣ ଜନତା ନୂଆନୂଆ ତଥ୍ୟ ଜାଣିବେ। ଏହା ସହ ବାୟୋ ଟେକ୍ନୋଲୋଜିର ଡେଭଲପ୍‌ମେଣ୍ଟ ହେବା ଦରକାର। ୪୮୦ କିଲୋମିଟର ସମୁଦ୍ରକୂଳ ଅଛି। ଚିଲିକା ପରି ହ୍ରଦ ଅଛି। ତେଣୁ ସେଥିପାଇଁ ବାୟୋ ଟେକ୍ନୋଲୋଜିର ବିକାଶ ପାଇଁ ୧୧୧୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୫ ବର୍ଷରେ ଟଙ୍କା ଖର୍ଚ୍ଚ କରାଯିବ ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

## ରେଡିଓ ଉତ୍କଳରେ ଯୋଗ ଦିବସ

**କଟକ,୨୩।୬/ଏନ୍‌ଏନ୍‌ଏସ୍:** ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ସେବକ ସମାଜ ଦ୍ୱାରା ପରିଚାଳିତ ରେଡିଓ ଉତ୍କଳ ୯୧.୨ ଏଫ୍‌ଏମ୍ ତରଫରୁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଯୋଗ ଦିବସ ପାଳନ କରାଯାଇଛି। ଉତ୍କଳ ସେବକ ସମାଜ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପ ଯଥା- ଲିଙ୍କ୍ ୱାର୍କର ସ୍କିମ୍, ଟାର୍ଗେଟେଡ୍ ଇଣ୍ଟରଭେନ୍‌ସନ୍, କେୟାର୍ ଆଣ୍ଡ ସପୋର୍ଟ ସେଣ୍ଟର୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ କରାଯାଇଥିଲା। ରେଡିଓ ଉତ୍କଳ ୯୧.୨ ଏଫ୍‌ଏମ୍‌ର ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଯୋଗ ଓ ପ୍ରାଣାୟମର ମହତ୍ତ୍ୱ ବିଷୟରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରସାରଣ କରାଯାଇଥିବା କେନ୍ଦ୍ର ନିର୍ଦ୍ଦେଶକ ଇଂ.ଅନ୍ୱୟ ଅଭିନବ ଜଣାଇଛନ୍ତି।

# ଗଣଦୁଷ୍କର୍ମ ଅପରାଧୀଙ୍କୁ କଠୋର ଦଣ୍ଡ ଦାବିରେ ବିକ୍ଷୋଭ

**କଟକ,୨୩।୬/ଏନ୍‌ଏନ୍‌ଏସ୍:** ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଓ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭର ମାଳବିକା ସାମଲ, ସିପ୍ରା ମହାନ୍ତି, ଝରଣା ଦାସ, ମନସ୍ୱିନୀ ପ୍ରଦାନ, ନମିତା ବେହେରା, ଶ୍ରଦ୍ଧାଞ୍ଜଳୀ ପାତ୍ର, କୁନି ଓଝା ଓ ମାନୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ଗୋପାଳପୁର ଗଣଦୁଷ୍କର୍ମ ଅପରାଧିକ ଓ ହରିଚନ୍ଦନପୁରରେ ଘଟିଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାର ଅପରାଧିମାନଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ପ୍ରଦାନ କରିବା ସହିତ ନାରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଆଦି ଦାବିରେ ଜିଲ୍ଲାପାଳଙ୍କ ଜରିଆରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।



# ଡ୍ରିମ୍ସରେ ବିଶ୍ୱ ଅଲମ୍ପିକ୍ ଦିବସ



**କଟକ,୨୩।୬/ଏନ୍‌ଏନ୍‌ଏସ୍:** ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଅଲମ୍ପିକ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମୁଖ୍ୟ ପ୍ରଶାସନିକ ଭବନ ନିକଟରୁ ଅଲମ୍ପିକ୍ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ସହ ଏଥିପ୍ରତି ଆଗ୍ରହ ସୃଷ୍ଟି ପାଇଁ ଏକ ସଚେନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ମୁଖ୍ୟ ସଂଯୋଜନାରେ ବ୍ୟାଡ୍‌ମିଣ୍ଟନ୍, ମ୍ୟୁଜିକ୍ ଚେୟାର୍, ଟଗ୍ ଅଫ ୱାର ଓ ଲେମ୍ବୁ ଦୌଡ଼ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, ଡ. ନୟନ ରଞ୍ଜନ ସାମଲ, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଡ. ବିଶ୍ୱରଞ୍ଜନ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୨୩।୬/ଏନ୍‌ଏନ୍‌ଏସ୍:** ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୨୫୯ଟି ଅଭିଯୋଗ ହସ୍ତଗତ ହୋଇଥିଲା। ତେବେ ୩୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହ ପାନୀୟଜଳ, ବାର୍ଦ୍ଧକ୍ୟଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## କଳାବତୀ ନିକେତନ ପକ୍ଷରୁ ବିଶ୍ୱ ସଙ୍ଗୀତ ଦିବସ



**କଟକ,୨୩।୬/ଏନ୍‌ଏନ୍‌ଏସ୍:** ବିଡ଼ାନାସୀ ସ୍ଥିତ କଳାବତୀ କଳା ନିକେତନ ପକ୍ଷରୁ ସୌମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ସଂଗୀତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଣ୍ଡିତ ଏ. ମହେଶ୍ୱର ରାଓ, ଚୌଧୁରୀ ଭାରତୀ କୃଷ୍ଣ ଦାଶ, ଏସିପି କୃଷ୍ଣଚନ୍ଦ୍ର ସେଠୀ, ପରମାନନ୍ଦ ସାହୁ, ଶରତ ନାୟକ, ଡ. ଦୀପକ କର ଓ ଚିନ୍ମୟୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଗୁରୁ ବିଶ୍ୱନାଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ବନ୍ଦନା ଗାନ କରିଥିଲା ବେଳେ ଶିଳ୍ପୀ ଦେବସ୍ମିତା ମିଶ୍ର ଶାସ୍ତ୍ରୀୟ ସଂଗୀତ ପରିବେଷଣ କରିଥିଲେ। କୁନି ଶିଳ୍ପୀ ସ୍ନେହାଶିଷ ହୋତା ଗାଇଥିବା ୨ଟି ଜଗନ୍ନାଥ ଭଜନ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଚିତ୍ରାନନ୍ଦ ପଣ୍ଡା, ଅଜୟ ବାରିକ, ଯୋଗନ୍ଦ୍ରେ ସ୍ୱାଇଁ, ତ୍ରିନାଥ ଜେନା, ଆଶୁତୋଷ ବେହେରା, ରିନା ମିଶ୍ର, ବିଭୁପ୍ରସାଦ ମିଶ୍ର, ବିଭୁ ପ୍ରସାଦ ନନ୍ଦ ଓ ରମାକାନ୍ତ ପଣ୍ଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଶେଷରେ କୁଳମଣି ଦାଶ ଧନ୍ୟବାଦ୍ ଦେଇଥିଲେ।

## ନିଜ ଅପହରଣ ନାଟକ ରଚିଥିଲେ ଛାତ୍ର

**କଟକ,୨୩।୬/ଏନ୍‌ଏନ୍‌ଏସ୍:** ଚାଉଳିଆଗଞ୍ଜ ଅଞ୍ଚଳରେ ଜଣେ ବି.ଟେକ୍ ଛାତ୍ର ନିଜେ ନିଜର ଅପହରଣ ଯୋଜନା ରଚିଥିଲେ। ପୁଲିସ ଅପହରଣ ନାଟକର ପର୍ଦ୍ଦାଫାଶ କରିଛି। ଘରୁ ନିଖୋଜ ହୋଇ ବି.ଟେକ୍ ଛାତ୍ର ନିଜର ଅପହରଣ ଯୋଜନା କରିଥିଲେ। କ୍ରିପଟୋ କରେନ୍ସିରେ କ୍ଷତି ହେବା ପରେ ଛାତ୍ର ଜଣକ ତାଙ୍କ ପରିବାର ସଦସ୍ୟଙ୍କଠାରୁ କ୍ଷତି ଭରଣା କରିବା ପାଇଁ ଟଙ୍କା ଆଦାୟ କରିବାକୁ ଯୋଜନା କରିଥିଲେ। ହେଲେ ପୁଲିସ ଘଟଣାର ପର୍ଦ୍ଦାଫାଶ କରିବାରେ ସକ୍ଷମ ହୋଇଛି। ଛାତ୍ର ଜଣକ ତାଙ୍କର କିଛି ବନ୍ଧୁଙ୍କ ସହିତ ମିଶି ତାଙ୍କ ପରିବାର ସଦସ୍ୟଙ୍କଠାରୁ ୫୦ହଜାର ଟଙ୍କା ମାଗିଥିଲେ। ନହେଲେ ଅପହରଣ କରାଯାଇଥିବା ପୁଅକୁ ମୁକ୍ତ କରାଯିବ ନାହିଁ ବୋଲି ପରିବାର ସଦସ୍ୟଙ୍କୁ ଧମକ ଦିଆଯାଇଥିଲା। ଏଥିରେ ପରିବାର ସଦସ୍ୟମାନେ ଭୟଭୀତ ହୋଇ ପୁଲିସକୁ ଖବର ଦେଇଥିଲେ। ଯୁବକଙ୍କ ଭଉଣୀ ଗତ ୨୦ ତାରିଖରେ ଏ ନେଇ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଛାତ୍ରଙ୍କ ଫୋନ୍ ଟ୍ରାକ୍ କରି ତାଙ୍କୁ ଧରିବାରେ ସଫଳ ହୋଇଛି।

## ମନ୍ଦିରର ପରିଚାଳନା କମିଟିର ନୂତନ କର୍ମକର୍ତ୍ତା



**କଟକ,୨୩।୬/ଏନ୍‌ଏନ୍‌ଏସ୍:** ସର୍ବ ମଙ୍ଗଳା ମହଲା ସଭା ଓ ରାଜେନ୍ଦ୍ର ନଗର ସର୍ବ ମଙ୍ଗଳା ମନ୍ଦିର ପରିଚାଳନା କମିଟିର ସଭାପତି ଭାବେ କୃଷ୍ଣଚନ୍ଦ୍ର ମହନ୍ତ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ରାଜେନ୍ଦ୍ର କୁମାର ଷଡ଼ଙ୍ଗୀ, ସହସମ୍ପାଦକ ସରୋଜ କୁମାର ସ୍ୱାଇଁ, ଯୁଗ୍ମ ସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ଭାବେ ଶୁଭେନ୍ଦୁ କୁମାର ମିଶ୍ର ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ପରମାନନ୍ଦ ମିଶ୍ର କାର୍ଯ୍ୟ ତୁଲାଇଥିଲାବେଳେ ଗିରିଜା ଶଙ୍କର ମହାନ୍ତି,ଶରତ ଚନ୍ଦ୍ର ପତି ସହଯୋଗ କରିଥିଲେ।

## ୨୫ରେ ଡମପଡ଼ା ଦେୱାନୀ ଅଦାଲତ ହେବ କାର୍ଯ୍ୟକ୍ଷମ

**କଟକ,୨୩।୬/ଏନ୍‌ଏନ୍‌ଏସ୍:** ଡମପଡ଼ାଠାରେ ନବନିର୍ମିତ ହୋଇଥିବା ଦେୱାନୀ ଅଦାଲତ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆସନ୍ତା ୨୫ ତାରିଖରେ କାର୍ଯ୍ୟକ୍ଷମ ହେବ ବୋଲି ଦେୱାନୀ ଅଦାଲତ ରେଜିଷ୍ଟ୍ରାର ସୂଚନା ଦେଇଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ପ୍ରଶାସନିକ ବିଚାରପତି ପଦରେ ଅବସ୍ଥିତ ଜଷ୍ଟିସ ଏସ୍. କେ. ସାହୁ ଏବଂ ଅନ୍ୟାନ୍ୟ ବିଚାରପତିଙ୍କ ଉପସ୍ଥିତିରେ ଏହି ଅଦାଲତର ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିବେ ବୋଲି ଜଣାପଡ଼ିଛି।

# ବିନୋଦ କାନୁନ୍‌ଗୋଙ୍କ ଶ୍ରାଦ୍ଧବାର୍ଷିକୀ




**କଟକ,୨୩।୬/ଏନ୍‌ଏନ୍‌ଏସ୍:** ଓଡ଼ିଆ ବିଶ୍ୱକୋଷ 'ଜ୍ଞାନମଣ୍ଡଳ'ର ରଚୟିତା, ଗବେଷକ, ସଂସ୍କାରକ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ବିନୋଦ କାନୁନଗୋଙ୍କ ୩୬ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ସ୍ଥାନୀୟ ସତୀ ଚଉରା ଶ୍ମଶାନଠାରେ ଥିବା ସ୍ମୃତି ସ୍ତମ୍ଭଠାରେ ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଡ. ପାବକ କାନୁନ୍‌ଗୋ, ପ୍ରସନ୍ନଜିତ ମହାନ୍ତି ଓ ଉତ୍ତର ଲେଙ୍କା ପ୍ରମୁଖ ପହେଲଗାମ ମୃତକ ଓ ସହିଦଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମେୟର୍ ସୁବାସ ସିଂହ, ପ୍ରଶାନ୍ତ ଦାସ, ଡ. ହେମନ୍ତ ପରିଡ଼ା, ରାମାକାନ୍ତ ନାଥ, ଚିତ୍ତରଞ୍ଜନ ମହାନ୍ତି, ଡ. ସତ୍ୟ ରାୟ, ସମରେନ୍ଦ୍ର ଘୋଷ, ଶ୍ୟାମସୁନ୍ଦର ସାହୁ, ବିଶ୍ୱଜିତ ରାୟ, ଅନ୍ତର୍ଯ୍ୟାମୀ ବରାଳ, ବୈଦନାଥ ବେହେରା, ଡା. ଆଲୋକ କାନୁନ୍‌ଗୋ, ଭୁବନାନନ୍ଦ ମହାନ୍ତି, ନାରାୟଣ ମହାନ୍ତି, ଦୀପକ କାନୁନ୍‌ଗୋ, ଶ୍ରଦ୍ଧାନନ୍ଦ ଧଳ, ଜ୍ୟୋତିପ୍ରକାଶ ମହାନ୍ତି, ସୁକାନ୍ତ ମହାନ୍ତି, ଆଲୋକ ପତି, ପ୍ରବୀର ମହାନ୍ତି, ବିଭୁତି ରଞ୍ଜନ ମହାନ୍ତି ଓ ବଜରଙ୍ଗ ମହାନ୍ତି ପ୍ରମୁଖ ସ୍ମୃତି ଚାରଣ କରିଥିଲେ। ଶେଷରେ ମାଧବ ମିଶ୍ର ଧନ୍ୟବାଦ୍ ଦେଇଥିଲେ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଚାଦର ଅର୍ପଣ

**କଟକ,୨୩।୬/ଏନ୍‌ଏନ୍‌ଏସ୍:** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସର୍ଭାଇକାଲ ଆର୍ଥ୍ରାଇଟିସ୍‌ର ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି। ନବୀନଙ୍କର ଅସ୍ତ୍ରୋପଚାର ହୋଇଛି। ଏଥିପାଇଁ ରାଜଧାନୀ ଦିଲ୍ଲୀ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ପୂଜାର୍ଚ୍ଚନା କରାଯାଇଛି। ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ କଟକ ଜିଲ୍ଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ବାବା ବୁଖାରୀଙ୍କ ପୀଠରେ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଏକ ଚାଦର ଅର୍ପଣ କରାଯାଇଛି। ଏଥିରେ ବିଜେଡି ସଂଖ୍ୟାଲଘୁ ସେଲ୍‌ର ସଭାପତି ରମଜାନ ଖାଁ, ରାଜ୍ୟ ମାଇନରଟି ସଂଘର ସୟଦ ଏକ୍ରାମ ହୁସେନଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।



# ବିସିସିଆଇର ଏଏସ୍‌ସିଏ ଲେଭେଲ୍-୧ ପାସ୍ କରିବାରେ ଶକ୍ତି ସ୍ୱରୂପ ଦ୍ୱିତୀୟ ଓଡ଼ିଆ




**କଟକ,୨୩।୬/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାର ଶକ୍ତି ସ୍ୱରୂପ ଦାଶ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଦ୍ୱାରା ପରିଚାଳିତ ଅଷ୍ଟ୍ରେଲୀୟ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂ ଆସୋସିଏସନ୍ (ଏଏସ୍‌ସିଏ)ର ଲେଭଲ୍-୧ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂ ପ୍ରଶିକ୍ଷକ ମାନ୍ୟତା ପାଠ୍ୟକ୍ରମରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଫଳତାର ସହିତ ଏହି ମର୍ଯ୍ୟାଦାଜନକ ପ୍ରମାଣପତ୍ର ହାସଲ କରିବାରେ ସେ ଦ୍ୱିତୀୟ ଓଡ଼ିଆ ହୋଇଛନ୍ତି। ପୂର୍ବରୁ ପୂର୍ଣ୍ଣେନ୍ଦୁ ଜେନା ଏହି ଉପଲବ୍ଧି ହାସଲ କରିଥିବା ଓଡ଼ିଶାର ପ୍ରଥମ ପ୍ରାର୍ଥୀ ଥିଲେ। ଏଏସ୍‌ସିଏ ଲେଭଲ୍-୧ ପାଠ୍ୟକ୍ରମ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂରେ ଏକ ମୌଳିକ ସ୍ତରର ଜ୍ଞାନ ଏବଂ ଦକ୍ଷତା ପ୍ରଦାନ କରେ, ଯାହା ଖେଳାଳିମାନଙ୍କ ପାଇଁ ମୌଳିକ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂ କାର୍ଯ୍ୟକ୍ରମ ବିକାଶ ଏବଂ କାର୍ଯ୍ୟକାରୀ କରିବାରେ ପେସାଦାରଙ୍କୁ ପ୍ରଭାବଶାଳୀ କରାଇଥାଏ।

ଉଲ୍ଲେଖନୀୟ, ଶକ୍ତି ସ୍ୱରୂପ ଦାଶ ପୂର୍ବ ସିଜିନ୍‌ରେ ୧୬ ବର୍ଷରୁ କମ୍ ଓଡ଼ିଶା ଟିମ୍‌ର ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏହା ସହିତ ଶକ୍ତିସ୍ୱରୂପ ବିସିସିଆଇ ସିଓଇ କ୍ରିକେଟ୍ ଷ୍ଟ୍ରେଙ୍ଗ୍‌ଥ ଆଣ୍ଡ୍ କଣ୍ଡିସନିଂ କାର୍ଯ୍ୟକ୍ରମ ସାର୍ଟିଫିକେଟ୍ କାର୍ଯ୍ୟକ୍ରମ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଲେଭେଲ୍-୨ କୋର୍ସ ଜୁନ୍ ୧୭ ଓ ୧୮ ତାରିଖରେ ବିସିସିଆଇର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସେଲେନ୍ସି (ସିଓଇ)ରେ ଅନୁଷ୍ଠିତ ହେବ।

ଏହି ଉଲ୍ଲେଖନୀୟ ସଫଳତା ପାଇଁ ଶକ୍ତି ସ୍ୱରୂପଙ୍କୁ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ଲିଡ୍ସ ଟେଷ୍ଟ: ରାହୁଲ ଓ ପନ୍ତଙ୍କ ଶତକ; ଭାରତର ଦ୍ୱିତୀୟ ଇନିଂସ୍ ୩୬୪ ରନ୍‌ରେ ଶେଷ

# ଇଂଲଣ୍ଡ ଆଗରେ ୩୭୧ ରନ୍‌ର ବିଜୟ ଲକ୍ଷ୍ୟ

**ଲିଡ୍ସ,୨୩।୬/ଏଜେନ୍ସି:** ସ୍ଥାନୀୟ ହେଡିଂଗ୍ଲେ ଗ୍ରାଉଣ୍ଡରେ ଖେଳାଯାଉଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଚତୁର୍ଥ ଦିନ ଭାରତର ଦ୍ୱିତୀୟ ଇନିଂସ୍ ୩୬୪ ରନ୍‌ରେ ଶେଷ ହୋଇଛି। ଭାରତ କେଏଲ୍ ରାହୁଲ ଓ ଋଷଭ ପନ୍ତଙ୍କ ଶତକ ବଳରେ ୩୭୦ ରନ୍‌ରେ ଆଗୁଆ ରହିଛି ଏବଂ ଇଂଲଣ୍ଡ ଆଗରେ ବିଜୟ ପାଇଁ ୩୭୧ ରନ୍‌ର ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଇଂଲଣ୍ଡ ଚତର୍ଥ ଦିନର ଖେଳ ଶେଷ ବେଳକୁ ବିନା ୱିକେଟ୍‌ରେ ୨୧ ରନ୍ କରିଛି। ଷ୍ଟମ୍ପ ବେଳକୁ ଜ୍ୟାକ୍ କ୍ରଲି ୧୨ ଏବଂ ବେନ୍ ଡକେଟ୍ ୯ ରନ୍ କରି ଅପରାଜିତ ରହିଥିଲେ।




ଭାରତ ପକ୍ଷରୁ ଦ୍ୱିତୀୟ ଇନିଂସ୍‌ରେ ରାହୁଲ ଓ ପନ୍ତ ଚତୁର୍ଥ ୱିକେଟ୍ ପାଇଁ ୧୯୫ ରନ୍‌ର ପାର୍ଟନରଶିପ୍ କରିଥିଲେ, ଯାହା ଫଳରେ ଇଂଲଣ୍ଡ ଆଗରେ ୩୭୧ ରନ୍‌ର ବଡ଼ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେବେ ପନ୍ତ ଓ ରାହୁଲଙ୍କ ଆଉଟ୍ ପରେ ଭାରତର ନିମ୍ନକ୍ରମ ବ୍ୟାଟର୍‌ମାନେ ପ୍ରଭାବିତ କରିପାରି ନଥିଲେ।


ଚତୁର୍ଥ ଦିନ ୯୦/୨ ସ୍କୋର୍‌ରୁ ଆଗକୁ ଖେଳିଥିବା ଭାରତକୁ କ୍ୟାପ୍ଟେନ୍ ଶୁଭମନ୍ ଗିଲ୍‌ଙ୍କ ରୂପରେ ପ୍ରାରମ୍ଭିକ ଝଟ୍‌କା ଲାଗିଥିଲା। ଗିଲ୍ ୮ ରନ୍ କରି ବ୍ରାୟଡନ୍ କାର୍ସଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଏହାପରେ ରାହୁଲ ଓ ପନ୍ତ ଚମତ୍କାର ପ୍ରଦର୍ଶନ କରି ଇଂଲିଶ ବୋଲରଙ୍କୁ ହଇରାଣ କରିଥିଲେ। ଟି' ବ୍ରେକ୍ ପୂର୍ବରୁ ପନ୍ତ ୧୧୮ ରନ୍ କରି ଆଉଟ୍ ହୋଇଥିଲେ। ପନ୍ତଙ୍କ ୧୪୦ ବଲ୍‌ର ଇନିଂସ୍‌ରେ ୧୫ ଚୌକା ଓ ୩ ଛକା ସାମିଲ ଥିଲା। ଏହା ଏହି ମ୍ୟାଚ୍‌ରେ ପନ୍ତଙ୍କ ଲଗାତାର ଦ୍ୱିତୀୟ ଏବଂ ଟେଷ୍ଟ କ୍ୟାରିୟର୍‌ର ଅଷ୍ଟମ ଶତକ। ଏହାପରେ ଇନିଂସ୍ ସମ୍ଭାଳିଥିବା ରାହୁଲ ମଧ୍ୟ ୧୩୭ ରନ୍‌ରେ ପ୍ୟାଭିଲିୟନ୍ ଫେରିଥିଲେ। ସେ ୨୪୭ ବଲ୍‌ରୁ ସମ୍ମୁଖୀନ ହୋଇ ୧୮ ଚୌକା ମାରିଥିଲେ। ରାହୁଲଙ୍କ ଆଉଟ୍ ପରେ ଭାରତୀୟ ବ୍ୟାଟର୍‌ମାନେ ରନ୍ ସଗ୍ରହ ପାଇଁ ସଂଘର୍ଷ କରିଥିଲେ। ଜୋଶ୍ ଟଙ୍ଗ୍ ଗୋଟିଏ ଓଭର୍‌ରେ ତିନିଟି ୱିକେଟ୍ ଅକ୍ତିଆର କରିଥିଲେ। ଟିମ୍ ଶେଷ ୬ ୱିକେଟ୍ ମାତ୍ର ୩୧ ରନ୍‌ରେ ହରାଇଥିଲା। କରୁଣ ନାୟର ୨୦ ରନ୍ ଏବଂ ଶାର୍ଦ୍ଦୁଳ ଠାକୁର ୪ ରନ୍ କରିଥିବା ବେଳେ ରବୀନ୍ଦ୍ର ଜାଡ଼େଜା ୨୫ ରନ୍‌ରେ ଅପରାଜିତ ଫେରିଥିଲେ। ମହମ୍ମଦ ସିରାଜ୍, ଜସ୍‌ପ୍ରୀତ୍ ବୁମ୍‌ରା ଓ ପ୍ରସିଦ୍ଧ କ୍ରିଷ୍ଣା ଖାତା ମଧ୍ୟ ଖୋଲିପାରି ନଥିଲେ। ଇଂଲଣ୍ଡ ପକ୍ଷରୁ ବ୍ରାୟଡନ୍ କାର୍ସ ଓ ଜୋଶ୍ ଟଙ୍ଗ୍ ୩-୩ ୱିକେଟ୍ ହାସଲ କରିଥିବା ବେଳେ ଶୋଏବ୍ ବଶୀର ୨, କ୍ରିସ୍ ୱକ୍ସ ଓ ବେନ୍ ଷ୍ଟୋକ୍ସ ୧-୧ ସଫଳତା ପାଇଥିଲେ।

### ଲଗାତାର ଦ୍ୱିତୀୟ ଶତକ ସହ ପନ୍ତଙ୍କ ରେକର୍ଡ ବର୍ଷା

ମ୍ୟାଚ୍‌ରେ ଲଗାତାର ଦ୍ୱିତୀୟ ଶତକ ହାସଲ କରିଥିବା ଭାରତୀୟ ଭାଇସ୍ କ୍ୟାପ୍ଟେନ୍ ଋଷଭ ପନ୍ତ ବହୁ ରେକର୍ଡର ଅଧିକାରୀ ହୋଇଛନ୍ତି। ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ଶତକ ହାସଲ କରିବାରେ ସେ ପ୍ରଥମ ଭାରତୀୟ ହୋଇଛନ୍ତି। ଏହା ବ୍ୟତୀତ ସପ୍ତମ ଭାରତୀୟ ଭାବେ କୌଣସି ଟେଷ୍ଟ ମ୍ୟାଚ୍‌ର ଉଭୟ ଇନିଂସ୍‌ରେ ଶତକ ହାସଲ କରିଛନ୍ତି। ସେହିପରି ଆଣ୍ଡି ଫ୍ଲାୱାର୍‌ଙ୍କ ପରେ ଉଭୟ ଇନିଂସ୍‌ରେ ଶତକ ହାସଲ କରିବାରେ ପନ୍ତ ଦ୍ୱିତୀୟ ୱିକେଟ୍‌କିପର୍ ହୋଇଛନ୍ତି। ୧୪୦ ବଲ୍‌ରେ ୧୫ ଚୌକା ଓ ତିନି ଛକା ସହାୟତାରେ ୨୭ ବର୍ଷୀୟ ପନ୍ତ ୧୧୮ ରନ୍ କରିବା ସହିତ କେଏଲ୍ ରାହୁଲଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୧୯୫ ରନ୍‌ର ପାର୍ଟନରଶିପ୍ କରିଛନ୍ତି। ପନ୍ତ ଉଭୟ ଇନିଂସ୍‌ରେ ମୋଟ ୯ ଛକା ମାରିଛନ୍ତି। ଏହା ସହିତ ସେ ଆଣ୍ଡ୍ର୍ୟୁ ଫ୍ଲିଣ୍ଟଫ୍ ଏବଂ ବେନ୍ ଷ୍ଟୋକ୍ସଙ୍କ ସମକକ୍ଷ ହୋଇଛନ୍ତି। ଫ୍ଲିଣ୍ଟଫ୍ ଏବଂ ଷ୍ଟୋକ୍ସ ଇଂଲଣ୍ଡରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ରେ ୯-୯ ଛକା ମାରିଛନ୍ତି।


ଦ୍ୱିତୀୟ ଇନିଂସ୍‌ରେ ପନ୍ତ ୮୩ ରନ୍‌ରେ ନିଜର ସପ୍ତମ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହା ସହିତ ଇଂଲଣ୍ଡ ବିପକ୍ଷରେ ଲଗାତାର ପଞ୍ଚମ ଥର ୫୦ରୁ ଉର୍ଦ୍ଧ୍ୱ ରନ୍ କରିବାରେ ପନ୍ତ ସପ୍ତମ ବିଦେଶୀ ଖେଳାଳି ହୋଇଛନ୍ତି। ଏହି ମାମଲାରେ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଶୀର୍ଷରେ ରହିଛନ୍ତି। ସେ ସାତ ଥର ଏହି କାରନାମା କରିଛନ୍ତି।

# ଅଲ୍‌କାରାଜ୍ ଜିତିଲେ କ୍ୱିନ୍ସ କ୍ଲବ୍ ଚାମ୍ପିଅନ୍‌ଶିପ୍



**ଲଣ୍ଡନ,୨୩।୬/ଏଜେନ୍ସି:** ସ୍ପେନ୍‌ର କାର୍ଲୋସ୍ ଅଲ୍‌କାରାଜ୍ ୱିମ୍ବଲଡନ୍‌ର ଆଠଦିନ ପୂର୍ବରୁ ଏଠାରେ ଗ୍ରାସ୍ କୋର୍ଟରେ ଖଳାଯାଇଥିବା ଟେନିସ୍ ଟୁର୍ଣ୍ଣାମେଣ୍ଟ କ୍ୱିନ୍ସ କ୍ଲବ୍ ଚାମ୍ପିଅନ୍‌ଶିପ୍ ବିଜେତା ହୋଇଛନ୍ତି। ଫାଇନାଲ୍‌ରେ ସେ ଚେକ୍ ଗଣରାଜ୍ୟର ଜିରି ଲହେଚ୍‌କାଙ୍କୁ ୭-୫, ୬-୭, ୬-୨ ସେଟ୍‌ରେ ଦ୍ୱିତୀୟ ଥର ପାଇଁ ଏହି ଟାଇଟଲ୍ ଜିତିଛନ୍ତି। ଏହା ସହିତ ତାଙ୍କ ବିଜୟ ଧାରା ୧୮ ମ୍ୟାଚ୍‌ରେ ପହଞ୍ଚିଛି, ଯାହା ତାଙ୍କ କ୍ୟାରିୟର୍‌ର ସବୁଠୁ ଲମ୍ବା ବିଜୟକ୍ରମ। ଏହା ଅଲ୍‌କାରାଜ୍‌ଙ୍କ ଚତୁର୍ଥ ଗ୍ରାସ୍ କୋର୍ଟ ଟାଇଟଲ୍। କେବଳ ସର୍ବିୟାର ନୋଭାକ୍ ଜୋକୋଭିଚ୍ ତାଙ୍କଠାରୁ ଅଧିକ ଗ୍ରାସ୍ କୋର୍ଟ ଟାଇଟଲ୍ (ଆଠ) ଜିତିବାରେ ସକ୍ରିୟ ପୁରୁଷ ଖେଳାଳି। ଅଲ୍‌କାରାଜ୍ ଚାରି କିମ୍ବା ତା'ଠାରୁ ଅଧିକ ଗ୍ରାସ୍ କୋର୍ଟ ଟାଇଟଲ୍ ଜିତିବାରେ ପଞ୍ଚମ ସକ୍ରିୟ ଖେଳାଳି ହୋଇଥିବା ବେଳେ ତୃତୀୟ ସ୍ପାନିସ୍ ଖେଳାଳି। ତାଙ୍କ ପୂର୍ବରୁ ସ୍ପେନ୍‌ର ରାଫେଲ୍ ନାଡାଲ୍ ଓ ଫେଲିସିୟାନୋ ଲୋପେଜ୍ ଚାରି କିମ୍ବା ଏହାଠାରୁ ଅଧିକ ଗ୍ରାସ୍‌କୋର୍ଟ ଟାଇଟଲ୍ ଜିତିଛନ୍ତି। ଅଲ୍‌କାରାଜ୍ ୨୨ ବର୍ଷ ବୟସରେ ଏହି ଉପଲବ୍ଧି ହାସଲ କରିଥିବା ବେଳେ ନାଡାଲ୍ ୨୯ ବର୍ଷ ଏବଂ ଲୋପେଜ୍ ୩୭ ବର୍ଷ ବୟସରେ ଏହା କରିଥିଲେ।

# ଟପ୍ସ ଡେଭେଲପ୍‌ମେଣ୍ଟ ଗ୍ରୁପ୍‌ରେ ଅନିମେଷ ଓ ତେଜସ୍ୱିନ୍



**ଟିଏଜିଜି ପାଇଁ ପ୍ରଣତୀ ନାୟକ ମନୋନୀତ**

**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ଉଦୀୟମାନ ସ୍ପ୍ରିଣ୍ଟର୍ ଅନିମେଷ କୁଜୁରୁ, ଏସିଆନ୍ ଚାମ୍ପିଅନ୍‌ଶିପ୍ ରୌପ୍ୟ ପଦକ ବିଜେତା ଡେକାଥ୍‌ଲେଟ୍ ତେଜସ୍ୱିନ୍ ଶଙ୍କର ଏବଂ ମହିଳା ୪ ଗୁଣନ ୧୦୦ମି ରିଲେ ଟିମ୍ ଅଲିମ୍ପିକ୍ ପୋଡିୟମ୍ ସ୍କିମ୍ (ଟପ୍ସ)ର ଡେଭେଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ହୋଇଛନ୍ତି। ଏହା ସହିତ କ୍ରୀଡ଼ା ମନ୍ତ୍ରଣାଳୟର ସର୍ବଶେଷ ମୂଲ୍ୟାଙ୍କନରେ ଜିମ୍ନାଷ୍ଟ ପ୍ରଣତୀ ନାୟକଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟିଏଜିଜି)ରେ ସାମିଲ କରାଯାଇଛି। ୨୨ ବର୍ଷୀୟ କୁଜୁର ୨୦.୩୨ ସେକେଣ୍ଡର ଜାତୀୟ ରେକର୍ଡ ସମୟ ସହ ପୁରୁଷ ୨୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହା ଅନ୍ତର୍ଜାତୀୟ ଇଭେଣ୍ଟରେ ତାଙ୍କର ପ୍ରଥମ ପଦକ। ଅନ୍ୟପକ୍ଷରେ ୨୬ ବର୍ଷୀୟ ତେଜସ୍ୱିନ୍ ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ ଦୁଇଟି ଡେକାଥଲନ୍ ପଦକ ଜିତିବାରେ ପ୍ରଥମ ଭାରତୀୟ। ଗତମାସରେ ସାଉଥ୍ କୋରିଆର ଗୁମିରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ସେ ପୂର୍ବ ସଂସ୍କରଣର ବ୍ରୋଞ୍ଜ ପଦକକୁ ରୌପ୍ୟରେ ପରିଣତ କରିଥିଲେ। ଟପ୍ସ ଡେଭେଲପ୍‌ମେଣ୍ଟ ଗ୍ରୁପ୍‌ରେ ସାମିଲ ଖେଳାଳି ମାସିକ ୨୫ ହଜାର ଟଙ୍କା ଭତ୍ତା ପାଇବାକୁ ହକ୍‌ଦାର ହୋଇଥିବା ବେଳେ ସେମାନଙ୍କୁ ଦୀର୍ଘକାଳୀନ ପଦକ ଆଶାୟୀ ଭାବେ ବିବେଚନା କରାଯାଇଥାଏ। ଏହା ବ୍ୟତୀତ ମହିଳା ୪ ଗୁଣନ ୧୦୦ ମିଟର ରିଲେ ଟିମ୍‌ର ଅଭିନୟା ରାଜରାଜନ୍, ସ୍ନେହା ଶାନୁଭାଲୀ, ନିତ୍ୟା ଗାନ୍ଧେ ଏବଂ ଶ୍ରୀବଣୀ ନନ୍ଦ ମଧ୍ୟ ଡେଭଲେପ୍‌ମେଣ୍ଟ ଗ୍ରୁପ୍‌ରେ ସ୍ଥାନ ହାସଲ କରିଛନ୍ତି। ସେମାନେ ଏସିଆନ୍ ମିଟ୍‌ରେ ରୌପ୍ୟ ପଦକ ଜିତିଥିଲେ। ଅଲିମ୍ପିକ୍ ସାଇକ୍ଲ ଶେଷ ପରେ ବର୍ଷ ଆରମ୍ଭରେ କୋର୍ ଗ୍ରୁପ୍‌ରେ ଆଥ୍‌ଲେଟ୍‌ଙ୍କ ସଂଖ୍ୟା ୧୭୯ରୁ ହ୍ରାସ ପାଇ ୯୪ ହୋଇଛି। ଏହି ଲିଷ୍ଟରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍ ଭାବେ କେବଳ ଜାଭେଲିନ୍ ସୁପର୍ ଷ୍ଟାର୍ ନୀରଜ ଚୋପ୍ରା, ଷ୍ଟିପଲ୍‌ଚେଜର୍ ଅଭିନାଶ ସାବ୍‌ଲେ ଏବଂ ଲଙ୍ଗ୍ ଜମ୍ପର୍ ଏସ୍ ଶ୍ରୀଶଙ୍କର ସ୍ଥାନ ପାଇଛନ୍ତି। କୋର୍ ଗ୍ରୁପ୍‌ରେ କେବଳ ୪୨ ଜଣ ସକ୍ଷମ ଆଥ୍‌ଲେଟ୍ ଅଛନ୍ତି। ସେହିପରି ଜିମ୍ନାଷ୍ଟ ପ୍ରଣତୀ ନାୟକ ଓ ପ୍ରତିଷ୍ଠା ସାମନ୍ତ (ଭଲ୍ଟ)ଙ୍କୁ ଟାର୍ଗେଟ୍ ଏସିଆନ୍ ଗେମ୍ସ ଗ୍ରୁପ୍ (ଟାଗ୍)ରେ ସାମିଲ କରାଯାଇଛି। ପ୍ରଣତୀ ଚଳିତ ମାସ ଆରମ୍ଭରେ ସାଉଥ୍ କୋରିଆର ଜେଚିଓନ୍‌ରେ ଏସୀୟ କଳାତ୍ମକ ଜିମ୍ନାଷ୍ଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ।

# ମୁମ୍ବାଇ ଟିମ୍ ଛାଡ଼ିବେ ପୃଥ୍ୱୀ ଶ'

## ଆଗାମୀ ଘରୋଇ ସିଜନ୍‌ରେ ଅନ୍ୟ ରାଜ୍ୟରୁ ଖେଳିବେ




**ମୁମ୍ବାଇ,୨୩।୬/ଏଜେନ୍ସି:** ଭାରତୀୟ ବ୍ୟାଟର୍ ପୃଥ୍ୱୀ ଶ' ଆଗାମୀ ଘରୋଇ ସିଜନ୍‌ରେ ମୁମ୍ବାଇ ପକ୍ଷରୁ ଖେଳିବେ ନାହିଁ। ଏ ନେଇ ୨୫ ବର୍ଷୀୟ ଶ' ମୁମ୍ବାଇ କ୍ରିକେଟ୍ ସଂଘ (ଏମ୍‌ସିଏ)କୁ ନୋ-ଅବ୍‌ଜେକ୍‌ସନ୍ ସାର୍ଟିଫିକେଟ୍ (ଏନ୍‌ଓସି) ମାଗିଛନ୍ତି। ଏମ୍‌ସିଏର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି, ଏନ୍‌ଓସି ସମ୍ପର୍କିତ ଶ'ଙ୍କ ପତ୍ର ସଂଘକୁ ମିଳିଛି ଏବଂ ମଞ୍ଜୁରୀ ପାଇଁ ଏହାକୁ ଶୀର୍ଷ ପରିଷଦକୁ ପଠାଯାଇଛି। ସନ୍ଧ୍ୟା ସୁଦ୍ଧା ଏହା ଉପରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ୨୦୧୭ରେ ମୁମ୍ବାଇ ପକ୍ଷରୁ ଡେବ୍ୟୁ କରିଥିବା ଶ' ଏହି ପତ୍ରରେ ଲେଖିଛନ୍ତି - ମୁମ୍ବାଇ ଟିମ୍‌ରେ ବିତାଇଥିବା ସମୟ ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି। କିନ୍ତୁ ଏବେ ସେ ଆଗକୁ ବଢ଼ିବାକୁ ଚାହୁଁଛନ୍ତି।

ଘରୋଇ କ୍ରିକେଟ୍‌ରେ ପୃଥ୍ୱୀ ଶ'ଙ୍କ କ୍ୟାରିୟର୍ ଚମତ୍କାର ରହିଛି। ୨୦୧୭ରେ ମୁମ୍ବାଇ ପକ୍ଷରୁ ରଣଜୀ ଟ୍ରଫିରେ ପ୍ରଥମଶ୍ରେଣୀ କ୍ରିକେଟ୍ ଡେବ୍ୟୁ କରିଥିବା ଶ' ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଲଗାତାର ଉନ୍ନତ ପ୍ରଦର୍ଶନ ସହ ସେ ୩୦୦୦ରୁ ଉର୍ଦ୍ଧ୍ୱ ରନ୍ କରିଛନ୍ତି। ଟି-୨୦ ଫର୍ମାଟ୍‌ରେ ମଧ୍ୟ ସେ ମୁମ୍ବାଇ ପକ୍ଷରୁ ସୟଦ୍ ମୁସ୍ତାକ ଅଲୀ ଟ୍ରଫିରେ ଖେଳିଛନ୍ତି। ପୃଥ୍ୱୀ ଘରୋଇ କ୍ରିକେଟ୍‌ରେ ରଣଜୀ, ଦିଲୀପ୍ ଏବଂ ବିଜୟ ହଜାରେ ତିନୋଟି ପ୍ରମୁଖ ଟୁର୍ଣ୍ଣାମେଣ୍ଟର ଡେବ୍ୟୁ ମ୍ୟାଚ୍‌ରେ ହିଁ ଶତକ ହାସଲ କରିଥିଲେ। ଏହା ବ୍ୟତୀତ ୨୦୧୮ର ଅଣ୍ଡର-୧୯ ବିଶ୍ୱକପ୍ ବିଜେତା ଭାରତୀୟ ଟିମ୍ କ୍ୟାପ୍ଟେନ୍ ମଧ୍ୟ ଥିଲେ। ଏହି ବର୍ଷ ଶ' ଅନ୍ତର୍ଜାତୀୟ ଡେବ୍ୟୁ ମଧ୍ୟ କରିଥିଲେ। ଡେବ୍ୟୁ ଟେଷ୍ଟ ମ୍ୟାଚ୍‌ରେ ସେ ଶତକ ମଧ୍ୟ ହାସଲ କରିଥିଲେ। ୨୦୨୧ ଜୁଲାଇରେ ଶ୍ରୀଲଙ୍କା ବିପକ୍ଷରେ ସେ ନିଜର ଶେଷ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେବେଠାରୁ ସେ ଭାରତ ପାଇଁ କୌଣସି ମ୍ୟାଚ୍ ଖେଳିନାହାନ୍ତି।

# ଅଲ୍ ଏନ୍‌କୁ ହରାଇଲା ମାଞ୍ଚେଷ୍ଟର ସିଟି

**କ୍ଲବ୍ ବିଶ୍ୱକପ୍ ଫୁଟବଲ୍**



**ଲଣ୍ଡନ,୨୩।୬/ଏଜେନ୍ସି:** ଇଲ୍‌କେ ଗୁଣ୍ଡୋଗନ୍‌ଙ୍କ ଦୁଇଟି ଏବଂ ଏରଲିଙ୍ଗ୍ ହାଲେଣ୍ଡଙ୍କ ଗୋଟିଏ ପେନାଲ୍‌ଟି ଗୋଲ୍ ସହାୟତାରେ ମାଞ୍ଚେଷ୍ଟର ସିଟି ରବିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଲ୍ ଏନ୍‌କୁ ୬-୦ ଗୋଲ୍‌ରେ ଶୋଚନୀୟ ଭାବେ ହରାଇ କ୍ଲବ୍ ବିଶ୍ୱକପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ନକ୍‌ଆଉଟ୍‌ରେ ସ୍ଥାନ ପକ୍କା କରିଛି। ସେହିପରି ସିଟି ପକ୍ଷରୁ କ୍ଲାଓଡିୟା ଏଚେଭେରୀ, ଓସ୍କାର ବବ୍ ଏବଂ ୟୋନ୍ ଚେର୍କି ମଧ୍ୟ ଗୋଟିଏ ଲେଖାଏ ଗୋଲ୍ ଦେଇଛନ୍ତି। ମାଞ୍ଚେଷ୍ଟର ସିଟି ଚଳିତ ସିଜନ୍‌ରେ ଇଂଲିଶ ପ୍ରିମିୟର୍ ଲିଗ୍‌ରେ ତୃତୀୟ ସ୍ଥାନରେ ରହିଥିବା ବେଳେ ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍‌ର ନକ୍‌ଆଉଟ୍ ପ୍ଲେଅଫ୍‌ରେ ରିୟଲ୍ ମାଦ୍ରିଦ୍‌ଠାରୁ ପରାଜିତ ହୋଇଥିଲା। ଟିମ୍ କ୍ଲବ୍ ବିଶ୍ୱକପ୍ ପ୍ରାରମ୍ଭିକ ଗ୍ରୁପ୍ ମ୍ୟାଚ୍‌ରେ ମରକ୍କୋର ବିଦାଦ୍ ବିପକ୍ଷରେ ୨-୦ର ବିଜୟ ସହିତ ନିଜ ଅଭିଯାନର ଚମତ୍କାର ଆରମ୍ଭ କରିଛି।

**ପଚୁକା ବିପକ୍ଷରେ ରିୟଲ୍ ମାଦ୍ରିଦ୍ ବିଜୟୀ**

ଟୁର୍ଣ୍ଣାମେଣ୍ଟର ଅନ୍ୟ ଏକ ମ୍ୟାଚ୍‌ରେ ଅଧିକାଂଶ ସମୟ ୧୦ ଜଣ ଖେଳାଳିରେ ଖେଳିବା ସତ୍ତ୍ୱେ ରିୟଲ୍ ମାଦ୍ରିଦ୍ ଜୁଡ ବେଲିଙ୍ଗ୍‌ହାମ୍ ଓ ଅର୍ଡା ଗୁଲର୍‌ଙ୍କ ପ୍ରଥମାର୍ଦ୍ଧ ଗୋଲ୍ ବଳରେ ପଚୁକାକୁ ୩-୧ ଗୋଲ୍‌ରେ ହରାଇ ଦେଇଛି। ରବିବାର ରାତିରେ ଅନୁଷ୍ଠିତ ମ୍ୟାଚ୍‌ର ସପ୍ତମ ମିନିଟ୍‌ରେ ରେଡ୍ କାର୍ଡ ମିଳିବା ଫଳରେ ଡିଫେଣ୍ଡର୍ ରାଉଲ୍ ଏସେନସିୟୋଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ ରିୟଲ୍ ମାଦ୍ରିଦ୍ ମେକ୍ସିକୋ କ୍ଲବ୍ ବିପକ୍ଷରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦବ୍‌ଦବା ବଜାୟ ରଖିଥିଲା ଏବଂ କୋଚ୍ ଜାବି ଓଲୋନ୍‌ସୋଙ୍କୁ ପ୍ରଥମ ବିଜୟ ଦେଇଥିଲା। ରିୟଲ୍ ମାଦ୍ରିଦ୍‌ର ଷ୍ଟାର୍ ଷ୍ଟ୍ରାଇକର୍ କିଲିୟନ୍ ଏମ୍‌ବାପେ ଅସୁସ୍ଥତା କାରଣରୁ କ୍ଲବ୍ ବିଶ୍ୱକପ୍‌ର ଦୁଇଟି ମ୍ୟାଚ୍ ଖେଳିପାରି ନାହାନ୍ତି। ସେ ଗୁରୁବାର ହେବାକୁ ଥିବା ସାଲ୍‌ଜବର୍ଗ ବିପକ୍ଷ ମ୍ୟାଚ୍ ବେଳକୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବା ଆଶା କରାଯାଉଛି।




# ଅନ୍ତର୍ଜାତୀୟ ହକିରୁ ଲଳିତ ଉପାଧ୍ୟାୟଙ୍କ ସନ୍ନ୍ୟାସ

## ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍ ବ୍ରୋଞ୍ଜ ବିଜେତା ଭାରତୀୟ ଟିମ୍‌ର ସଦସ୍ୟ



**ନୂଆଦିଲ୍ଲୀ,୨୩।୬/ଏଜେନ୍ସି:** ଅନୁଭବୀ ଫରୱାର୍ଡ ଲଳିତ ଉପାଧ୍ୟାୟ ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ନେଇଛନ୍ତି। ରବିବାର ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍‌ରେ ସେ ଏହି ସୂଚନା ଦେଇଛି। ଲଳିତ ଟୋକିଓ ଓ ପ୍ୟାରିସ୍ ଅଲିମ୍ପିକ୍‌ର ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ପୁରୁଷ ହକି ଟିମ୍‌ର ସଦସ୍ୟ ଥିଲେ। ଲଳିତ ୨୦୧୪ ବିଶ୍ୱକପ୍ ଜରିଆରେ ଅନ୍ତର୍ଜାତୀୟ ହକିରେ ଡେବ୍ୟୁ କରିଥିଲେ ତଥା ଅଲିମ୍ପିକ୍‌ରେ ଦୁଇଟି ପଦକ ଜିତିବା ତାଙ୍କ କ୍ୟାରିୟର୍‌ର ସବୁଠୁ ବଡ଼ ଉପଲବ୍ଧି। ସେ ୨୦୨୦ ଟୋକିଓ ଅଲିମ୍ପିକ୍‌ରେ ଇତିହାସ ରଚିଥିବା ଟିମ୍‌ର ମହତ୍ତ୍ୱପୂର୍ଣ୍ଣ ସଦସ୍ୟ ଥିଲା। ଟୋକିଟରେ ଭାରତ ଦୀର୍ଘ ସମୟ ପରେ ଅଲିମ୍ପିକ୍ ପଦକ ଜିତିଥିଲା। ଏହାପରେ ଭାରତ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ପୁଣିଥରେ ବ୍ରୋଞ୍ଜ ପଦକ ଜିତିଥିଲା ଏବଂ ଲଳିତ ଏହି ଟିମ୍‌ର ମଧ୍ୟ ଅଭିନ୍ନ ଅଙ୍ଗ ଥିଲେ।

ରବିବାର ବେଲ୍‌ଜିୟମ୍ ବିପକ୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ ସିଜନ୍‌ର ୟୁରୋପ ଚରଣରେ ଭାରତର ଅନ୍ତିମ ମ୍ୟାଚ୍‌ର ତୁରନ୍ତ ପରେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ନେବା ସମ୍ପର୍କରେ ଘୋଷଣା କରିଛନ୍ତି। ସେ ଏହି ପୋଷ୍ଟରେ ଲେଖିଛନ୍ତି- ସୀମିତ ସଂସାଧନ ଥିବା ଏକ ଛୋଟିଆ ଗାଁରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା, ମାତ୍ର ସ୍ୱପ୍ନ ଅସୀମ ଥିଲା। ଷ୍ଟିଙ୍ଗ୍ ଅପରେସନ୍‌ର ସାମ୍ନା କରିବାଠାରୁ ନେଇ ପୁଣି ଥରେ ନୁହେଁ ଦୁଇଥର ଅଲିମ୍ପିକ୍ ପୋଡିୟମ୍‌ରେ ପହଞ୍ଚିବାର ଏହି ଯାତ୍ରା ଆହ୍ୱାନ, ବିକାଶ ଏବଂ ଅବିସ୍ମରଣୀୟ ଗୌରବରେ ଭରପୂର ରହିଛି। ୨୬ ବର୍ଷ ପରେ ନିଜ ସହର (ବାରାଣସୀ)ର ପ୍ରଥମ ଅଲିମ୍ପିଆନ୍ ହେବା ଘଟଣାକୁ ସର୍ବଦା ପୁରା ସମ୍ମାନର ସହ ମନେରଖିବି।

ଗୋଲ୍ କରିବାର ଅଦ୍ଭୁତ କ୍ଷମତା ରଖିଥିବା ଲଳିତ ସିନିୟର୍ ସ୍ତରରେ ଭାରତ ପାଇଁ ୧୮୩ ମ୍ୟାଚ୍ ଖେଳି ୬୭ ଗୋଲ୍ କରିଛନ୍ତି। ୩୧ ବର୍ଷୀୟ ଖେଳାଳି ଭାରତ ପକ୍ଷରୁ ନିଜର ଅନ୍ତିମ ମ୍ୟାଚ୍ ଜୁନ୍ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲେ। ଭାରତୀୟ ହକିରେ ଲଳିତଙ୍କ ଯୋଗଦାନ ସମ୍ପର୍କରେ ଉଲ୍ଲେଖ କରି ହକି ଇଣ୍ଡିଆ ସଭାପତି ଦିଲୀପ୍ ତିର୍କୀ କହିଛନ୍ତି, ଲଳିତ ନିଜ ପିଢ଼ିର ସବୁଠୁ ଚମତ୍କାର ଏବଂ ସମର୍ପିତ ଫରୱାର୍ଡଙ୍କ ମଧ୍ୟରୁ ଅନ୍ୟତମ। ମହତ୍ତ୍ୱପୂର୍ଣ୍ଣ ଅଲିମ୍ପିକ୍ ମ୍ୟାଚ୍ ହେଉ କିମ୍ବା ଲିଗ୍ ମ୍ୟାଚ୍, ସେ ସର୍ବଦା ଭାରତୀୟ ଜର୍ସିକୁ ଗର୍ବର ସହିତ ପିନ୍ଧିଛନ୍ତି ଏବଂ ହୃଦୟର ସହ ଖେଳିଛନ୍ତି। ବାରାଣସୀର ଏକ ସଂକୀର୍ଣ୍ଣ ଗଳିର ବାହାର ଦୁଇଥର ଅଲିମ୍ପିକ୍ ପୋଡିୟମ୍‌ରେ ଛିଡ଼ାହେବା ପର୍ଯ୍ୟନ୍ତ ତାଙ୍କ ଯାତ୍ରା କୌଣସି ପ୍ରେରଣାଠାରୁ କମ୍ ନୁହେଁ। ଭାରତୀୟ ହକି ପ୍ରତି ତାଙ୍କ ନିଃସ୍ୱାର୍ଥ ସେବା ପାଇଁ ଆମେ ତାଙ୍କୁ ଧନ୍ୟବାଦ ଦେବା ସହିତ ତାଙ୍କ ଭବିଷ୍ୟତ ପାଇଁ ଶୁଭକାମନା ଜଣାଉଛୁ।

ଲଳିତ ଅଲିମ୍ପିକ୍ ବ୍ୟତୀତ ୨୦୧୬ ଏସିଆନ୍ ଚାମ୍ପିଅନ୍ସ ଟ୍ରଫି ଏବଂ ୨୦୧୭ ଏସିଆ କପ୍‌ର ଭାରତର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହା ବ୍ୟତୀତ କେତେକ ଅନ୍ୟ ପ୍ରତିଯୋଗିତାରେ ସେ ପଦକ ମଧ୍ୟ ଜିତିଛନ୍ତି। ଏହା ମଧ୍ୟରେ ୨୦୧୭ ହକି ବିଶ୍ୱ ଲିଗ୍ ଫାଇନାଲ୍‌ରେ ବ୍ରୋଞ୍ଜ, ୨୦୧୬ ଚାମ୍ପିଅନ୍‌ସ ଟ୍ରଫିରେ ରୌପ୍ୟ, ୨୦୧୮ ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ଏବଂ ୨୦୧୮ ଏସିଆନ୍ ଚାମ୍ପିଅନ୍ସ ଟ୍ରଫିରେ ସ୍ୱର୍ଣ୍ଣ ପଦକ ସାମିଲ। ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୧-୨୨ରେ ତୃତୀୟ ସ୍ଥାନରେ ଥିବା ଏବଂ ୨୦୨୨ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଟିମ୍‌ର ସଦସ୍ୟ ମଧ୍ୟ ଥିଲେ। ଭାରତୀୟ ହକିରେ ତାଙ୍କ ଯୋଗଦାନ ପାଇଁ ଲଳିତଙ୍କୁ ୨୦୨୧ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra